

ମୁଁ ମହିଳା କ୍ରିକେଟ୍ ଖେଳିବାକୁ ଯୋଗ୍ୟ: ଅନନ୍ୟା ବାଙ୍ଗର

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-352 ♦BHUBANESWAR ♦FRIDAY ♦20 JUNE 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୫୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୦ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



DADLS-34



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସେବା
ସୁଶାସନ
ଗରିବ କଲ୍ୟାଣ
ପାଇଁ ସମର୍ପିତ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ
ରାଜ୍ୟ ସରକାରଙ୍କ ୧ ବର୍ଷ

ପ୍ରଧାନମନ୍ତ୍ରୀ
ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା

₹ ୧୮,୬୦୦ କୋଟିର ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ

ନୂତନ ରେଳ ସେବା ଏବଂ ୧୦୦ ବ୍ୟାଟେରୀ ଚାଳିତ ବସ୍‌ର ଶୁଭାରମ୍ଭ

ବରପୁତ୍ର ସମ୍ମାନ ଯୋଜନାର ଲୋକାର୍ପଣ

ଓଡ଼ିଶା ଭିଜନ୍ ୨୦୩୬ | ୨୦୪୭ ପୁସ୍ତିକା ଶୁଭ ଉନ୍ମୋଚନ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପୁସ୍ତିକା ଉନ୍ମୋଚନ

ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ

୨୦ ଜୁନ୍ ୨୦୨୫ | ଅପରାହ୍ନ ୪ ଘଟିକା | ଜନତା ମଇଦାନ, ଭୁବନେଶ୍ୱର

ଗରିମାମୟ ଉପସ୍ଥିତି

ଡ. ହରି ବାବୁ କମ୍ଭମ୍ପାଟି
ରାଜ୍ୟପାଳ, ଓଡ଼ିଶା

ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଶ୍ରୀଯୁକ୍ତ ଜୁଏଲ ଓରାମ
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହ ଦେଓ
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀମତୀ ପ୍ରଭାତୀ ପରିଡା
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକା ଗଣ

ସିଧା ପ୍ରସାରଣ: DD News and DD Odia | YouTube: @DD Odia News Official/@DD Odia

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

■ ରଥଖଳାରୁ...

# ନାଟଗୋଡ଼ରେ ରୂପ ଖୋଦେଇ ଶେଷ



ପୁରୀ,୧୯।୬(ସମିସ): ଆଉ ୭ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରି ସରି ଆସୁଛି। ରଥଖଳାରେ ବି କାମ ଦ୍ରୁତଗତିରେ ଆଗେଇ ଚାଲିଛି। ଗୁରୁବାର ତିନିରଥରେ ପଟା ପଡ଼ି ବେଦୀ ନିର୍ମାଣ ଶେଷ ହୋଇଛି। ବେଦୀ ସିଂହାସନ ମୁହାଁଟିର ରଙ୍ଗକାର୍ଯ୍ୟ ଚିତ୍ରକର ସେବକ ଆରମ୍ଭ କରିଛନ୍ତି। ପ୍ରତ୍ୟେକ ରଥର ପ୍ରଭା ଫ୍ରେମ୍‌ରେ ବାଙ୍କ ପଡ଼ି ରୂପ ଖୋଦେଇ ପଟା ସେଟିଂ ଶେଷ ହୋଇଛି। ଶୁକ୍ରବାର ରୂପକାର ସେବକ ପ୍ରଭାଗୁଡ଼ିକରେ ରୂପ ଖୋଦେଇ କାର୍ଯ୍ୟ ଆରମ୍ଭ କରିବେ। ତିନିରଥର ୧୨ଟି ଦୁଆରବେଢ଼ା ମଧ୍ୟରୁ ୯ଟିର ନିର୍ମାଣ ଶେଷ ହୋଇଥିବାବେଳେ ଶୁକ୍ରବାର ବାକି ୩ଟିର ନିର୍ମାଣ ହେବ। ରୂପକାର ସେବକମାନେ ତିନି ରଥର ମୋଟ୍ ୨୪ଟି ନାଟଗୋଡ଼ରୁ ୧୮ଟିରେ ରାହୁ ରୂପ ଖୋଦେଇ ଶେଷ କରିଥିଲେ। ବାକି ୬ଟି ନାଟଗୋଡ଼ର ରୂପ ଖୋଦେଇ ସମ୍ପୂର୍ଣ୍ଣ କରିଛନ୍ତି। ଏତଦ୍‌ବ୍ୟତୀତ ପଟା ଗୁଜଗୁଡ଼ିକରେ ନର ବିରାଳ, ଗଜ ବିରାଳ ଏବଂ ସିଂହ ବିରାଳ ଚିତ୍ର ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ଚିତ୍ରକର ସେବକମାନେ ତିନିରଥ ଗୋଟିଏ ଗୋଟିଏ ସିଂହାସନ ମୁହାଁଟିର ରଙ୍ଗ କାର୍ଯ୍ୟ ପାଇଁ ସେଥିରେ ପ୍ରାଇମର ଦେବାସହ ନାଟଗୋଡ଼ଗୁଡ଼ିକର ରଙ୍ଗ କରୁଛନ୍ତି। ଏଥିସହ ରଥ ପାର୍ଶ୍ୱ ଦେବଦେବୀ ମୂର୍ତ୍ତିର ରଙ୍ଗ କାର୍ଯ୍ୟ ସହ ତିନିରଥ ଗୁଜ, ଚକଗୁଡ଼ିକରେ ରଙ୍ଗ ଦେଉଛନ୍ତି। ଦରଜୀ ସେବକମାନେ ତିନିରଥର ୨୪ଟି ବତା କନାରେ ୭୨ଟି ବିଳାସ ପଟି ଲାଗି ଶେଷ କରି ୧୨ଟି ଦୁଆରବେଢ଼ା ପାଇଁ କନାକଟା ପରେ ସେଥିରେ ଲେସ୍, ଚିକ୍କଣ ସିଲ୍‌ଭର ଜରିରେ ଫୁଲ ଡାଳି ପକାଉଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନି ରଥର ସାରଥି ବାଗିଆ କଣ୍ଟା (ହାତ ଏବଂ ଜଏଣ୍ଟ ସ୍ଥାନ ପାଇଁ) ନିର୍ମାଣ ସହ ପ୍ରଭା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ରାଜ୍ୟରେ ଆଇନଶୃଙ୍ଖଳାକୁ ନେଇ ବର୍ଷିଲା ବିଜେଡି

# ବିଜେପି ସରକାରରେ ଅପରାଧୀ ଭୟଶୂନ୍ୟ



ଭୁବନେଶ୍ୱର,୧୯।୬(ସମିସ): ରାଜ୍ୟରେ ଅପରାଧୀ ଭୟଶୂନ୍ୟ, ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ମହିଳା ଓ ଶିଶୁମାନେ ଅସୁରକ୍ଷିତ। ବିଜେପି ଶାସନ କରିବା ପରେ ଓଡ଼ିଶା ଏବେ ଦେଶର ଅଷ୍ଟମ ଅପରାଧ ପ୍ରବଣ ରାଜ୍ୟ। ମହିଳା ଓ ଶିଶୁଙ୍କୁ ସୁରକ୍ଷା ଦେବାରେ ଅପାରଗ ସରକାର ବିଫଳ ବୋଲି ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ଶଙ୍ଖ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ରାଜଶ୍ରୀ ମଲ୍ଲିକ, ସାଧାରଣ

■ ମହିଳା ଓ ଶିଶୁଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ
■ ଓଡ଼ିଶା ଏବେ ଦେଶର ଅଷ୍ଟମ ଅପରାଧପ୍ରବଣ ରାଜ୍ୟ
■ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କରନ୍ତୁ ପ୍ରଧାନମନ୍ତ୍ରୀ

ସମ୍ପାଦିକା ଶର୍ମିଷ୍ଠା ସେଠୀ, ମେୟର ସୁଲୋଚନା ଦାସ ପ୍ରମୁଖ ରାଜ୍ୟ ସରକାରଙ୍କ ଅପାରଗତାକୁ କଟୁ ସମାଲୋଚନା କରିଛନ୍ତି।

ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବିଜେପି ରାଜ୍ୟବାସୀଙ୍କୁ ଅନେକ ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିବା ପରେ ରାଜ୍ୟକୁ ସୁଶାସନ ପ୍ରଦାନରେ ବିଫଳ ହୋଇଛି। ରାଜ୍ୟରେ ନାରୀ ନିର୍ଯ୍ୟାତନା ଅହେତୁକ ବୃଦ୍ଧି ପାଇଛି। ରାଜ୍ୟରେ ମହିଳା ଓ ଶିଶୁମାନଙ୍କ ପ୍ରତି ଅପରାଧ ବଢ଼ି ଚାଲିଛି, କିନ୍ତୁ ରାଜ୍ୟ ସରକାର ମିଛ ସଫଳତାର ପ୍ରଚାରରେ ମାତିଛନ୍ତି। ବିଜେପିର ଓଡିଆ ଅସ୍ମିତା ସ୍ଲୋଗାନ ପ୍ରହସନରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ବାରମ୍ବାର ରାଜ୍ୟକୁ ଆସୁଛନ୍ତି ଓ ଏହି ସମୟରେ ଅଧିକ ଅପରାଧ ଘଟିଥିବା ଦେଖାଯାଉଛି। ତେଣୁ ରାଜ୍ୟର ଆଇନ ଶୃଙ୍ଖଳାର ସ୍ଥିତିକୁ ପ୍ରଧାନମନ୍ତ୍ରୀ ସମୀକ୍ଷା କରନ୍ତୁ ବୋଲି ପ୍ରମିଳା କହିଛନ୍ତି।

ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତି ସଫଳତାକୁ ପ୍ରଚାର କରିବା ପାଇଁ ଗୋଟିଏ ବର୍ଷରେ ଅନେକ ଉପଲବ୍ଧିର ସ୍ଲୋଗାନ ଦେଉଛନ୍ତି।ଦେଶର ଅପରାଧ ପ୍ରବଣ ରାଜ୍ୟ ମଧ୍ୟରେ ଓଡ଼ିଶା ୮ମସ୍ଥାନ ସ୍ଥାନ କରିବା ବିଜେପି ପାଇଁ ନିଶ୍ଚିତ ବଡ଼ ଉପଲବ୍ଧି। ଦେଶର ପ୍ରଥମ ଦଶଟି ରାଜ୍ୟ ମଧ୍ୟରେ ଆଠଟି ବିଜେପି ଶାସିତ ରାଜ୍ୟ ରହିଛି । ଗତ ଏକ ବର୍ଷରେ ରାଜ୍ୟରେ ଦୁଷ୍କର୍ମ, ଅପହରଣ, ହତ୍ୟା ଇତ୍ୟାଦି ଉଦବେଗଜନକ ଭାବେ ବୃଦ୍ଧି ପାଇଛି। ବିଧାନସଭାରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ ଗତ ଏକ ବର୍ଷରେ ରାଜ୍ୟରେ ତିନି ହଜାରରୁ ଉର୍ଦ୍ଧ୍ୱ ଦୁଷ୍କର୍ମ ହୋଇଛି। ତେଣୁ ରାଜ୍ୟରେ ମହିଳା ଓ ଶିଶୁ କେତେ ଅସୁରକ୍ଷିତ, ଏହି ତଥ୍ୟରୁ ସ୍ପଷ୍ଟ ଅନୁମେୟ ।

ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ମହିଳା ଓ ଶିଶୁ ବିରୋଧୀ ହିଂସା ମାମଲାକୁ ପଞ୍ଜିକୃତ କରିବା ପାଇଁ ରାଜ୍ୟର ୬୦୦ଟି ଥାନାରେ ମହିଳା ଓ ଶିଶୁ ଡେସ୍କ ସ୍ଥାପନ କରାଯାଇଥିଲା। ସେଗୁଡିକ ଏବେ କାର୍ଯ୍ୟକ୍ଷମ ନାହିଁ, ଫଳସ୍ୱରୂପ ନିର୍ଯାତନାର ଶିକାର ହୋଇଥିବା ମହିଳାମାନେ ସେମାନଙ୍କ ଅଭିଯୋଗ ଦାଖଲ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାରଙ୍କ ଅପାରଗତା ଯୋଗୁଁ ରାଜ୍ୟରେ ଅପରାଧ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ବିଜେଡ଼ି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ରଥଯାତ୍ରା ସମୀକ୍ଷା କଲେ ଉଚ୍ଚସ୍ତରୀୟ ମନ୍ତ୍ରୀ କମିଟି

# ଭକ୍ତଙ୍କ ସୁଖଦ ଓ ସୁରକ୍ଷିତ ଦର୍ଶନ ପାଇଁ ପରାମର୍ଶ

ପୁରୀ,୧୯।୬(ସମିସ): ପାଖେଇ ଆସିଲାଣି ରଥଯାତ୍ରା। ସମସ୍ତ କାର୍ଯ୍ୟକୁ ଚୂଡ଼ାନ୍ତ ରୂପ ଦେବାକୁ ସରକାର, ପ୍ରଶାସନ ଓ ସେବାୟତ ପ୍ରସ୍ତୁତ ଚଳାଇଛନ୍ତି। ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀ ଯେପରି ସୁଖଦ ଓ ଶୃଙ୍ଖଳିତ ଦର୍ଶନ କରିବେ ସେଥିପାଇଁ ପ୍ରତ୍ୟେକ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ରଥଯାତ୍ରା ପାଇଁ ଗଠିତ ଉଚ୍ଚସ୍ତରୀୟ ମନ୍ତ୍ରୀ କମିଟି। ଗୁରୁବାର

■ ରଥଖଳା ବୁଲି ରଥ ନିର୍ମାଣ ଅଗ୍ରଗତି ସମ୍ପର୍କରେ ବୁଝିଲେ
■ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅନୁଧ୍ୟାନ କଲେ



ପୂର୍ବାହ୍ଣରେ ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ଠାରେ ଉପମୁଖ୍ୟମନ୍ତ୍ରୀ ତଥା କମିଟି ଅଧ୍ୟକ୍ଷ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରମୁଖ ପହଞ୍ଚି ଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ବିଷଦ୍ ଭାବେ ଅବଗତ କରାଇଥିଲେ। ପରେ ସମସ୍ତ ମନ୍ତ୍ରୀଙ୍କ ସହ ଉପ ମୁଖ୍ୟମନ୍ତ୍ରୀ ରଥଖଳା ପରିଦର୍ଶନ କରି ରଥ ନିର୍ମାଣର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ଏହା ପରେ ସିଂହଦ୍ୱାର ଓ ଶ୍ରୀମନ୍ଦିର ପରିଦର୍ଶନ କରିବା ସହ ଅତିଥିମାନଙ୍କ ବସିବା ବ୍ୟବସ୍ଥାକୁ ତଦାରଖ କରିଥିଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରି ରଥଯାତ୍ରା ନୀତିକାନ୍ତି ସମ୍ପର୍କରେ ସୂଚନା ଦେବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ନୀତି ସମ୍ପନ୍ନ ପାଇଁ ସେବାୟତଙ୍କ ସହ ଆଲୋଚନା ସମ୍ପର୍କରେ ଅବଗତ କରାଇଥିଲେ।

ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. ମହାପାତ୍ର ସ୍ୱଚ୍ଛତା, ଡ୍ରେନ୍ ସଫା, ଆଲୋକ ବ୍ୟବସ୍ଥା ସମ୍ପର୍କରେ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଜେନା ପରିବହନ ବ୍ୟବସ୍ଥା, ପାର୍କିଂ ସ୍ଥଳ, ୨୦୦ ଅଟୋ ମାଧ୍ୟମରେ ମାଗଣାରେ ଯାତ୍ରୀ ପରିବହନ ବ୍ୟବସ୍ଥା ଓ ଯାତ୍ରୀମାନଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସମସ୍ତଙ୍କୁ ଖଣ୍ଡୁଆ ପାଟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ କମିଟି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅନୁଧ୍ୟାନ କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ଶେଷରେ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିଥିଲେ।

ଅପରାହ୍ଣରେ ସର୍କିଟ୍ ହାଉସ୍‌ଠାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମତୀ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିବା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ସୂଚନା କେନ୍ଦ୍ରଗୁଡ଼ିକ ସଠିକ୍ ପରିଚାଳନା କରିବା, ଯାତ୍ରୀମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେବା, ନିରବଚ୍ଛିନ୍ନ ବିଦ୍ୟୁତ୍, ପାନୀୟଜଳ ଯୋଗାଣ, ରାସ୍ତା ମରାମତି, ସୁରକ୍ଷା ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ଦୂରଦର୍ଶନ ମାଧ୍ୟମରେ ରଥଯାତ୍ରାର ସିଧା ପ୍ରସାରଣ ଇତ୍ୟାଦି ସମ୍ପର୍କରେ ସମୀକ୍ଷା କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରଥ ନିର୍ମାଣ କାର୍ଯ୍ୟ ବେଶ୍ ଅଗ୍ରଗତି କରିଛି ଓ ନିର୍ଦ୍ଧାରିତ ସମୟ ପୂର୍ବରୁ ସରିବାର ଆଶା ରହିଛି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଦୟାଲ ଗଙ୍ଗୱର, ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ବିଭାଗ ପ୍ରମୁଖ ସଚିବ ମାନସ ରଞ୍ଜନ ବାରିକ, କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ଆଇଜି ଟ୍ରେନିଂ ଅନୁପ କୁମାର ସାହୁ, ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜେଲ୍‌ରେ ଧିମାନଙ୍କ ଭଏସ୍ ରେକର୍ଡ ପରୀକ୍ଷା

ଭବାନୀପାଟଣା,୧୯।୬(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ର ପୂର୍ବତନ ଉପ ଜିଲ୍ଲାପାଳ (ଆଇଏଏସ) ଧିମାନ ଚକମାଙ୍କ ଜେଲ୍‌ରେ ଭଏସ୍ ରେକର୍ଡ ପରୀକ୍ଷା ବା ସ୍ପେକ୍ଟ୍ରୋଗ୍ରାଫି ଟେଷ୍ଟ କରାଯାଇଛି। ଗୁରୁବାର ଭିଜିଲାନ୍ସ ସେଲ୍ ପକ୍ଷରୁ ଭବାନୀପାଟଣା ଜେଲ୍‌ରେ ଧିମାନଙ୍କ ବାର୍ତ୍ତାଳାପର ଭଏସ୍ ରେକର୍ଡ ପରୀକ୍ଷା କରାଯାଇଛି। ଭିଜିଲାନ୍ସ ଡିଏସପିଙ୍କ ସମେତ କଟକରୁ ଆସିଥିବା ସ୍ୱତନ୍ତ୍ର



ଟିମ୍ ଜେଲକୁ ଯାଇ ତାଙ୍କର ଭଏସ ରେକର୍ଡର ପରୀକ୍ଷା କରିଛନ୍ତି। ବ୍ୟବସାୟୀଙ୍କୁ ଫୋନ୍ ଯୋଗେ ଟଙ୍କା ମାଗିଥିବା ସମ୍ପର୍କୀତ ଏକାଧିକ କଲ୍ ରେକର୍ଡ ସହ ଧିମାନଙ୍କ ଭଏସ ମ୍ୟାଚ୍ କରାଇବା ପାଇଁ ଭିଜିଲାନ୍ସ ସେଲ୍‌ର ଗୋଟିଏ ଟିମ୍ ଭବାନୀପାଟଣା ଆସିଥିଲେ। ସୂଚନାଯୋଗ୍ୟ, ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ସେ ଭିଜିଲାନ୍ସ ହାତରେ ଧରାପଡ଼ି ଜେଲରେ ଅଛନ୍ତି। ଗତ ୧୭ ତାରିଖରେ ଭିଜିଲାନ୍ସ କୋର୍ଟରେ ଜାମିନ ନାମଞ୍ଜୁର ହେତୁ ଏବେ ବିଚାର ବିଭାଗ ହାଜତରେ ଅଛନ୍ତି।

## ଭୁଲ୍ ଉପଧାରା ପାଇଁ ସମ୍ପୂର୍ଣ୍ଣ ତଦନ୍ତକୁ ଅବୈଧ କରାଯିବନି: ହାଇକୋର୍ଟ

କଟକ,୧୯।୬(ସମିସ): ଚାର୍ଜସିଟରେ କେବଳ ଭୁଲ ଉପଧାରା ଉଲ୍ଲେଖ କରାଯିବା ଦ୍ୱାରା ସମ୍ପୂର୍ଣ୍ଣ ତଦନ୍ତକୁ ଅବୈଧ ବୋଲି ବିବେଚନା କରାଯାଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଫୌଜଦାରୀ କାର୍ଯ୍ୟଧାରା ଉପରେ ଏପରି ସାମାନ୍ୟ ତ୍ରୁଟିର ପ୍ରଭାବ ପ୍ରସଂଗରେ ପ୍ରମୋଦ କୁମାର ସିଂହଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ସାବିତ୍ରୀ ରଥ ଏହି ରାୟ ପ୍ରକାଶ କରିଛନ୍ତି। ବିଏନଏସ ଧାରା ୧୯୩(୯) ପରିବର୍ତ୍ତେ ଏକ ଭୁଲ ଉପଧାରା ୧୯୩(୮) ଉଲ୍ଲେଖ କରାଯାଇଥିବାରୁ ଏହା ପୂରା ତଦନ୍ତକୁ ଅବୈଧ କରିବ ନାହିଁ ବୋଲି ଅଦାଲତ କହିଛନ୍ତି। ଜଣେ ପୀଡ଼ିତାଙ୍କ ଉପରେ ନିଷ୍ଠୁରତା ପ୍ରଦର୍ଶନ କରିବା ଏବଂ ତାଙ୍କ ସମ୍ମତି ବିନା ଗର୍ଭପାତ କରାଇବା ପାଇଁ ଆବେଦନକାରୀଙ୍କ ବିରୋଧରେ ଏକ ଏତଲା ରୁଜୁ ହୋଇଥିଲା। ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିବା ପାଇଁ କୋର୍ଟଙ୍କୁ ପ୍ରାର୍ଥନା କରିବା ସହିତ ପୁଲିସ ପକ୍ଷରୁ ଆବେଦନକାରୀଙ୍କ ବିରୋଧରେ ଏକ ପ୍ରାରମ୍ଭିକ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଚୂଡ଼ାନ୍ତ ଚାର୍ଜସିଟ ଦାଖଲ ପର୍ଯ୍ୟନ୍ତ ଫୌଜଦାରୀ କାର୍ଯ୍ୟଧାରା ଉପରେ ରହିତାଦେଶ ଓ ଏହାକୁ ରଦ୍ଦ ପାଇଁ ପ୍ରାର୍ଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ନାରୀ ନିର୍ଯାତନାରେ ଓଡ଼ିଶା ଶୀର୍ଷରେ: ମହିଳା କଂଗ୍ରେସ

## ନ୍ୟାୟ ଦେବାରେ ସରକାର ବିଫଳ; ଜୋରଦାର୍ ହେବ ଲଢ଼େଇ

ଭୁବନେଶ୍ୱର,୧୯।୬(ସମିସ): ନାରୀ ନିର୍ଯାତନା ପ୍ରସଙ୍ଗରେ ବିଜେପି ସରକାରକୁ ଘେରିଛି ମହିଳା କଂଗ୍ରେସ। ବିଜେପି ସରକାରରେ ନାରୀ ନିର୍ଯାତନାରେ ଓଡ଼ିଶା ଶୀର୍ଷରେ ପହଞ୍ଚିଥିବା ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଳକା ଲାମ୍ବା। ମହିଳା କଂଗ୍ରେସ କହିଛି, ଗତ ୧୧ ମାସର ରିପୋର୍ଟ ଦେଖିଲେ ଓଡ଼ିଶାରେ ପ୍ରତିଦିନ ୧୫ଟି ବଳାତ୍କାର ମାମଲା ଘଟୁଛି। ୧୦ ମାସରେ ରାଜ୍ୟର ବିଭିନ୍ନ ସ୍ଥାନରେ ୪,୫୦୦ ଝିଅ ନ୍ୟାୟ ପାଇଁ ନିବେଦନ କରୁଛନ୍ତି। ୧୧ ମାସରେ ରାଜ୍ୟର ୨୮,୦୦୦ ମହିଳା ଏବଂ ଝିଅ ଦୁଷ୍କର୍ମର ଶିକାର ହେଉଛନ୍ତି।



ରାଜ୍ୟରେ ମହିଳା ହିଂସା ଘଟାଇବାକୁ ଅପରାଧୀମାନେ ଏତେ ସାହସ କେଉଁଠୁ ପାଉଛନ୍ତି ବୋଲି ମହିଳା କଂଗ୍ରେସ ପ୍ରଶ୍ନ କରିଛି।

ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋଶ୍ କହିଛନ୍ତି, ଭଦ୍ରକ ହସ୍ପିଟାଲ୍‌ର ଜଣେ ନର୍ସ ତାଙ୍କ ସହିତ ହେଉଥିବା ଯୌନ ନିର୍ଯାତନା ଏବଂ ବଳାତ୍କାର ବିଷୟରେ କହିଛନ୍ତି ଏବଂ ନ୍ୟାୟ ମାଗୁଛନ୍ତି। ବାଲେଶ୍ୱରରେ ଜଣେ ନାବାଳିକା ଝିଅକୁ ବଳାତ୍କାର ଏବଂ ହତ୍ୟା କରାଯାଇଥିଲା। ରିପୋର୍ଟ ଅନୁସାରେ ବାଲେଶ୍ୱର ଜିଲ୍ଲାରେ ପ୍ରତିଦିନ ୭ ଜଣ ମହିଳା କାମବାସନାର ଶିକାର ହେଉଛନ୍ତି। ଓଡ଼ିଶାରେ ବିଜେପି ସରକାର ଗଠନ ହେବାର ୧୧ ମାସ ମଧ୍ୟରେ ୨୮,୦୦୦ ମହିଳାଙ୍କୁ ଅପରାଧରେ ଶିକାର କରାଯାଇଛି। ଏମାନଙ୍କ ମଧ୍ୟରୁ କେତେଜଣଙ୍କୁ ଏପର୍ଯ୍ୟନ୍ତ ନ୍ୟାୟ ମିଳିଛି ବୋଲି ସୋଫିଆ ପ୍ରଶ୍ନ କରିଛନ୍ତି। ନୂତନ ବିଜେପି ସରକାର ଗଠନ ହେବା ପରେ, ଓଡ଼ିଶାରେ ୧୮,୦୦୧ ମାମଲା ପଞ୍ଜିକୃତ ହୋଇଛି, ଯାହାମଧ୍ୟରୁ କେବଳ ୨୧୭ ମାମଲାର ଫଇସଲା ହୋଇଛି। ଯେତେବେଳେ କୌଣସି ଘଟଣା ଘଟେ, କେବଳ ଗୋଟିଏ ସ୍ୱର ଉଠେ ଯେ ତଦନ୍ତ ଚାଲିଛି; କିନ୍ତୁ ଗତ ୧୨ ମାସ ମଧ୍ୟରେ ଗୋଟିଏ ବି ତଦନ୍ତ ରିପୋର୍ଟ ବାହାରି ନାହିଁ। ୨୦୨୪ ମସିହାରେ ଓଡ଼ିଶା ରାଜ୍ୟରେ ବଳାତ୍କାର ମାମଲାରେ ୮% ବୃଦ୍ଧି ଘଟିଛି ବୋଲି ମୁଖ୍ୟମନ୍ତ୍ରୀ ନିଜେ କହିଥିବା ଉଲ୍ଲେଖ କରି ସୋଫିଆ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି।

ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଛନ୍ତି ଯେ ରାଜ୍ୟର ମହିଳାମାନଙ୍କୁ ସୁରକ୍ଷାର ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଆଜି ଏଠାକାର ମହିଳାମାନଙ୍କୁ ଅନ୍ଧାର ଭିତରକୁ ଠେଲି ଦିଆଯାଇଛି। ମହିଳା ସଶକ୍ତୀକରଣ ଓଡ଼ିଶାର ପରିଚୟ। କିନ୍ତୁ ଓଡ଼ିଶାରେ ବିଜେପି ସରକାରଙ୍କ ଏହି ଗୋଟିଏ ବର୍ଷ ଓଡ଼ିଶାର ଭଉଣୀ, ଝିଅ ଏବଂ ମହିଳାଙ୍କ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ ଏବଂ ଭୟଙ୍କର ସାବ୍ୟସ୍ତ ହୋଇଛି। ଗୋପାଳପୁର ବୁଲିଆସିଥିବା ମହିଳା ପର୍ଯ୍ୟଟକଙ୍କ ସହିତ ସମ୍ପ୍ରତି ଘଟିଥିବା ଗଣଦୁଷ୍କର୍ମ ଲଜ୍ଜାଜନକ। ଏହି ପ୍ରସଙ୍ଗରେ ବିଭିନ୍ନ ସମୟରେ ଆନ୍ଦୋଳନ କରିଥିବା କଂଗ୍ରେସ ନେତୃବୃନ୍ଦଙ୍କ ନାମରେ ପୁଲିସ କେସ୍ କରିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀମତୀ ବାହିନୀପତି କହିଛନ୍ତି।

## ଏଆଇସିସି ଗଠନ କଲା ତଥ୍ୟ ଅନୁସନ୍ଧାନ କମିଟି

ଭୁବନେଶ୍ୱର,୧୯।୬(ସମିସ): ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା ଘଟଣାରେ ଚିନ୍ତା ପ୍ରକଟ କରିବା ସହ ଏହି ଘଟଣାକୁ ଏଆଇସିସି ଗୁରୁତର ସହ ନେଇଛି। ଗୋପାଳପୁରରେ ଗଣଦୁଷ୍କର୍ମ ଘଟଣା, କେନ୍ଦୁଝରର ହରିଚନ୍ଦନପୁରରେ ଦୁଷ୍କର୍ମ ଓ ହତ୍ୟା, ମହିଳାମାନଙ୍କ ବିରୋଧରେ ବଢୁଥିବା ଅତ୍ୟାଚାର ଭଳି ଘଟଣା ସମ୍ପର୍କରେ ତଦନ୍ତ ପାଇଁ ଏଆଇସିସି ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଦ୍ୱାରା ଗଠିତ ଏହି ଦଳ ଗଠନ କରିଛନ୍ତି। ଏହି ୫ ଜଣିଆ କମିଟିରେ ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ଦୀପା ଦାସମୁନ୍ସି ଆବାହକ ରହିଥିବାବେଳେ ସାଂସଦ ରଞ୍ଜିତ ରଞ୍ଜନ, ସାଂସଦ ପ୍ରଣତି ସିନ୍ଦେ, ସାଂସଦ ଏସ ଯୋଥିମନି ଓ ପୂର୍ବତନ ଜାତୀୟ ମହିଳା କଂଗ୍ରେସ ଅଧ୍ୟକ୍ଷା ଶୋଭା ଓଜା ପ୍ରମୁଖ ସଦସ୍ୟ ରହିଛନ୍ତି। ଉକ୍ତ କମିଟି ଓଡ଼ିଶା ଆସି ବିଭିନ୍ନ ଜିଲ୍ଲା ଗସ୍ତ କରିବା ସହ ସବିଶେଷ ତଥ୍ୟ ସଂଗ୍ରହ କରି ରିପୋର୍ଟ ଦାଖଲ କରିବାକୁ ଏଆଇସିସି ସାଂଗଠନିକ ସାଧାରଣ ସଂପାଦକ କେସି ବେଣୁଗୋପାଳ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଖଣି ପରିବହନରେ ଅଣଓଡ଼ିଆ ପ୍ରୀତି

ଯୋଡ଼ା, ୧୯।୬(ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ହେବାର ଗୋଟିଏ ବର୍ଷ ମଧ୍ୟରେ ଯୋଡ଼ା ଖଣି ଅଞ୍ଚଳକୁ ଅଶାନ୍ତି ପ୍ରବେଶ କରିଛି। ବିଭିନ୍ନ ଘଟଣାକ୍ରମରେ ଧୀରେ ଧୀରେ ଅଶାନ୍ତି ବଢ଼ିବାରେ ଲାଗିଛି। କେତେବେଳେ ପରିବହନକୁ ନେଇ ଗୋଷ୍ଠୀ ସଂଘର୍ଷ ତ କେତେବେଳେ ଖଣିରେ କାର୍ଯ୍ୟ କରିବାକୁ ନେଇ ବିବାଦ। ଜିଲ୍ଲା ପ୍ରଶାସନ ଓ ପୁଲିସ୍ ବିଭାଗ କିଛି କରିପାରୁ ନାହାନ୍ତି। ଆଗାମୀ ଦିନରେ ଏହା ଆଇନଶୃଙ୍ଖଳା ପରିସ୍ଥିତି ସହ ଅରାଜକତା ସୃଷ୍ଟି କରିବାର ଆଶଙ୍କା ରହିଛି।

ପୂର୍ବରୁ ଅନେକ ପରିବହନ ସଂସ୍ଥା ପରିବହନ କାର୍ଯ୍ୟ କରୁଥିବାରୁ ଶତାଧିକ ଯୁବକ ପରିବହନ କାର୍ଯ୍ୟରେ ନିୟୋଜିତ ଥିଲେ। ଏବେ ସେମାନେ କାର୍ଯ୍ୟ ହରାଇ ବସି ରହିଛନ୍ତି। ଏପରିକି ସଂସ୍ଥାଗୁଡିକ ଖଣି ଦ୍ୱାରା ପ୍ରଭାବିତ ଲୋକଙ୍କ ସମସ୍ୟା ବୁଝିବା ସହ ଅନେକ ପ୍ରକାର ସହାୟତା ଯୋଗାଇ ଆସୁଥିଲେ। ଏବେ ଖଣିରେ କାର୍ଯ୍ୟ କରୁଥିବା ପରିବହନ ସଂସ୍ଥାକୁ ମଧ ହଟାଇ ଦିଆଯାଇଛି। ନୂଆ ସରକାର ଆସିବା ପରେ ଏକଦା ଖଣି ମାଫିଆ ଓ ହତ୍ୟା ଭଳି ଅଭିଯୋଗ ଥିବା

■ ଏକଚାଟିଆ ପରିବହନ ବ୍ୟବସ୍ଥାରୁ ଅରାଜକତା
■ ବଢୁଛି ବେରୋଜଗାରୀ; ଦାନା ବାନ୍ଧୁଛି ଅସନ୍ତୋଷ

ଜଣେ ଅଣଓଡ଼ିଆ ବ୍ୟକ୍ତିର ଆର୍‌ଜେ ଲଜିଷ୍ଟିକ ନାମକ ଏକ ସଂସ୍ଥା ଯୋଡ଼ା, ବଡ଼ବିଲ, କୋଇଡା ଅଞ୍ଚଳରେ ଥିବା ଖଣିଗୁଡ଼ିକରୁ ପରିବହନ କାର୍ଯ୍ୟ, ବୋଝେଇ କାର୍ଯ୍ୟ ମିଳୁଛି। ଫଳରେ ପୂର୍ବରୁ ବିଭିନ୍ନ ଖଣିରେ କାର୍ଯ୍ୟ କରୁଥିବା ଠିକାଦାର ଓ କର୍ମଚାରୀ ହାତ ବାନ୍ଧି ବସିଛନ୍ତି। ଉକ୍ତ ପରିବହନ ସଂସ୍ଥା ପୂର୍ବ ପରି ସ୍ଥାନୀୟ ବାସିନ୍ଦାଙ୍କ ସମସ୍ୟା ବୁଝିବା ପାଇଁ ପ୍ରତିଶ୍ରୁତି ଦେଇ କାମ ହାତେଇ ନେଇଥିଲା। ଏକ ବର୍ଷ ବିତି ଯାଇଥିଲେ ମଧ ଅଣଓଡ଼ିଆ ଠିକା ସଂସ୍ଥା ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିବାରୁ ଖଣି ଅଞ୍ଚଳରେ ଅସନ୍ତୋଷ ଦାନା ବାନ୍ଧୁଛି। ଏହି ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ବିଜେପି ଶାସନକୁ ଆସିବା ମାତ୍ରେ ଅଣଓଡ଼ିଆ ଲୋକକୁ ବିଭିନ୍ନ କାମ ଦେବା ଯୋଗୁଁ ସରକାରଙ୍କ ଜିଲ୍ଲାରେ ଏବେ ଆକ୍ରୋଶ ବଢ଼ିବାରେ ଲାଗିଛି। ଏପରିକି ଅଣଓଡ଼ିଆ ପ୍ରୀତି ଏବେ ଦାଣ୍ଡରେ ପଡ଼ି ବାଟରେ ଗଡୁଛି।

ଯୋଡ଼ା ବ୍ଲକରେ କାର୍ଯ୍ୟକ୍ଷମ ଥିବା ୮୦ ଭାଗ ଖଣିରେ ଏହି ଅଣଓଡ଼ିଆ ବାବୁଙ୍କ ପରିବହନ କାର୍ଯ୍ୟ ଚାଲୁଛି। ଖଣିଗୁଡିକରୁ ପରିବହନ କାର୍ଯ୍ୟ ବ୍ୟାପକ ହୋଇପାରୁନାହିଁ। ବିଜେପି ସରକାର ବଳରେ ବଳୀୟାନ ହୋଇଥିବା ଏହି ଅଣଓଡ଼ିଆ ବାବୁ ଜଣକ ଏବେ ଖଣି ଅଞ୍ଚଳରେ ସର୍ବେସର୍ବା ହୋଇ ରହିବା ସହ ପୂର୍ବପରି ଖଣି ଅଞ୍ଚଳରେ ଖଣିଜ ଚୋରା କାରବାରକୁ ପ୍ରଶ୍ରୟ ଦିଆଯାଇ ବର୍ଷକ ଭିତରେ ଖଣିଜ ଚୋରା କାରବାର ବୃଦ୍ଧି ପାଉଥିବା ନେଇ ଆଲୋଚନା ହେଉଛି। ଏକଚାଟିଆ ପରିବହନ କାର୍ଯ୍ୟ ଦ୍ୱାରା ଅଞ୍ଚଳରେ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଛି। ଖଣିଜ ପରିବହନ କରୁଥିବା ଗାଡ଼ିଗୁଡ଼ିକୁ ଠିକ ସମୟରେ ପରିବହନ ମୂଲ୍ୟ ମିଳୁ ନଥିବା ବେଳେ ପରିବହନର ଉଚିତ ମୂଲ୍ୟ ମିଳି ପାରୁ ନ ଥିବା ଗାଡ଼ି ମାଲିକମାନେ ଅଭିଯୋଗ କରୁଛନ୍ତି।

## ସୂର୍ଯ୍ୟଘର ଭେଲିକି
# ଆବେଦନ ୨୨ ଶହ; କାର୍ଯ୍ୟକାରୀ ୬୮

## ହିତାଧିକାରୀ ପାଉନାହାନ୍ତି ବଳକା ବିଜୁଳି ଅର୍ଥ

ନୟାଗଡ,୧୯।୬(ସମିସ): କହିଥିଲେ ମାଗଣା ବିଜୁଳି ଦେବେ, ମାଗଣା ତ ଦେଲେ ନାହିଁ; ଏବେ ସୂର୍ଯ୍ୟଘର ଜରିଆରେ ୩୦୦ ୟୁନିଟ୍ ବିଜୁଳି ଯୋଗାଇବାକୁ ଘୋଷଣା କଲେ। ଏଥିପାଇଁ ହିତାଧିକାରୀଙ୍କୁ ପ୍ରତି ମେଗାୱାଟ ପିଛା ପାଖାପାଖି ୭୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଏହା ସତ୍ତ୍ୱେ ଯେତିକି ଲୋକ ଆବେଦନ କରୁଛନ୍ତି, ସମସ୍ତଙ୍କୁ ସୌର ବିଜୁଳି ମିଳୁନାହିଁ। ନୟାଗଡ ଜିଲ୍ଲାରେ ସୂର୍ଯ୍ୟଘର ଯୋଜନା ପ୍ରହେଳିକା ପାଲଟିଛି। ୨୦୨୪ ମସିହା ଫେବୃୟାରୀ ମାସରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ଏବେ ସୁଦ୍ଧା ୬୮ ଜଣ ହିତାଧିକାରୀ ସାମିଲ ହୋଇଥିବା ବେଳେ ସେମାନେ ବିତରଣ କମ୍ପାନୀ ଦ୍ୱାରା ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ଦିଶା ବୈଠକରେ ଆଜି କିଛି ଏଭଳି ଆଭାସ ମିଳିଛି ।

ନୟାଗଡ ଜିଲ୍ଲାର ୮ଟି ବ୍ଲକର ୨୨୧୬ ଜଣ ହିତାଧିକାରୀ ସୂର୍ଯ୍ୟଘର ଯୋଜନାରେ ସାମିଲ ହେବାକୁ ଅନଲାଇନ ଆବେଦନ କରିଥିବା ଟିପିସିଓଡିଏଲ୍ ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ୧୧୦୯ ଜଣ ହିତାଧିକାରୀ ଭେଣ୍ଡର ଚୟନ କରିଛନ୍ତି । ମାତ୍ର ସାରା ଜିଲ୍ଲାରୁ ମାତ୍ର ୬୮ ଜଣଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି । ସେମାନଙ୍କ ମଧ୍ୟରୁ ଦଶପଲ୍ଲା ବ୍ଲକର ୧୫ ଜଣ, ଗଣିଆ ବ୍ଲକର ୩ ଜଣ, ଖଣ୍ଡପଡା ବ୍ଲକର ୩ ଜଣ, ନୟାଗଡ ବ୍ଲକରୁ ୨୭ ଜଣ, ଓଡଗାଁ ବ୍ଲକରୁ ୫ ଜଣ, ରଣପୁର ବ୍ଲକରୁ ୧୫ ଜଣ ସାମିଲ ହୋଇଛନ୍ତି । ହିତାଧିକାରୀମାନେ ସୋଲାର ପ୍ରକଳ୍ପ ଲଗାଇ ସୂର୍ଯ୍ୟଘର ଯୋଜନାରେ ସାମିଲ ହୋଇଥିବା ବେଳେ ବିତରଣ କମ୍ପାନୀ ଦ୍ୱାରା ଠକେଇର ଶୀକାର ହେଉଥିବା କଥା ସାମ୍ନାକୁ ଆସିଛି । ଯେଉଁ ହିତାଧିକାରୀ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି ସେମାନେ ନିଜ ଘର ଛାତ ଉପରେ ସୋଲାର ପ୍ରକଳ୍ପ ମାଧ୍ୟରେ ଯେଉଁ ପରିମାଣର ବିଦ୍ୟୁତ୍ ଉତ୍ପାଦନ କରନ୍ତି, ତାହା ତୁଳନାରେ କମ ବିଦ୍ୟୁତ୍ ବ୍ୟବହାର କରିଥାନ୍ତି । ବଳକା ବିଦ୍ୟୁତ୍ ବିତରଣ କମ୍ପାନୀ ଅନ୍ୟକୁ ବିକ୍ରି କରୁଛି। ଏହି ବଳକା ବିଦ୍ୟୁତ୍ ବାବଦରେ ହିତାଧିକାରୀ ଟଙ୍କାଟିଏ ମଧ ଲାଭ ପାଉ ନାହାନ୍ତି।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-352 ♦BHUBANESWAR ♦FRIDAY ♦20 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୫୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୦ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


### ଏନ୍‌କାଉଣ୍ଟର ଭୟ

## ଆତ୍ମସମର୍ପଣ କଲେ ୧୨ ମାଓବାଦୀ

■ ମାଲକାନଗିରି,୧୯।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାର ଭଦ୍ରାଦ୍ରି କୋଥାଗୁଡ଼େମ ପୁଲିସ ମୁଖ୍ୟାଳୟରେ ୧୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। କୋଥାଗୁଡ଼େମରେ ଜିଲ୍ଲା ଏସ୍‌ପି ରୋହିତ ରାଜଙ୍କ ସମ୍ମୁଖରେ ୨ ଜଣ ଡିଭିସିଏମ୍, ୪ ଜଣ ଏସିଏମ୍, ୨ ଜଣ ପାର୍ଟି ମେମ୍ବର, ୨ ଜଣ ମିସିଲିଆ ସଦସ୍ୟ ଏବଂ ୨ ଜଣ ଆରପିସି ସଦସ୍ୟଙ୍କ ସମେତ ୧୨ ଜଣ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି।ସମସ୍ତ ୧୨ ମାଓବାଦୀ ଅନେକ ହିଂସାକାଣ୍ଡରେ ଜଡିତ ଥିଲେ। ଆତ୍ମସମର୍ପଣ କରିଥିବା ନକ୍ସଲଙ୍କୁ ସରକାରଙ୍କ ତରଫରୁ ୨୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

## ଆଜି ଆସିବେ ପ୍ରଧାନମନ୍ତ୍ରୀ



### ୧୦୦ ବିଦ୍ୟୁତ୍‌ଚାଳିତ ବସ୍‌ର କରିବେ ଶୁଭାରମ୍ଭ

### ବରିଷ୍ଠଙ୍କୁ ବାଣ୍ଟିବେ ବୟୋବନ୍ଦନା କାର୍ଡ


### ବର୍ଷକ ମଧ୍ୟରେ ଷଷ୍ଠ ଗସ୍ତ

■ **ଭୁବନେଶ୍ୱର, ୧୯।୬ (ସମିସ):** ରାଜ୍ୟରେ ବିଜେପି ଶାସନକୁ ଏକ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଜଧାନୀର ଜନତା ମଇଦାନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ପ୍ରଧାନମନ୍ତ୍ରୀ ୧୮୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ଏହାସହ କ୍ରୁଟ ଅଧୀନରେ ୧୦୦ଟି ଇଲେକ୍ଟ୍ରିକ ବସର ପତାକା ଦେଖାଇ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବେ ବୋଲି ଜଣାପଡ଼ିଛି।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଗତ ବର୍ଷକ ମଧ୍ୟରେ ଏହା ପ୍ରଧାନମନ୍ତ୍ରୀଙ୍କର ଷଷ୍ଠ ଥର ଓଡ଼ିଶାକୁ ଗସ୍ତ। ଏହି ଅବସରରେ ପ୍ରଧାନମନ୍ତ୍ରୀ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ବୟୋବନ୍ଦନା କାର୍ଡ ବଣ୍ଟନର ଶୁଭାରମ୍ଭ କରିବା ନେଇ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ସାଙ୍କେତିକ ଭାବେ କାର୍ଯ୍ୟକ୍ରମ ସ୍ଥଳରେ ୫ ଜଣ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଏହି କାର୍ଡ ବାଣ୍ଟିବା ସହ ଅନ୍ତ୍ୟୋଦୟ ଘର ଯୋଜନାରେ ମଧ୍ୟ ଘର ବାଣ୍ଟିବେ। ସେହିପରି ପ୍ରଧାନମନ୍ତ୍ରୀ ଶ୍ରୀମନ୍ଦିର ପାଇଁ ଡିଜିଟାଲ ହୁଣ୍ଡି ସମେତ ଅନ୍ୟ କେତେକ ଯୋଜନାର ଶୁଭାରମ୍ଭ କରିପାରନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସୂଚନା ଅନୁଯାୟୀ ଭୁବନେଶ୍ୱର ଏୟାରପୋର୍ଟରେ ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ସେଠାରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। କଳିଙ୍ଗ ଷ୍ଟାଡିୟମ ଛକରୁ ଏକ ବିରାଟ ରୋଡ଼ ଶୋ ବାହାରିବାକୁ ଥିବାବେଳେ ଏହା ଜୟଦେବ ଭବନ ଛକ ଦେଇ ସଭାସ୍ଥଳ ଜନତା ମଇଦାନରେ ପହଞ୍ଚିବ। ୧୦ଟି ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରାଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ପୁସ୍ତିକାକୁ ଉନ୍ମୋଚନ କରିବେ ବୋଲି ଜଣାପଡିଛି।

### ଇରାନ ଆକ୍ରମଣ ପାଇଁ ଟ୍ରମ୍ପଙ୍କ ଆଦେଶକୁ ଅପେକ୍ଷା

## ବୋମାବର୍ଷୀ ଜେଟ୍, ବଙ୍କର-ବଷ୍ଟର ପ୍ରସ୍ତୁତ



### ନିଜ ନାଗରିକଙ୍କୁ ଫେରାଇଆଣିବା ପାଇଁ ଭାରତ ସମେତ ବଭିନ୍ନ ଦେଶର ଉଦ୍ୟମ

■ **ତେହରାନ, ୧୯।୬ (ଏଜେନ୍ସି):** ଇରାନ-ଇସ୍ରାଏଲ ଯୁଦ୍ଧରେ ସାମିଲ ହେବାକୁ ପ୍ରସ୍ତୁତ ହେଉଛି ଆମେରିକା। ଯେକୌଣସି ମୁହୂର୍ତ୍ତରେ ଆମେରିକା ଇରାନ ଉପରେ ଆକ୍ରମଣ କରିପାରେ। ଇସ୍ରାଏଲରେ ଯୁଦ୍ଧଜାହାଜ, ବି-୫୨ ବୋମାବର୍ଷୀ ବିମାନ ଏବଂ ବଙ୍କର ବିଧ୍ୱଂସକାରୀ ବି-୨ ବଙ୍କର-ବଷ୍ଟର ଆକ୍ରମଣ ପାଇଁ ମୁତୟନ ହୋଇଥିବାବେଳେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଦେଶକୁ ଅପେକ୍ଷା କରିଛନ୍ତି ଆମେରିକୀୟ ସେନା। ବଙ୍କର-ବଷ୍ଟର୍‌ରେ ୩୦ ହଜାର ପାଉଣ୍ଡ ଓଜନର ବୋମା ଖଞ୍ଜାଯାଇଛି। ଇରାନର ଭୂତଳ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଲାଗି ବଙ୍କର-ବଷ୍ଟରର ପ୍ରୟୋଗ କରିବ ଆମେରିକା। ଇରାନର ଫରଡୋ ପରମାଣୁ କେନ୍ଦ୍ରକୁ ଧ୍ୱଂସ କରିବା ଲାଗି ଜିବିୟୁ-୫୭ ବୋମାର ବ୍ୟବହାର କରିବ। ସାଉଦୀ ଆରବରେ ଏଫ୍-୧୬ ବିମାନ ମୁତୟନ ହାଇଥିବା ବେଳେ ଡିଆଗୋ ଗାର୍ସିଆରେ ବି-୫୨ ବୋମାବର୍ଷୀ ବିମାନକୁ ପ୍ରସ୍ତୁତ ରଖାଯାଇଛି। ଜେଟ୍ ବିମାନଗୁଡ଼ିକ ଉପସାଗରୀୟ ଅଞ୍ଚଳରେ ପଇଁତରା ମାରୁଛନ୍ତି। ଯୁଦ୍ଧର ସପ୍ତମ ଦିନରେ ମଧ୍ୟ ଇସ୍ରାଏଲ ଏବଂ ଇରାନ ପରସ୍ପର ଉପରେ ବୋମା ଏବଂ କ୍ଷେପଣାସ୍ତ୍ର ମାଡ଼ ଜାରି ରଖିଛନ୍ତି। ଇରାନର ପରମାଣୁ କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନକୁ ଟାର୍ଗେଟ କରି ଇସ୍ରାଏଲ ଗତକାଲି ରାତିରେ ପ୍ରଚଣ୍ଡ ବୋମାମାଡ଼ କରିଛି। ସାମରିକ ପ୍ରତିଷ୍ଠାନ ସମେତ ଜନବସତି ଉପରେ ମଧ୍ୟ ଇସ୍ରାଏଲୀ ଜେଟ୍ ବିମାନ ଆକ୍ରମଣ କରିଛନ୍ତି। ଏହାର ଜବାବରେ ଇସ୍ରାଏଲ ଉପରେ ଇରାନ ଏହାର କ୍ଷେପଣାସ୍ତ୍ର ମାଡ଼କୁ ଆହୁରି ତୀବ୍ର କରିଛି। ଗତକାଲି ରାତିରେ ଇରାନର କ୍ଷେପଣାସ୍ତ୍ର ମାଡ଼ରେ ଗୋଟିଏ ହସପିଟାଲ ଏବଂ ଏହାର ଆଖପାଖ ଅଞ୍ଚଳ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଯୁଦ୍ଧରେ କେବଳ ଇରାନରେ ୬୪୦ ଜଣ ପ୍ରାଣ ହରାଇଥିବା ବେଳେ ଇସ୍ରାଏଲରେ ୨୪ ଜଣଙ୍କର ମୃତ୍ୟୁ ଘଟିଛି। ଇସ୍ରାଏଲ ଉପରେ ଇରାନ ବର୍ତ୍ତମାନ ସୁଦ୍ଧା ୪୦୦ରୁ ଅଧିକ କ୍ଷେପଣାସ୍ତ୍ର ଏବଂ ଶତାଧିକ ଡ୍ରୋନ ମାଡ଼ କଲାଣି।

ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ତାଙ୍କର ରଣନୀତିକୁ ଗୋପନୀୟ ରଖିଛନ୍ତି। ଇରାନ ଉପରେ ସେ ଆକ୍ରମଣ କରିପାରନ୍ତି ବୋଲି ଅନୁମାନ କରାଯାଉଛି। ଆସନ୍ତା ତିନି ଚାରି ଦିନ ମଧ୍ୟରେ ଆମେରିକା ଏହି ଯୁଦ୍ଧରେ ସାମିଲ ହେବାନେଇ ସଙ୍କେତ ମିଳିଲାଣି। ଆମେରିକା ଏହାର ଅନେକ ଯୁଦ୍ଧ ଜାହାଜ ଏବଂ ଲଢୁଆ ବିମାନକୁ ମଧ୍ୟପ୍ରାଚ୍ୟରେ ମୁତୟନ କରିସାରିଲାଣି। ଗତକାଲି ଏ ସଂପର୍କରେ ପ୍ରଶ୍ନର ଉତ୍ତର ନେଇ ଟ୍ରମ୍ପ କହିଥିଲେ ଯେ 'ଆମେରିକା ଆକ୍ରମଣ କରିପାରେ, ନ ବି କରିପାରେ। ମୁଁ କ'ଣ କରିବାକୁ ଯାଉଛି ତାହା କେହି ଜାଣନ୍ତି ନାହିଁ।'

ଇରାନ-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ଏହି ଦୁଇ ଦେଶରୁ ନିଜନିଜର ନାଗରିକଙ୍କୁ ଫେରାଇ ଆଣିବା ଲାଗି ଭାରତ ସମେତ ଅନେକ ଦେଶ ଉଦ୍ୟମ ଆରମ୍ଭ କରିଛନ୍ତି।

### ସୁପ୍ରିମ୍‌କୋର୍ଟ କମିଟିର ସୁପାରିସ

## ପଦରୁ ହଟିବେ ଜଷ୍ଟିସ୍ ବର୍ମା



■ **ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି):** ଘରୁ ଟଙ୍କା ମିଳିବା ଘଟଣାରେ ଜଷ୍ଟିସ ଯଶବନ୍ତ ବର୍ମାଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ରହିଛି। ଘରେ ନିଆଁ ଲାଗିବା ପରେ ସେଠାରୁ ଦରପୋଡ଼ା କୋଟି କୋଟି ଟଙ୍କା ବିଡ଼ା ମିଳିଥିଲା। ଏହି ଘଟଣା ପରେ ଜଷ୍ଟିସ ବର୍ମାଙ୍କ କାର୍ଯ୍ୟକଳାପ ଓ ଆଚରଣରୁ ସ୍ପଷ୍ଟ ଜଣାପଡୁଛି ଯେ ବଡ଼ ଧରଣର ଦୁର୍ନୀତିରେ ସେ ଜଡ଼ିତ ଥିଲେ। ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ଯାଞ୍ଚ କମିଟି ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ଭ୍ରଷ୍ଟ ଓ ଅନୈତିକ କାର୍ଯ୍ୟ ପାଇଁ ବିଚାରପତି ପଦରୁ ତାଙ୍କୁ ବହିଷ୍କାର ଲାଗି କମିଟି ସୁପାରିସ କରିଛି। ଜଷ୍ଟିସ ବର୍ମାଙ୍କ ସମେତ ୫୫ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିବା ପରେ କମିଟି ଏକ ୬୪ ପୃଷ୍ଠା ବିଶିଷ୍ଟ ରିପୋର୍ଟ ରାଷ୍ଟ୍ରପତିଙ୍କ ନିକଟରେ ଦାଖଲ କରିଛି। ସଂସଦର ଆଗାମୀ ଅଧିବେଶନରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରାଯିବ।

ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୧୪ ତାରିଖରେ ତତ୍କାଳୀନ ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ବର୍ମାଙ୍କ ସରକାରୀ ବାସଭବନରେ ନିଆଁ ଲାଗିଥିଲା। ଘଟଣାସ୍ଥଳରୁ ପୁଲିସ ଓ ଦମକଳ ବିଭାଗ ୫୦୦ ଟଙ୍କିଆ ନୋଟର ଶହ ଶହ ବିଡ଼ାକୁ ଦଗ୍ଧ ଅବସ୍ଥାରେ ଜବତ କରିଥିଲେ। ସେଠାରୁ ୧୫ କୋଟି ଟଙ୍କା ମିଳିଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଥିଲା। ଜଣେ ବିଚାରପତିଙ୍କ ଘରୁ ଏତେ ଟଙ୍କା ନଗଦ କେଉଁଠୁ ଆସିଲା ବୋଲି ପ୍ରଶ୍ନ ଉଠିଥିଲା। ଏହି ମାମଲାରେ ତାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା।

## ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ପରଲୋକ



■ **କଟକ, ୧୯।୬ (ସମିସ):** ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ନିରଞ୍ଜନ ରଥଙ୍କର ଗୁରୁବାର ରାତି ୧୧ଟାରେ ସ୍ଥାନୀୟ ଏକ ଘରୋଇ ନର୍ସିଂହୋମ୍‌ରେ ପରଲୋକ ଘଟିଛି। ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ଚାରିଦିନ ତଳେ ପ୍ରବଳ ଜ୍ୱର, କଫ ଓ ବିଭିନ୍ନ ସଂକ୍ରମଣ ଯୋଗୁଁ ତାଙ୍କୁ ଥୋରିଆ ସାହି ସ୍ଥିତ ଶାନ୍ତି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ରଖାଯାଇ ଭେଣ୍ଟିଲେଟର ଜରିଆରେ ଚିକିତ୍ସା କରାଯାଉଥିଲା। ଚିକିତ୍ସକଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ସ୍ଥିତିରେ ଉନ୍ନତି ଘଟି ନ ଥିଲା। ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ଚିକିତ୍ସକଙ୍କ ସୂତ୍ରରୁ ପ୍ରକାଶ।

ଆଠଗଡ଼ର ଏକ ପ୍ରତିଷ୍ଠିତ ପରିବାରରେ ଜନ୍ମିତ ଶ୍ରୀ ରଥ ଆଇନ ଡିଗ୍ରୀ ସହିତ ଇଂରାଜୀ ସାହିତ୍ୟରେ ଏମ୍‌ଏ ପାସ୍ କରିବା ପରେ ସାମ୍ବାଦିକତା ଓ ଓକିଲାତି ବୃତ୍ତି ସହିତ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। 'ନ୍ୟାୟବତୀ' ନାମକ ଏକ ପତ୍ରିକାର ସେ ସଂସ୍ଥାପକ ଓ ସମ୍ପାଦକ ଭାବେ ଦୀର୍ଘକାଳ କାର୍ଯ୍ୟ କରିବା ପରେ ଲୋକସେବକ ମଣ୍ଡଳରେ ଯୋଗ ଦେଇଥିଲେ। ସେ 'ସମାଜ'ର ସମ୍ପାଦକ, ପ୍ରକାଶକ ଓ ମୁଦ୍ରାକର, ଜିମ୍‌ସାରର ଅଧ୍ୟକ୍ଷ, 'ସମାଜ' ରିଲିଫ କମିଟିର ମୁଖ୍ୟ, ସତ୍ୟବାଦୀର ସମ୍ପାଦକ ହେବା ସହିତ ବିଭିନ୍ନ ସେବାମୂଳକ ଅନୁଷ୍ଠାନ ସହିତ ସମ୍ପୃକ୍ତ ଥିଲେ। ସେ ମଧ୍ୟ ଲୋକସେବକ ମଣ୍ଡଳର ଉପସଭାପତି, ▶ପୃଷ୍ଠା-୭






୧୯/୬/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧,୧୫,୪୫୮/-
ସୁନା: ୦୦.୦୧୦ ଗ୍ରାମ୍
ରୁପା: ୦୭.୫୦୦ ଗ୍ରାମ୍

# ସିଟି ଶ୍ରୀକ୍ଷେତ୍ର

**ଆସୁଛି ରଥଯାତ୍ରା**

## ସାରଥୀଙ୍କ ନିର୍ଦ୍ଦେଶରେ ରଥ ଚଳାନ୍ତି ଘୋଡ଼ା



ପୁରୀ,୧୯।୬(ସମିସ): ଅଖିଳ ବ୍ରହ୍ମାଣ୍ଡନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରତିବର୍ଷ ତିନିରଥ ନିର୍ମାଣ କରାଯାଏ। ପବିତ୍ର ଘୋଷଯାତ୍ରାରେ ଏହି ତିନିରଥ ଶ୍ରୀମନ୍ଦିର ସିଂହଦ୍ୱାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣି ନିଆଯାଏ। ଲକ୍ଷ ଲକ୍ଷ ଭକ୍ତଙ୍କ ଗହଳି ମଧ୍ୟରେ ବଡ଼ଦାଣ୍ଡର ବୁକୁ ଚିରି ଘୋର୍ ଘର୍ଘର ନାଦରେ ଗଡ଼ିଚାଲେ ତିନିରଥ। ଆଉ ଏହି ରଥକୁ ଠିକଣା ପଥରେ ଆଗେଇ ନିଅନ୍ତି ସାରଥୀ। ଏହି ସାରଥୀଙ୍କ ନିର୍ଦ୍ଦେଶରେ ହିଁ ଅଶ୍ୱମାନେ ରଥ ଚଳାନ୍ତି ବୋଲି ବିଶ୍ୱାସ ରହିଛି।

ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ପ୍ରତ୍ୟେକ ରଥରେ ସାରଥୀ ନିର୍ଦ୍ଦିଷ୍ଟ ସ୍ଥାନରେ ରଥକୁ ସଞ୍ଚାଳନ କରିବା ଭଙ୍ଗିରେ ଅବସ୍ଥାନ କରିଥା'ନ୍ତି। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥର ସାରଥୀଙ୍କ ନାମ ମାତଳୀ। ସେ ସୁସଜ୍ଜିତ ଭାବେ ଉପବେଶନ କରି ରଥ ସଞ୍ଚାଳନ ନିମନ୍ତେ ନିର୍ଦ୍ଦେଶ ଦେଇଥା'ନ୍ତି। ମାତଳୀ ହେଉଛନ୍ତି ଦେବରାଜ ଇନ୍ଦ୍ରଙ୍କ ସାରଥୀ। ଏହାଙ୍କର କନ୍ୟା ଗୁଣକେଶୀ। ସୁମୁଖ ନାମକ ନାଗକୁ ସେ ବିବାହ କରିଥିଲେ। ରଥ ଚାଳନା କରିବାର ସମସ୍ତ କୌଶଳ ମାତଳୀ ଜାଣନ୍ତି। ସେହିପରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ସାରଥୀଙ୍କ ନାମ ଦାରୁକ। ମହାଭାରତର ମୂଷଳ ପର୍ବରେ ଦାରୁକଙ୍କ ସମ୍ବନ୍ଧରେ ବର୍ଣ୍ଣନା ରହିଛି। ସେ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣଙ୍କ ସାରଥୀ। ଯଦୁବଂଶ ଧ୍ୱଂସ ସମୟରେ ଶ୍ରୀକୃଷ୍ଣଙ୍କ ଅନ୍ତିମ ବାର୍ତ୍ତା ଦାରୁକ ଅର୍ଜୁନଙ୍କୁ ଜଣାଇଥିଲେ। ରଥ ଚାଳନାରେ ତାଙ୍କର ଦକ୍ଷତା ଅପ୍ରତିମ। ସେ ହିଁ ନନ୍ଦିଘୋଷ ରଥର ସଞ୍ଚାଳନ ଦାୟିତ୍ୱ ବହନ କରିଛନ୍ତି। ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ସାରଥୀଙ୍କ ନାମ ଅର୍ଜୁନ। ଅର୍ଜୁନ ହେଉଛନ୍ତି ମଧ୍ୟମ ପାଣ୍ଡବ। ଦେବରାଜ ଇନ୍ଦ୍ରଙ୍କ ଔରସରୁ କୁନ୍ତିଙ୍କ ଗର୍ଭଜାତ। ସେ ଥିଲେ ଦ୍ୱାପର ଯୁଗର ଜଣେ ଅଦ୍ୱିତୀୟ ବୀର। ସେ ଶ୍ରୀକୃଷ୍ଣଙ୍କ ଭଗିନୀ ସୁଭଦ୍ରାଙ୍କୁ ବିବାହ କରିଥିଲେ। ସୁଭଦ୍ରା ଏବଂ ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁ ସପ୍ତରଥୀଙ୍କ ଦ୍ୱାରା ମହାଭାରତ ଯୁଦ୍ଧରେ ପ୍ରାଣ ହରାଇଥିଲେ। ତାଙ୍କର ଅନେକ ନାମ ଯଥା- ଅର୍ଜୁନ, ଫାଲ୍‌ଗୁନି, ଶ୍ୱେତବାହାନ, କିରୀଟି, ସବ୍ୟସାଚୀ, ଧନଞ୍ଜୟ, ପାର୍ଥ ଇତ୍ୟାଦି। ସେ ଜଣେ ମହାନ ରଥଚାଳକ। ତେଣୁ ସେ ସୁଭଦ୍ରାଙ୍କ ରଥରେ ସାରଥୀ ଭାବେ ଅବସ୍ଥାପିତ ହୋଇଛନ୍ତି। ଏହି ସାରଥୀମାନଙ୍କ ନେତୃତ୍ୱରେ ପ୍ରତ୍ୟେକ ରଥରେ ସଂଯୋଜିତ ୪ଟି ଲେଖାଏଁ ଘୋଡ଼ା ରଥକୁ ଟାଣି ନିଅନ୍ତି। ଶ୍ରୀବଳଭଦ୍ରଙ୍କ ରଥରେ ସଂଯୋଜିତ ଅଶ୍ୱମାନେ ହେଲେ ଶଙ୍ଖ, ସୁଚିତ୍ର, ଅଙ୍ଗଦ ଓ ମେଘନାଦ। ମତାନ୍ତରେ ବି ଦୁଇପ୍ରକାର ତୀବ୍ର, ଘୋର, ଦୀର୍ଘ ଓ ସ୍ୱର୍ଣ୍ଣନାଭ ଏବଂ ସ୍ଥିରା, ଧୃତି, ସ୍ଥିତି ଓ ପ୍ରଜ୍ଞା ରହିଛି। ଏମାନଙ୍କର ବର୍ଣ୍ଣ କୃଷ୍ଣ ବା କଳା ଅଟେ। ଶ୍ରୀଜଗନ୍ନାଥଙ୍କ ରଥରେ ସଂଯୋଜିତ ଘୋଡ଼ାମାନଙ୍କର ନାମ ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦାଶ୍ୱ। ମତାନ୍ତରେ ଏମାନଙ୍କ ନାମ ସୁଗ୍ରୀବ, ମେଘ, ପୁଷ୍ପ ଓ ବଳାହକ। ଏମାନଙ୍କ ରଙ୍ଗ ଶୁକ୍ଳ ବା ଧଳା। ସେହିପରି ଦେବୀ ସୁଭଦ୍ରାଙ୍କ ରଥର ଅଶ୍ୱ ହେଲେ ରୋଚିକା, ମୋଚିକା, ଜିତା ଓ ଅପରାଜିତା। ମତାନ୍ତରେ ପ୍ରଜ୍ଞା, ଅନୁଜ୍ଞା, ଘୋରା ଓ ଅଘୋରା। ଏମାନଙ୍କର ବର୍ଣ୍ଣ ରକ୍ତବର୍ଣ୍ଣ ବା ନାଲି। ରଥରେ ଗଜପତି ମହାରାଜା ଛେରାପହଁରା କରିସାରିବା ପରେ ଚାରମାଳ ଫିଟାଯାଏ। ଏହାପରେ ଘୋଡ଼ାମାନଙ୍କୁ ସଂଯୋଗ କରାଯାଏ। ଏହି ବଳିଷ୍ଠ ଅଶ୍ୱମାନେ ବଳପୂର୍ବକ ରଥମାନଙ୍କୁ ନେଇ ଯଥାସ୍ଥାନରେ ପହଞ୍ଚାଇ ଦେଇଥା'ନ୍ତି ବୋଲି ଗବେଷକ ଡ. ଦାଶ କହିଛନ୍ତି।

**● ପୁଣି ବିବାଦରେ ଦୀଘା ଜଗନ୍ନାଥ ମନ୍ଦିର**

## ଖୁଆରେ ପ୍ରସ୍ତୁତ ପେଡ଼ାକୁ 'ମହାପ୍ରସାଦ' କହି ବଣ୍ଟାଯାଉଛି

ପୁରୀ,୧୯।୬(ସମିସ): ପୁଣି ବିବାଦ ଘେରରେ ପଶ୍ଚିମବଙ୍ଗ ଦୀଘା ଜଗନ୍ନାଥ ମନ୍ଦିର। ପୂର୍ବରୁ ଏହାକୁ ଜଗନ୍ନାଥ ଧାମ ବୋଲି ଘୋଷଣା କରି ପଶ୍ଚିମବଙ୍ଗ ସରକାର ସମାଲୋଚନାର ଶିକାର ହୋଇଥିଲେ। ଏହି ବିବାଦର ଅନ୍ତ ଘଟି ନ ଥିବାବେଳେ ପୁଣି ଏକ ବିବାଦ ମୁଣ୍ଡ ଟେକିଛି। ଦୀଘା ଜଗନ୍ନାଥ ମନ୍ଦିରରେ ୩୦୦ କିଲୋଗ୍ରାମ୍ ଖୁଆ ପୂଜା କରିବା ପରେ ତାକୁ ମହାପ୍ରସାଦ ଆଖ୍ୟା ଦେଇ ବଣ୍ଟନ କରିବାର ନୂଆ ବିବାଦରେ ଛନ୍ଦି ହୋଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ପଶ୍ଚିମବଙ୍ଗର ୨୩ଟି ଜିଲ୍ଲାରେ ଲୋକଙ୍କ ମଧ୍ୟରେ ଏହାକୁ ବଣ୍ଟନ କରିବା ସମୟରେ 'ମହାପ୍ରସାଦ' ବୋଲି କହି ଦିଆଯାଉଛି। ଏହି ଖୁଆରେ ସ୍ଥାନୀୟ ମିଠା ଦୋକାନୀ ପେଡ଼ା ପ୍ରସ୍ତୁତ କରିଛନ୍ତି। ଏହାପରେ ରାସନ୍ ଡିଲରମାନଙ୍କ ଦ୍ୱାରା ମହାପ୍ରସାଦ ଭାବେ ପ୍ରତି ବ୍ଲକ୍‌ର ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଉଛି ବୋଲି ମନ୍ଦିର କାର୍ଯ୍ୟ ପରିଚାଳନା କରୁଥିବା ଇସ୍କନ୍ କୋଲକାତାର ଉପାଧ୍ୟକ୍ଷ ରାଧାରମଣ ଦାସ କହିଛନ୍ତି।



ପଶ୍ଚିମବଙ୍ଗରେ ୩୪୧ଟି ବ୍ଲକ୍ ରହିଛି। ପ୍ରତି ପ୍ୟାକେଟ୍‌ରେ ଗୋଟିଏ 'ପେଡ଼ା', ଗୋଟିଏ 'ଗଜା' ଏବଂ ଜଗନ୍ନାଥ ମନ୍ଦିରର ଏକ ଫଟୋ ରହିଛି। ଯାହାକି ୧କୋଟି ୪ଲକ୍ଷ ପରିବାରକୁ ଏହା ବଣ୍ଟନ କରାଯିବ। ଜୁନ୍ ୧୭ରୁ ଏହି ବଣ୍ଟନ ଆରମ୍ଭ ହୋଇଥିବାବେଳେ ରଥଯାତ୍ରା ଦିନ ଅର୍ଥାତ୍ ୨୭ ଜୁନ୍ ସୁଦ୍ଧା ସମାପ୍ତ ହେବାକୁ ଲକ୍ଷ୍ୟ ରଖାଯାଇଛି। ପୂଜା ସମୟରେ ଲାଲ୍ ଶାଢ଼ି ପିନ୍ଧିଥିବା ୩୦ ଜଣ ସ୍ଥାନୀୟ ମହିଳା ମନ୍ଦିର ଗର୍ଭଗୃହକୁ 'ଖୁଆ' ବୋହି ନେଇଥିଲେ, ଯେଉଁଠାରେ ପୁରୋହିତମାନେ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ନିକଟରେ ଭୋଗ ଭାବେ ଏହାକୁ ଅର୍ପଣ କରିଥିଲେ। ଏହାକୁ ନେଇ ଏବେ ବିବାଦ ବଢ଼ିବାରେ ଲାଗିଛି। ପ୍ରଥମେ ଦିଘା ଜଗନ୍ନାଥ ମନ୍ଦିରକୁ 'ଜଗନ୍ନାଥ ଧାମ' କହିବା ଏବଂ ଏବେ ସେଠାରେ ଲାଗୁଥିବା ଭୋଗକୁ 'ମହାପ୍ରସାଦ' କହିବା ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଛି।

**■ ଅଣସରରେ ଗୁପ୍ତ ସେବା**

## ଆଜି ଚକାକୁ ବିଜେ ହେବେ ମହାପ୍ରଭୁ

ପୁରୀ,୧୯।୬(ସମିସ): ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ଅତ୍ୟଧିକ ସ୍ନାନ ଯୋଗୁଁ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତସେବା। ଅଣସର ପିଣ୍ଡିରେ ଠାକୁରଙ୍କ ସେବା କରୁଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି। ଏହି ଗୁପ୍ତ ସେବାରେ ଗତ ମଙ୍ଗଳବାଠାରୁ ଓଷୁଅ ଲାଗି କରାଯାଉଥିଲା। ଗୁରୁବାର ଓଷୁଅ ଲାଗି ଶେଷ ହୋଇଥିବାବେଳେ ଶୁକ୍ରବାର ଅଣସର ଘରେ ଦାରୁଦିଅଁଙ୍କ ଚକାବିଜେ ନୀତି ସମ୍ପନ୍ନ ହେବ। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିବେ। ଶୁକ୍ରବାର ଶ୍ରୀମନ୍ଦିରକୁ ଦଶମୂଳ ମୋଦକ ବିଜେ ହେବ। ଶ୍ରୀମନ୍ଦିରର ବୈଦ୍ୟ ସେବକମାନେ ମହାପ୍ରଭୁଙ୍କ ପାଇଁ ଦଶମୂଳ ମୋଦକ ପ୍ରସ୍ତୁତ କରି ଯୋଗାଇଦେବେ। ଜ୍ୱରରେ ପୀଡ଼ିତ ଦାରୁବିଗ୍ରହମାନେ ଏହି ଦଶମୂଳ ମୋଦକ ଲାଗି ହେଲେ ସୁସ୍ଥ ହୋଇଥା'ନ୍ତି।



ଅଣସର ପଣା ପ୍ରସ୍ତୁତି



ରଙ୍ଗ କାର୍ଯ୍ୟରେ ମଗ୍ନ ଚିତ୍ରକର

**ଲୋକ ମେଳା ଓ କୃଷି ମେଳାର ଚତୁର୍ଥ ସନ୍ଧ୍ୟା**

## ଦର୍ଶକଙ୍କ ମନ ଛୁଇଁଲା ନୃତ୍ୟ, ଗୀତ

ପୁରୀ,୧୯।୬(ସମିସ): ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ସ୍ୱର୍ଣ୍ଣାଭ ବେଳାଭୂମିରେ ଚାଲିଛି ୨୩ତମ ଲୋକ ମେଳା ଓ ୧୬ତମ କୃଷି ମେଳା। ଗୁରୁବାର ଥିଲା ଏହାର ଚତୁର୍ଥ ସନ୍ଧ୍ୟା। ଅନୁଷ୍ଠାନର ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଳିଙ୍ଗ ଟିଭିର ପରିଚାଳନା ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ପୁରୀ ବାର୍ ଆସୋସିଏସନ ସଭାପତି ପ୍ରେମାନନ୍ଦ ମହାନ୍ତି ଓ ସମ୍ପାଦକ ଶରତ ଚନ୍ଦ୍ର ରାୟଗୁରୁ, ଜିଲ୍ଲା ଶିକ୍ଷ କେନ୍ଦ୍ରର ସାଧାରଣ ପରିଚାଳକ ମାନସ କୁମାର ବାରିକ, ସିଂହଦ୍ୱାର ଥାନାଧିକାରୀ ଶ୍ୱେତପଦ୍ମା ଦାଶ, ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଉମାପତି ବେହେରା, ବରିଷ୍ଠ ସେବାୟତ ଭଗବାନ ସୁପକାର, ପୂର୍ବତନ କାଉନ୍‌ସିଲର ଭକ୍ତ ଚରଣ ଦାସ, ବିଶିଷ୍ଟ ସମାଜସେବୀ ଚିତ୍ତରଞ୍ଜନ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ନୃତ୍ୟଗୀତକୁ ବେଶ୍ ମନଭରି ଉପଭୋଗ କରିଥିଲେ ଦେଖଣାହାରୀ। ଏହି ଅବସରରେ ସାଂସ୍କୃତିକ ଦଳମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଉଦ୍‌ଘୋଷକ ଚନ୍ଦ୍ରବିଜୟୀ ମିଶ୍ର ସଂଯୋଜନା କରିଥିବାବେଳେ ସାଂସ୍କୃତିକ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଭାରତ ବର୍ଷର ୨୨ଟି ରାଜ୍ୟରୁ ଆସିଥିବା କଳାକାରଙ୍କ ନୃତ୍ୟରେ କମ୍ପିଥିଲା ସ୍ୱର୍ଣ୍ଣାଭ ବେଳାଭୂମି। ଏତଦ୍‌ବ୍ୟତୀତ ଆୟୋଜିତ କୃଷି ମେଳାରେ ଭାରତ ବର୍ଷର ବିଭିନ୍ନ ରାଜ୍ୟ, ବିଭିନ୍ନ ବିଭାଗ ଓ ଓଡ଼ିଶାର ଅନେକ କୃଷି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଶିବସୁନ୍ଦର ମିଶ୍ର, ରିତେଶ ମହାନ୍ତି, ବିଦ୍ରୋହ କେଶରୀ ସିଂହ, ନାରାୟଣ ପାତ୍ର, ସତ୍ୟବ୍ରତ ଦାସ, ଦେବେନ୍ଦ୍ର ମହାପାତ୍ର, ପ୍ରଦ୍ୟୁମ୍ନ ସାଥୁଆ, ସୌମ୍ୟରଞ୍ଜନ ମିଶ୍ର, ନୃସିଂହ ଚରଣ ଦାଶଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।




**ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ**

## ଅଭିଜ୍ଞତା ଓ ଅନୁଭବ ଆଧାରରେ ସତର୍କ ରହିବାକୁ ପରାମର୍ଶ

ପୁରୀ,୧୯।୬(ସମିସ): ପ୍ରାକୃତିକ ବିପର୍ଯ୍ୟୟ ଅପ୍ରତ୍ୟାଶିତ ଭାବେ ହିଁ ସଂଗଠିତ ହୋଇଥାଏ। ଏହା କୌଣସି ସମୟରେ ମଧ୍ୟ ହୋଇପାରେ। ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇ ପାରିବ ନାହିଁ। କିନ୍ତୁ ସତର୍କତା, ସଚେତନତା ଓ ପୂର୍ବ ପ୍ରସ୍ତୁତି ଦ୍ୱାରା ଧନଜୀବନ ହାନୀ ଓ କ୍ଷୟକ୍ଷତିକୁ ରୋକିବା ସହ ବିପର୍ଯ୍ୟୟକୁ ପ୍ରଶମିତ କରିବାରେ ସହାୟକ ହୋଇଥାଏ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା। ବୁଧବାର ସର୍କିଟ୍ ହାଉସ୍‌ଠାରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସମ୍ପର୍କରେ ଏକ ଟେବୁଲ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ପୁରୀ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବେ ପରିଗଣିତ। ବିଶେଷକରି ବନ୍ୟା, ବାତ୍ୟା ଚିରସହଚର ହୋଇଥିବାରୁ ଏଥିପାଇଁ ସମସ୍ତେ ଅଭିଜ୍ଞତା ଓ ଅନୁଭବ ଆଧାରରେ ସତର୍କ ରହିବାକୁ ସେ ମତ ଦେଇଥିଲେ। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବା, ନିୟମିତ ସତର୍କ ସୂଚନା ଉପରେ ଦୃଷ୍ଟି ରଖିବା, ସେହି ଆଧାରରେ ଲୋକମାନଙ୍କୁ ସଚେତନ କରାଇବା, ବିପର୍ଯ୍ୟୟ ପରିଚାଳନା ମାର୍ଗଦର୍ଶିକାକୁ ପାଳନ କରିବା, ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ଓ ସାଧାରଣ ଲୋକମାନଙ୍କ ସହ ଯୋଗାଯୋଗରେ ରହିବା ଉପରେ ଆଲୋକପାତ କରାଯାଇଥିଲା। ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଓ ଟେବୁଲ ଟପ୍ ଏକ୍ସରସାଇଜ୍‌ର ରାଜ୍ୟ ପ୍ରତିନିଧି ନବକିଶୋର ସିଂ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଓ ଟେବୁଲ ଟପ୍ ଏକ୍ସରସାଇଜ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ଦେବା ସହ ଏହି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସର ସଫଳତା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହଯୋଗ କାମନା କରିଥିଲେ। ଏପରିକି ଦୈନନ୍ଦିନ ଜୀବନରେ ଘଟୁଥିବା ଛୋଟ ବଡ଼ ଦୁର୍ଘଟଣାକୁ କିପରି ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିମାପଡ଼ା ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ଜରୁରୀ ବିଭାଗର ସହକାରୀ ଜିଲ୍ଲାପାଳ ପଞ୍ଚାନନ ପରିଡ଼ା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ବୁଧବାର ମଧ୍ୟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ୧୭୯ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ଏହିପରି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସର ଆୟୋଜନ କରାଯାଇଥିଲା। ଜରୁରୀ ବିଭାଗ ଡିପିଓ ସୁକାନ୍ତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଜୁଲାଇ ୭ରେ ଅଧରପଣା**

## ଗଢ଼ା ଚାଲିଛି ଅଧରହାଣ୍ଡି

ପୁରୀ,୧୯।୬(ସମିସ): ଆସନ୍ତା ୨୭ ତାରିଖରେ ରଥଯାତ୍ରା। ମହାପ୍ରଭୁ ନବଦିନାତ୍ମକ ଯାତ୍ରାରେ ଯିବେ ଶ୍ରୀଗୁଣ୍ଡିଚା ମନ୍ଦିର। ପରେ ପରେ ବାହୁଡ଼ା, ସୁନାବେଶ, ଅଧରପଣା ଏବଂ ନୀଳାଦ୍ରିବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଚାଲିଥିବାବେଳେ ଅଧରପଣା ପାଇଁ କୁମ୍ଭକାର ଅଧର ହାଣ୍ଡି ପ୍ରସ୍ତୁତିରେ ଲାଗିଛନ୍ତି। ଜୁଲାଇ ୭ରେ ରଥ ଉପରେ ହେବ ଅଧର ନୀତି। ରଥାରୂଢ଼ ଠାକୁରମାନଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟିହାଣ୍ଡିରେ ହେଉଥିବା ପଣାଭୋଗକୁ ଅଧରପଣା କୁହାଯାଏ। ତେବେ ଅଧରପଣା ପାଇଁ ନିଷ୍ଠାର ସହିତ କୁମ୍ଭକାର ଗଢୁଛନ୍ତି ଅଧର ହାଣ୍ଡି। ପୂର୍ବେ ବାହୁଡ଼ା ଦଶମୀ ଦିନ ୩ ହାଣ୍ଡି, ଏକାଦଶୀରେ ୩ ହାଣ୍ଡି ଓ ଦ୍ୱାଦଶୀରେ ୩ ହାଣ୍ଡି ଏହିପରି ମୋଟ ୯ ହାଣ୍ଡି ଏବଂ ବଳଭଦ୍ରଙ୍କ ରଥରେ ରାମକୃଷ୍ଣଙ୍କ ଉଦ୍ଦେଶ୍ୟରେ ୨ ହାଣ୍ଡି (ସାନ), ଜଗନ୍ନାଥଙ୍କ ରଥରେ ମଦନମୋହନଙ୍କ ନିମିତ୍ତ ଗୋଟିଏ ହାଣ୍ଡି (ସାନ) ଏହିପରି ମୋଟ ୧୨ ହାଣ୍ଡି ଅଧରପଣା ଭୋଗ ହେଉଥିଲା। ସମ୍ପ୍ରତି ତିନିରଥରେ ଦ୍ୱାଦଶୀ ତିଥିରେ ମୋଟ୍ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ, ରାଘବଦାସ ମଠ ଓ ବଡ଼ଓଡ଼ିଆ ମଠ ପ୍ରତ୍ୟେକ ୩ଟି ଲେଖାଏଁ ଅଧର ହାଣ୍ଡି ଯୋଗାଇଥା'ନ୍ତି।



ଅଧରହାଣ୍ଡି ପ୍ରସ୍ତୁତି ସମ୍ପର୍କରେ କୁମ୍ଭକାର କୁହନ୍ତି, ଗୋଟିଏ ହାଣ୍ଡି ତିଆରି କରିବା ପାଇଁ ପ୍ରାୟ ୪ ବସ୍ତା ମାଟି ଓ ଗୋଟିଏ ବସ୍ତା ବାଲି ଦରକାର ପଡ଼ିଥାଏ। ମାଟିକୁ ଭଏ ଭଦେ ଗୁଣ୍ଡ କରାଯାଏ। ସେହିପରି ବାଲିକୁ ଚଲାଯାଇ ସେଥିରୁ ଛୋଟ ଇଟା ଓ ପଥରଖଣ୍ଡ ବାହାର କରିଦିଆଯାଏ। ପ୍ରଥମେ ଏହାକୁ ଚକଟା ଯାଇ ସମ୍ପୂର୍ଣ୍ଣ ପ୍ଲେନ୍ କରାଯାଏ। କୁମ୍ଭାର ଚକରେ ବାଇହାଣ୍ଡିଠୁ ବଡ଼ ଆକାର ଗଢ଼ାଯାଇ ଏହାକୁ ଖରାରେ ଶୁଖାଇ ଦିଆଯାଏ। ଦୁଇଦିନ ଶୁଖିବା ପରେ ଏହାକୁ ବାଡ଼ିଆ ଯାଇ ଆକାର ଦିଆଯାଏ। କଞ୍ଚାବେଳେ ଏହା ପ୍ରାୟ ୪ରୁ ସାଢ଼େ ୪ ଫୁଟ୍ ରହିଥାଏ। ଶୁଖିଗଲା ପରେ ଏହାର ଉଚ୍ଚତା ସାମାନ୍ୟ କମିଯାଏ। ବର୍ତ୍ତମାନ ସେ ଗଢୁଥିବା ଅଧର ହାଣ୍ଡି ଶୁଖିଗଲାଣି। ଭାଟିରେ ପୋଡ଼ାଯିବା ପରେ ଏହା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଯିବ। ଅକ୍ଷୟ ତୃତୀୟା ପରଠାରୁ ଶୁଦ୍ଧପୂତ ଭାବେ ରହି ଏହାକୁ ଗଢ଼ାଯାଏ। ଆରମ୍ଭରୁ ଏହା ଶେଷ ହେବା ପର୍ଯ୍ୟନ୍ତ ଅରୁଆ ଖାଇବାକୁ ପଡ଼ିଥାଏ। ଏହାକୁ ମହିଳାମାନେ ଛୁଅନ୍ତି ନାହିଁ କି ତିଆରି ହେଉଥିବା ଘରକୁ ଆସନ୍ତି ନାହିଁ। ଏହାକୁ ତିଆରି କରିବା ପାଇଁ ପ୍ରାୟ ମାସେ ପରେ ସମୟ ଲାଗେ। ଅଧରପଣାର ପୂର୍ବଦିନ ଏହାକୁ ନେଇ ପହଞ୍ଚାଇ ଦିଆଯାଏ।

**ଏସ୍‌ସିଏସ୍ କଲେଜରେ ପଲ୍ଲିଶ୍ରୀ ମେଳା**

## ତାତିଲେ ପୁରାତନ ଛାତ୍ର ସଂଘ

**ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ; ନ ଶୁଣିଲେ ତୀବ୍ର ବିରୋଧ ହେବ**

ପୁରୀ,୧୯।୬(ସମିସ)

ପଲ୍ଲିଶ୍ରୀ ମେଳା ଆୟୋଜନକୁ ନେଇ ନାକେଦମ୍ ହେଲାଣି ପୁରୀ ଜିଲ୍ଲା ପ୍ରଶାସନ। ଚଳିତବର୍ଷ ରଥଯାତ୍ରା ଅବସରରେ ପଲ୍ଲିଶ୍ରୀ ମେଳା କେଉଁଠି କରିବ ଏ ପର୍ଯ୍ୟନ୍ତ ଥଳକୂଳ ପାଉନି। ଏସ୍‌ସିଏସ୍ କଲେଜ ପରିସରରେ ମେଳା ପକାଇବା ଲାଗି କାମ ଆରମ୍ଭ କରାଯାଇଥିବା ବେଳେ ଏହାକୁ ନେଇ ତାତିଲେଣି ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଘ। କଲେଜ ପରିସରରେ ପଲ୍ଲିଶ୍ରୀ ମେଳା ଆୟୋଜନ ନ କରିବା ଲାଗି ଗୁରୁବାର ଆଲୁମ୍‌ନି ଆସୋସିଏସନର କର୍ମକର୍ତ୍ତା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଦାବିକୁ ଯଦି ପ୍ରଶାସନ ଅଗ୍ରାହ୍ୟ କରେ ତେବେ ଏହାକୁ ଦୃଢ଼ ବିରୋଧ କରାଯିବ ଏବଂ ସେମାନେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।



ପୁରାତନ ଛାତ୍ର କର୍ମକର୍ତ୍ତା କହିଛନ୍ତି, କଲେଜ ପରିସରରେ ପଲ୍ଲିଶ୍ରୀ ମେଳା ଆୟୋଜନ କୌଣସି ଦିଗରୁ ମହାବିଦ୍ୟାଳୟ ପ୍ରତି ଶୁଭଙ୍କର ନୁହେଁ। ୯ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ମେଳାର ଅଳିଆ ଆବର୍ଜନା ପରିସରର ପରିମଳ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବିଗାଡ଼ିଦେବ। ସମତୁଲ ରହିଥିବା ଖେଳ ପଡ଼ିଆ ଓ ପରିସର ଅସଂଖ୍ୟ ଗର୍ତ୍ତମୟ ହୋଇଯିବ। ଅସ୍ଥାୟୀ ମଣ୍ଡପ ଓ ଷ୍ଟଲ୍ ପଡ଼ିଆର କଳେବରକୁ ନଷ୍ଟ କରିଦେବ। ପୂର୍ବରୁ ହେଉଥିବା ବିଦ୍ୟାଳୟ ପରିସରକୁ ଛାଡ଼ି ମହାବିଦ୍ୟାଳୟ ପରିସରକୁ କାହିଁକି ନଷ୍ଟ କରାଯିବାର ଚେଷ୍ଟା ଚାଲିଛି ବୋଲି ପ୍ରଶ୍ନ କରିଛନ୍ତି। ପଲ୍ଲିଶ୍ରୀ ମେଳା ଆୟୋଜନ ନିମନ୍ତେ ପୁରୀ ସହରରେ ପର୍ଯ୍ୟାପ୍ତ ସ୍ଥାନ ରହିଛି। ତାଳବଣିଆ କିମ୍ବା ସମୁଦ୍ର ବେଳାଭୂମିରେ ଏହା ଆୟୋଜନ କରାଯାଇପାରିବ। ମେଳା ମହୋତ୍ସବ, ବାଣିଜ୍ୟ ବ୍ୟବସାୟ ଓ ଆମୋଦପ୍ରମୋଦ କେନ୍ଦ୍ର ଭାବେ ଶିକ୍ଷାନୁଷ୍ଠାନ ପରିସର ବ୍ୟବହାର ହେବା ଦୁର୍ଭାଗ୍ୟଜନକ। ସବୁଠୁ ଉଦ୍‌ବେଗର ବିଷୟ ହେଉଛି ମହାବିଦ୍ୟାଳୟ ପରିସରରେ ସ୍ଥାୟୀ ଛାତ୍ରୀ ନିବାସ ରହିଛି। ବହୁ ସଂଖ୍ୟକ ଛାତ୍ରୀ ସେଠାରେ ଅବସ୍ଥାନ କରୁଛନ୍ତି। ପଲ୍ଲିଶ୍ରୀ ମେଳା ସମୟରେ ମହାବିଦ୍ୟାଳୟ ପରିସରକୁ ଅସାମାଜିକଙ୍କ ଆଗମନକୁ ଏଡ଼ାଇ ଦିଆଯାଇ ନ ପାରେ। ଏପରିସ୍ଥଳେ ଛାତ୍ରୀମାନଙ୍କ ସୁରକ୍ଷା ବିପନ୍ନ ହେବା ସମ୍ଭାବନା ରହିଛି। ସର୍ବୋପରି ମହାବିଦ୍ୟାଳୟ ପରିସର ଛାତ୍ରଛାତ୍ରୀମାନଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ। ଏହାକୁ ବ୍ୟାବସାୟିକ ସୂତ୍ରରେ ଲଗାଗଲେ ମହାବିଦ୍ୟାଳୟ ମର୍ଯ୍ୟାଦା କ୍ଷୁଣ୍ଣ ହୋଇପାରେ ବୋଲି ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି ପୁରାତନ ଛାତ୍ର ସଂଘ। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଶଙ୍କର୍ଷଣ ଦାସ, ସମ୍ପାଦକ ଭଗବାନ ପଢ଼ିଆରୀ, ଉପଦେଷ୍ଟା ପ୍ରେମାନନ୍ଦ ମହାନ୍ତି ଓ ସୁକାନ୍ତ ପ୍ରଧାନ, ସହସମ୍ପାଦକ ପ୍ରୀତମ୍ ଜଗଦ୍ଦେବ ଓ ନାରାୟଣ ସିଂ, ଭକ୍ତ ଚରଣ ଦାସ, ଶରତ ରାୟଗୁରୁ, ସଭ୍ୟ ସଞ୍ଜୀବ ମହାନ୍ତି, ହିମାଂଶୁ ଶେଖର ସାହୁ, ବିଶାଳ ମହାନ୍ତି, ରାଜେଶ୍ ରଥ, ସୁଧାଂଶୁ ସାହୁଙ୍କ ସମେତ ଅନେକ ପୁରାତନ ଛାତ୍ର ନେତା ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଯଦି ପ୍ରଶାସନ ସେମାନଙ୍କ ଦାବି ପ୍ରତି ସକାରାତ୍ମକ ଆଭିମୁଖ୍ୟ ନ ରଖେ, ତେବେ ଏହାକୁ ବିରୋଧ କରି ଏକ ବଡ଼ ଧରଣର ପ୍ରତିବାଦ ମୁଣ୍ଡ ଟେକିବ। ଏହାର ଫଳାଫଳ ଯାହା ହେବ ସେଥିପାଇଁ ଜିଲ୍ଲାପାଳ ଦାୟୀ ରହିବେ ବୋଲି ପୁରାତନ ଛାତ୍ର ତଥା ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି ଚେତାବନୀ ଦେଇଛନ୍ତି।



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-352 ♦BHUBANESWAR ♦FRIDAY ♦20 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୫୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୦ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଝାଡ଼ଖଣ୍ଡମୁହାଁ ଲଘୁଚାପ

■ **ଭୁବନେଶ୍ୱର, ୧୯।୬ (ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଝାଡଖଣ୍ଡ ମୁହାଁ ହେବା ପରେ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିଛି। ଏହି ସ୍ଥିତି ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ଜାରି ରହିବ। ଏହାପରେ ୨୩-୨୪ ତାରିଖ ବେଳକୁ ଆଉ ଏକ ଲଘୁଚାପ ଯୋଗୁଁ ରାଜ୍ୟରେ ପୁଣି ବର୍ଷା ନେଇ ପାଗ ଅନୁକୂଳ ହେବ। ପରବର୍ତ୍ତୀ ସମୟରେ ୨୮ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ଆଶଙ୍କା ରହିଥିବାରୁ ଆସନ୍ତା ୨ ସପ୍ତାହ ରାଜ୍ୟରେ ସ୍ୱାଭାବିକ କିମ୍ବା ସ୍ୱାଭାବିକଠାରୁ ଅଧିକ ବର୍ଷା ନେଇ ଆକଳନ କରାଯାଇଛି। ଚଳିତ ଜୁନ୍ ମାସରେ ମୌସୁମୀ ପ୍ରଭାବରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି। ଆଜି ପର୍ଯ୍ୟନ୍ତ ରାଜ୍ୟରେ ୧୭୩ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ବିଗତ ଜୁନ୍ ମାସ ଆରମ୍ଭରୁ ଏଯାବତ ବର୍ଷାର୍ ପରିମାଣ ଦୁଇଟି ଜିଲ୍ଲା ସୁନ୍ଦରଗଡ଼ ଓ ଦେବଗଡ଼ରେ ମାତ୍ରାଧିକଠୁ ଅଧିକ ବର୍ଷା ରେକର୍ଡ ହୋଇଥିବା ବେଳେ ୫ଟି ଜିଲ୍ଲା ଢେଙ୍କାନାଳ, ଜଗତସିଂହପୁର, ବୌଦ୍ଧ, ସମ୍ବଲପୁର ଓ ସୋନପୁର ଜିଲ୍ଲାରେ ମାତ୍ରାଧିକ ବର୍ଷା ରେକର୍ଡ ହୋଇଛି। ଏହାସହିତ ୧୫ଟି ଜିଲ୍ଲାରେ ବର୍ଷା ସ୍ୱାଭାବିକ ରହିଥିବା ବେଳେ ୭ଟି ଜିଲ୍ଲା ବରଗଡ଼, ବଲାଙ୍ଗିର, ନୂଆପଡା, ବାଲେଶ୍ୱର, ନବରଙ୍ଗପୁର, କୋରାପୁଟ ଓ କଳାହାଣ୍ଡିରେ ନିଅଣ୍ଟିଆ ଓ ଗୋଟିଏ ଜିଲ୍ଲା ମାଲକାନଗିରିରେ ଅତ୍ୟଧିକ ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଛି।

# ଜୁଲାଇରୁ ଏଟିଏମ୍, ଡେବିଟ୍ କାର୍ଡ ଚାର୍ଜ ମହଙ୍ଗା

■ **ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି):** ଜୁଲାଇ ପହିଲାଠାରୁ ଦେଶର ଘରୋଇ ବ୍ୟାଙ୍କଗୁଡ଼ିକରେ କିଛି ନିୟମ ବଦଳିବାକୁ ଯାଉଛି। ଆଇସିଆଇସିଆଇ ବ୍ୟାଙ୍କ କିଛି କାରବାର ଉପରେ ଲାଗୁ ହେଉଥିବା ଏହାର ସେବା ଚାର୍ଜରେ ପରିବର୍ତ୍ତନ କରିଛି। ସେହି ସମୟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମଧ୍ୟ ଏହାର କ୍ରେଡିଟ୍ କାର୍ଡ ସମ୍ବନ୍ଧୀୟ ନିୟମ ବଦଳାଇବାକୁ ଯାଉଛି। ଆଇସିଆଇସିଆଇ ବ୍ୟାଙ୍କ ଏହାର ଏଟିଏମ୍ ଏବଂ ତୁରନ୍ତ ଦେୟ ସେବା (ଆଇଏମ୍‌ପିଏସ୍) କାରବାର ଉପରେ ଲାଗୁ ହେଉଥିବା ଚାର୍ଜରେ ପରିବର୍ତ୍ତନ କରିଛି। ଯଦି ଆପଣ ଗୋଟିଏ ବ୍ୟାଙ୍କର ଗ୍ରାହକ ଏବଂ ଅନ୍ୟ ଏକ ବ୍ୟାଙ୍କର ଏଟିଏମ୍ ବ୍ୟବହାର କରୁଥାନ୍ତି, ତେବେ କିଛି କାରବାର ପରେ ଆପଣଙ୍କୁ ଅତିରିକ୍ତ ଚାର୍ଜ ଦେବାକୁ ପଡିବ। ଏଟିଏମ୍ କାରବାର ଉପରେ ନୂତନ ଚାର୍ଜ ପୂର୍ବକ ମେଟ୍ରୋ ସହରଗୁଡ଼ିକରେ ପ୍ରତି ମାସରେ ୩ କାରବାର ମାଗଣା ହେବ। ଅଣ-ମେଟ୍ରୋ (ଛୋଟ) ସହରଗୁଡ଼ିକରେ ପ୍ରତି ମାସରେ ୫ କାରବାର ମାଗଣା ହେବ। ଏହାପରେ ଯଦି ଆପଣ ଟଙ୍କା ଉଠାନ୍ତି (ଆର୍ଥିକ କାରବାର), ତେବେ ଆପଣଙ୍କୁ ପ୍ରତି କାରବାର ପାଇଁ ୨୩ ଟଙ୍କା ଦେବାକୁ ପଡିବ, ପୂର୍ବରୁ ଏହା ୨୧ ଟଙ୍କା ଥିଲା। ଯଦି ଆପଣ କେବଳ ବାଲାନ୍ସ ଯାଞ୍ଚ କରନ୍ତି କିମ୍ବା ଅନ୍ୟ ଅଣ-ଆର୍ଥିକ କାର୍ଯ୍ୟ କରନ୍ତି, ତେବେ ପ୍ରତି କାରବାର ପାଇଁ ୮ ଟଙ୍କା ୫୦ ପଇସା ଦେବାକୁ ହେବ। ଆଇଏମ୍‌ପିଏସ୍ ମାଧ୍ୟମରେ ଟଙ୍କା ପଠାଇବା ପାଇଁ, ଆପଣଙ୍କୁ କାରବାର ପରିମାଣ ଅନୁସାରେ ଶୁଳ୍କ ଦେବାକୁ ପଡିବ। ୧୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରତି କାରବାର ▶ପୃଷ୍ଠା-୭

# ୨୦୨୩-୨୪ ଶିକ୍ଷାବର୍ଷରେ ଓଡ଼ିଶାକୁ ୫ମ ସ୍ଥାନ

■ **ଭୁବନେଶ୍ୱର, ୧୯।୬ (ସମିସ):** କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୨୦୨୩-୨୪ ଶିକ୍ଷାବର୍ଷର ପରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସ (ପିଜିଆଇ) ରିପୋର୍ଟ ପ୍ରକାଶ ପାଇଛି। ତହିଁରେ ଓଡ଼ିଶା ପଞ୍ଚମ ସ୍ଥାନ ହାସଲ କରିଛି। ପ୍ରଥମ ସ୍ଥାନରେ ଚଣ୍ଡିଗଡ଼ ଥିବାବେଳେ ପଞ୍ଜାବ, ଦିଲ୍ଲୀ ଓ ଗୁଜୁରାଟ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନରେ ରହିଛନ୍ତି। ୨୦୨୨-୨୩ ତୁଳନାରେ ୨୦୨୩-୨୪ ଶିକ୍ଷାବର୍ଷରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରିଛି। ସମୁଦାୟ ହଜାରେ ପଏଣ୍ଟ ମଧ୍ୟରୁ ୨୦୨୨-୨୩ରେ ୫୮୪.୫ ସ୍କୋର ଥିବାବାଳେ ୫୯୫.୬କୁ ବୃଦ୍ଧି ପାଇବା ସହ ପ୍ରଚେଷ୍ଟା-୩ ଗ୍ରେଡ୍‌ରେ ନିଜର ସ୍ଥାନ ବଜାୟ ରଖିଛି।

ବିଦ୍ୟାଳୟ ଶିକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ଜିଲ୍ଲାମାନଙ୍କ ମଧ୍ୟରେ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ପୂର୍ବପରି ସର୍ବାଗ୍ରେ ରହିଛି। ୨୦୨୨-୨୩ରେ ପ୍ରଚେଷ୍ଟା-୧ ଗ୍ରେଡ୍‌ରେ ଥିବା ଏହି ଜିଲ୍ଲା ଏକମାତ୍ର ଜିଲ୍ଲାଭାବେ ୨୦୨୩-୨୪ରେ ଉତ୍ତମ-୩ ଗ୍ରେଡ୍‌କୁ ଉତ୍ତୀର୍ଣ୍ଣ ହୋଇଛି। ସେହିପରି ୨୦୨୨-୨୩ରେ ମାତ୍ର ୧୨ଟି ଜିଲ୍ଲା ପ୍ରଚେଷ୍ଟା-୧ ଗ୍ରେଡ୍‌ରେ ସ୍ଥାନ ପାଇଥିବାବେଳେ ୨୦୨୩-୨୪ରେ ୨୪ ଜିଲ୍ଲା ଏହି ବର୍ଗରେ ସ୍ଥାନ ପାଇଛନ୍ତି। ଅର୍ଥାତ୍ ଜିଲ୍ଲାଗୁଡ଼ିକ ମଧ୍ୟ ଦୁଇଗୁଣା ଭଲ ପ୍ରଦର୍ଶନ କରିଛନ୍ତି। ପୁରୀ, ଗଜପତି, ମୟୂରଭଞ୍ଜ, ନବରଙ୍ଗପୁର ଓ ରାୟଗଡ଼ା ପ୍ରଚେଷ୍ଟା-୨ରେ ରହିଥିବାବେଳେ ଅବଶିଷ୍ଟ ଜିଲ୍ଲା ପ୍ରଚେଷ୍ଟା-୧ ଗ୍ରେଡ୍‌ରେ ରହିଛନ୍ତି। ପୂର୍ବବର୍ଷ ପରି ସର୍ବନିମ୍ନ ପ୍ରଦର୍ଶନ ସହ ରାୟଗଡ଼ା ଜିଲ୍ଲା ଶେଷ ସ୍ଥାନରେ ରହିଛି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାକୁ ବ୍ୟାପିଲା ଡାଇରିଆ

## ୧୩ ଦିନ ଧରି କଲବଲ ଅଧା ଓଡ଼ିଶା

■ **ଭୁବନେଶ୍ୱର, ୧୯।୬ (ସମିସ):** ଜୁନ୍ ପ୍ରଥମ ସପ୍ତାହରୁ ଯାଜପୁର ଜିଲ୍ଲାରେ ଆରମ୍ଭ ହୋଇଥିବା ଡ଼ାଇରିଆ ଉପକୂଳ ଡ଼େଇଁ ଏବେ ପଶ୍ଚିମ ଓଡ଼ିଶା ମୁହାଁ ହୋଇଛି। ପୂର୍ବରୁ ବରଗଡ଼ରେ କିଛି ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି; ମାତ୍ର ବଲାଙ୍ଗୀରରେ ଆଜି ୨୭ରୁ ଉର୍ଦ୍ଧ୍ୱ ରୋଗୀ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା କୁହାଯାଉଛି। ଏମିତିକି ଅଧିକାଂଶ ସଂକ୍ରମିତଙ୍କ ଶରୀରରେ ଜଳୀୟ ଅଂଶର ପରିମାଣ ସଂପୂର୍ଣ୍ଣ କମି ଯାଇଥିବା କୁହାଯାଉଛି। ଦୀର୍ଘ ୧୩ ଦିନ ଧରି ଅଧା ଓଡ଼ିଶା ଝାଡ଼ାବାନ୍ତିରେ କଲବଲ ହେଉଥିବାବେଳେ ସରକାରଙ୍କ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇପାରୁନି। ଗୋଟିଏ ପରେ ଗୋଟେ ଜିଲ୍ଲାରେ ଆକ୍ରାନ୍ତ ବଢ଼ିବାରେ ଲାଗିଛନ୍ତି। ମୃତ୍ୟୁ ସଂଖ୍ୟା ବି ବୃଦ୍ଧି ପାଉଛି।

ନିଜ ଜିଲ୍ଲା ବଲାଙ୍ଗୀରରେ ସ୍ଥିତି ଅଣାୟତ୍ତ ହୋଇଥିଲେ ହେଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କର ଏହାପ୍ରତି ନିଘା ନାହିଁ। କେନ୍ଦ୍ରୀୟ ଟିମ୍ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞ ଦଳ କେବଳ ଯାଜପୁର, ଭଦ୍ରକ ଆଦି ଜିଲ୍ଲାରେ ଡାଇରିଆ ରୋକିବାକୁ ଚେଷ୍ଟା କରୁଥିବାବେଳେ ଅନ୍ୟ ଜିଲ୍ଲା ପ୍ରତି ସେମିତି କେହି ବିଶେଷ ଦୃଷ୍ଟି ଦେଉନାହାନ୍ତି। ଏମିତିକି କେନ୍ଦ୍ରୀୟ ଟିମ୍ ଦୂଷିତ ଜଳ ଓ ବିଷାକ୍ତ ଖାଦ୍ୟରୁ ଡାଇରିଆ ବ୍ୟାପିଥିବା ରିପୋର୍ଟ ଦେବା ପରେ ମଧ ▶ପୃଷ୍ଠା-୭


### କେନ୍ଦ୍ରାପଡ଼ାରେ ଦ୍ୱିତୀୟ ମୃତ୍ୟୁ

■ **କେନ୍ଦ୍ରାପଡ଼ା, ୧୯।୬ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଡାଇରିଆ ଯୋଗୁଁ ଦୁଇଜଣଙ୍କ ମୃତ୍ୟୁ ହେଲାଣି। ତଥାପି ପ୍ରଶାସନର ନିଦ ଭାଙ୍ଗୁନି। ଏବେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଗୁରୁବାର ଡାଇରିଆରେ ମୃତ୍ୟୁବରଣ କରିଥିବା ମହିଳା ଜଣକ ହେଉଛନ୍ତି କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଚକ୍ରୋଡ଼ା ପଞ୍ଚାୟତର ମଞ୍ଜୁଲତା ଜେନା (୪୬)। ମଞ୍ଜୁଲତାଙ୍କ ଲଗାତର ଝାଡ଼ାବାନ୍ତି ହେବାରୁ ସେ ଡାଇରିଆର ଶିକାର ହୋଇଥିବା ଡାକ୍ତର ରିପୋର୍ଟ ଦେଇଥିଲେ। ତାଙ୍କୁ ଡାଇରିଆ ହେବା ପରେ ତାଙ୍କ ବଡ଼ପୁଅ ମଧ ଆକ୍ରାନ୍ତ ହୋଇଥିଲେ। ଉଭୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ମଞ୍ଜୁଲତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ଗୁରୁବାର ମୃତ୍ୟୁ ଘଟିଛି। ଏହି ଘଟଣା ପ୍ରଚାରିତ ହେବା ପରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଚକ୍ରୋଡା ଗ୍ରାମରେ ପହଞ୍ଚି ଗାଁକୁ ସାନିଟାଇଜ କରିଛନ୍ତି। ଏହାକୁ ନେଇ ଏ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ତେବେ ଭୟ ନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଟିମ ଗ୍ରାମବାସୀଙ୍କୁ ସଚେତନ କରିଛି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ସଚିଦାନନ୍ଦ ମିଶ୍ର ଗଣମାଧ୍ୟମକୁ କହିଛନ୍ତି, ଏ ଘଟଣା ଘଟିବା ପରେ ଗାଁରେ ସ୍ୱାସ୍ଥ୍ୟ ସେବା ଦଳ ପହଞ୍ଚି ଗାଁକୁ ସାନିଟାଇଜ କରିଛି। ଲୋକଙ୍କୁ ପାଣି ଫୁଟାଇ ପିଇବାକୁ ସଚେତନ କରାଯାଇଛ। ଶନିବାର ରାତିରେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ସଜନୀ ମଲ୍ଲିକ ନାମ୍ନୀ ମହିଳାଙ୍କ ଡାଇରିଆରେ ମୃତ୍ୟୁ ଘଟିଥିଲା।



### ହାଇକୋର୍ଟଙ୍କ ଉଦ୍‌ବେଗ

■ **କଟକ, ୧୯।୬ (ସମିସ):** କିଛି ଦିନ ହେବ ଝାଡ଼ାବାନ୍ତି ଓ ହଇଜା ରୋଗ ବ୍ୟାପୁଥିବା ବେଳେ କଟକ ସହରର ପରିମଳ ବ୍ୟବସ୍ଥାକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ବିଶେଷକରି ସହରର ବିପର୍ଯ୍ୟସ୍ତ ପରିମଳ ସହ ଦୂଷିତ ଖାଦ୍ୟ ବିକ୍ରି ଓ ପାନୀୟଜଳ ଯୋଗାଣ ଅବ୍ୟବସ୍ଥା ସମ୍ପର୍କରେ ଆଡଭୋକେଟ କମିଟି ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ହାଇକୋର୍ଟ କଟକ ମହାନଗର ନିଗମ(ସିଏମସି) ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ତଲବ କରିଛନ୍ତି। ଝାଡ଼ାବାନ୍ତି ଓ ହଇଜା ନିରାକରଣ ପାଇଁ କଣ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ସେନେଇ ସତ୍ୟପାଠ ଦାଖଲ କରିବାକୁ ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। କଟକ ସହର ସମସ୍ୟା ପ୍ରସଂଗରେ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଝାଡାବାନ୍ତି ବ୍ୟାପୁଥିବା ବେଳେ କଟକ ଜିଲ୍ଲାର ମଧ୍ୟ କେତେକ ଅଞ୍ଚଳରେ ଏହି ରୋଗ ବ୍ୟାପୁଥିବା ଜଣାପଡିଛି। ଏଭଳି ସ୍ଥିତିରେ କଟକ ସହରରେ ମଧ୍ୟ ଦୂଷିତ ଜଳ ଓ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ପାଇଁ ରୋଗ ▶ପୃଷ୍ଠା-୭



**ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ପାଇଁ ନିର୍ଦ୍ଦେଶ**

# ଆଗକୁ ରଥଯାତ୍ରା
## ବଢ଼ିଲା ଝାଡ଼ାବାନ୍ତି ଭୟ

■ **ପୁରୀ, ୧୯।୬ (ସମିସ):** ରାଜ୍ୟରେ ଡାଇରିଆ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଡେଇଁବାରେ ଲାଗିଛି ଝାଡ଼ାବାନ୍ତି। ଏଥିରେ କିପରି ବ୍ରେକ୍ ଲାଗିବ ସେ ନେଇ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଆକ୍ତାମାକ୍ତା ହୋଇପଡ଼ିଲେଣି। ଏଭଳି ସ୍ଥିତିରେ ଆଗକୁ ଆସୁଛି ରଥଯାତ୍ରା। ଲକ୍ଷ ଲକ୍ଷ ଭକ୍ତଙ୍କର ସମାଗମ ହେବ ପୁରୀରେ। ଏହା ପୂର୍ବରୁ ରାଜ୍ୟରେ ଯଦି ଝାଡ଼ାବାନ୍ତି ନିୟନ୍ତ୍ରଣକୁ ଆସି ନ ଥାଏ ପୁରୀ ପାଇଁ ବଡ଼ ବିପଦ ସାଜିବା ନେଇ ଆଶଙ୍କା କଲେଣି ଶ୍ରୀକ୍ଷେତ୍ରବାସୀ। ରଥଯାତ୍ରା ପାଇଁ ଏବେ ଡାଇରିଆ ଟେନ୍‌ସନ ବଢ଼ାଇ ଦେଲାଣି। ଏମିତି ବି ପୁରୀରେ ଭକ୍ତ, ପର୍ଯ୍ୟଟକଙ୍କୁ ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଖାଦ୍ୟ ପରସା ଯାଉଥିବାର ଅଭିଯୋଗ ହୋଇଆସୁଛି। ତା' ସାଙ୍ଗକୁ ବର୍ଷା ମଧ୍ୟ ଆସିଲାଣି। ତେଣୁ ରଥଯାତ୍ରାକୁ ନେଇ ସହରବାସୀଙ୍କ ଚିନ୍ତା ବଢ଼ିଗଲାଣି।

ରଥଯାତ୍ରାକୁ ଆଉ ମାତ୍ର ୭ ଦିନ ରହିଲା। ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଦେଖିବା ଲାଗି ଦେଶ ବିଦେଶରୁ ଭକ୍ତଙ୍କ ସମାଗମ ହେବ ପୁରୀରେ। ପ୍ରାୟ ୧୨ରୁ ୧୫ ଦିନ ଧରି ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ରହିବ ଶ୍ରୀକ୍ଷେତ୍ରରେ। ହଇଜା ବ୍ୟାପିଥିବା ଅଞ୍ଚଳରୁ ବି ଭକ୍ତ ଆସିପାରନ୍ତି। ଏ ସବୁକୁ ଦେଖିଲେ ଆଗକୁ ପୁରୀ ପାଇଁ ସମ୍ଭାବ୍ୟ ବିପଦ ଘନଉଥିବା ଚର୍ଚ୍ଚା ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରଥଯାତ୍ରା ସମୟରେ ପୁରୀର ପରିମଳ ବ୍ୟବସ୍ଥା ବିଗିଡ଼ିଯାଏ। ରଥଯାତ୍ରା ଅବସରରେ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀମାନେ ଖାଦ୍ୟ, ପାନୀୟ ଆଦି ବଣ୍ଟନ କରିଥା'ନ୍ତି। ଲୋକେ ସେଠାରୁ ଖାଦ୍ୟ ଗ୍ରହଣ ▶ପୃଷ୍ଠା-୭



**ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ହେଉଛି ଖାଦ୍ୟ**

## ମନ୍ତ୍ରୀଙ୍କୁ ଡାଇରିଆ ଡର

# ଜିଲ୍ଲାପାଳଙ୍କ ହାତକୁ ଟେକିଦେଲେ ସ୍କୁଲ୍ ଖୋଲିବା ନିଷ୍ପତ୍ତି

■ **ଭୁବନେଶ୍ୱର, ୧୯।୬ (ସମିସ):** ଖରାଛୁଟି ପରେ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ରାଜ୍ୟରେ ଆଂଶିକ ଭାବେ ବିଦ୍ୟାଳୟ ଖୋଲିବ। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପାଇଁ ଟ୍ରାଫିକ୍ ସମସ୍ୟା ଉପୁଜିବ ଆଶଙ୍କା ଥିବାରୁ ଭୁବନେଶ୍ୱର ଓ କଟକ ମହାନଗର ନିଗମର ସମସ୍ତ ବିଦ୍ୟାଳୟକୁ ଶୁକ୍ରବାର ପାଇଁ ଛୁଟି ଘୋଷଣା କରାଯାଇଛି। ଶନିବାର ଏହି ଦୁଇ ସ୍ଥାନରେ ପାଠପଢ଼ା ଆରମ୍ଭ ହେବ। ସେହିପରି ଡାଇରିଆ ପ୍ରବଣ ଯାଜପୁର ଓ ଭଦ୍ରକ୍ ଜିଲ୍ଲାରେ ମଧ ବିଦ୍ୟାଳୟ ଖୋଲିବ ନାହିଁ। ଯାଜପୁରରେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କରିବା ସହ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକୁ ମଧ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅନୁରୂପ ଭାବେ ଭଦ୍ରକ ଜିଲ୍ଲାରେ ▶ପୃଷ୍ଠା-୭

**ଡାଇରିଆ ପାଇଁ ଯାଜପୁରରେ ୨୪ ଓ ଭଦ୍ରକରେ ୨୧ ଯାଏଁ ଛୁଟି**

**ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଭୁବନେଶ୍ୱର ଓ କଟକରେ ସ୍କୁଲ୍ ବନ୍ଦ**






# ଘରେ ପଶି ଯୋଗ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ
## ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

■ **କେନ୍ଦ୍ରାପଡ଼ା/ଡେରାବିଶ, ୧୯।୬ (ସମିସ):** ଗତ ୪ ଦିନ ମଧ୍ୟରେ ଚାରିଟି ଦୁଷ୍କର୍ମ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଗୋପାଳପୁର ଗଣଦୁଷ୍କର୍ମ ଜାତୀୟ ପ୍ରସଙ୍ଗରେ ପରିଣତ ହୋଇଛି। ଏହି ସମୟରେ କେନ୍ଦ୍ରାପଡ଼ରେ ଜଣେ ଯୋଗ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ଘଟଣା ସାରା ଜିଲ୍ଲାରେ ହଇଚଇ ସୃଷ୍ଟି କରିଛି। ସମ୍ପୃକ୍ତ ଯୋଗ ଶିକ୍ଷୟିତ୍ରୀ ଏକାକୀ ଥିବାବେଳେ ଅଭିଯୁକ୍ତ କବାଟ ଭାଙ୍ଗି ଘରେ ପଶି ତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ସମ୍ପୃକ୍ତ ଯୋଗ ଶିକ୍ଷୟିତ୍ରୀ ସ୍ଥାନୀୟ ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରନ୍ତି। ସେ ମୁଣ୍ଡାଳ ଗାଁରେ ଏକ ଘର ଭଡ଼ା ନେଇ ରହୁଥିଲେ। ବୁଧବାର ମଧ୍ୟରାତ୍ରିରେ ଜଣେ ଯୁବକ ଘର ଭିତରକୁ ▶ପୃଷ୍ଠା-୭




# ମାମୁ ଘର ଗାଁ ପୋଖରୀରେ ବୁଡ଼ିଗଲେ ୨ ଭଉଣୀ

■ **ଭଦ୍ରକ/ବାସୁଦେବପୁର, ୧୯।୬ (ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ କିସ୍ମତ କୃଷ୍ଣପୁର ଗାଁରେ ନିଜ ମାମୁ ଘରକୁ ବୁଲି ଆସିଥିବା ୨ଶିଶୁ କନ୍ୟା ପୋଖରୀର ପଡି ମୃତ୍ୟୁବରଣ କରିଛନ୍ତି। ମୃତା ଦୁଇ ଭଉଣୀ ବାପା ଓ ମାଆଙ୍କ ସହିତ ମାମୁ ଘରକୁ ଆସିଥିବା ବେଳେ ଏହି ଅଘଟଣ ଘଟିଥିବା ଜଣାଯାଇଛି।

ସୂଚନାନୁଯାୟୀ, ଚାନ୍ଦବାଲି ବ୍ଲକ କରଣପଲ୍ଲୀ ପଞ୍ଚାୟତ ନାଳିଛକର ରତନ ମଣ୍ଡଳ ନିଜ ପତ୍ନୀ ସହିତ ୪ ବର୍ଷର କନ୍ୟା ନନ୍ଦିନୀ ଓ ୩ ବର୍ଷର କନ୍ୟା ଚାନ୍ଦିନୀକୁ ନେଇ ଶଶୁର ଘର କିସ୍ମତ କୃଷ୍ଣପୁରକୁ ବୁଲି ଆସିଥିଲେ। ରତନ ନିଜ ଶାଳକକୁ ଧରି କଟକ ମେଡିକାଲ ଯାଇଥିଲେ। ଦୁଇ ଭଉଣୀ ଅପରାହ୍ନରେ ଖେଳୁଥିବା ବେଳେ ପୋଖରୀରେ ପଡ଼ି ବୁଡ଼ି ଯାଇଥିଲେ। ମାଆ ସେମାନଙ୍କୁ ▶ପୃଷ୍ଠା-୭




# ସମ୍ପାଦକୀୟ



ପ୍ରତ୍ୟେକ ଯଥାର୍ଥ କଳାକୃତିରେ ଦିବ୍ୟ ଈଶ୍ୱରୀୟ ସତ୍ତାର ସ୍ପର୍ଶ ଦେଖିବାକୁ ମିଳିଥାଏ।
-ମାଇକେଲ୍ ଆଞ୍ଜେଲୋ

ସକାଳ
THE SAKALA

## ବ୍ୟୋମସଙ୍କଟ

ଭାରତର ପ୍ରମୁଖ ବ୍ୟୋମଯାନ ବା ଉଡ଼ାଜାହାଜ ସେବା ପ୍ରଦାନକାରୀ ସଂସ୍ଥା ଏୟାର ଇଣ୍ଡିଆ ଦୁର୍ଦ୍ଦିନ ଦେଇ ଗତି କରୁଛି। ଅହମ୍ମଦାବାଦ୍‌ରେ ଡ୍ରିମଲାଇନ୍‌ର ଏଆଇ୧୭୧ ବୋଇଂ ବିମାନର ମର୍ମନ୍ତୁଦ ଦୁର୍ଘଟଣା ପଛର ଅସଲ କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଅପରପକ୍ଷରେ ଏହି ଦୁର୍ଘଟଣା ପରଠାରୁ ଏୟାର ଇଣ୍ଡିଆର ଆନ୍ତର୍ଜାତିକ ବିମାନ ସେବା ବୈଷୟିକ ତ୍ରୁଟି କାରଣରୁ ବାତିଲ୍ ହୋଇଚାଲିଛି। ଗତ ସାତ ଦିନ ମଧ୍ୟରେ ୮୬ଟି ବିମାନ ଉଡ଼ାଣ ଶେଷମୁହୂର୍ତ୍ତରେ ବାତିଲ୍ ହେବା ଦ୍ୱାରା ଆନ୍ତର୍ଜାତିକ ସ୍ତରରେ ଭାରତୀୟ ବିମାନ ସେବାର ଭାବମୂର୍ତ୍ତି ଓ ଯାତ୍ରୀମାନଙ୍କର ଭରସା କ୍ଷୁଣ୍ଣ ହେଉଛି। ବିମାନଯାତ୍ରୀ ମଧ୍ୟ ଏୟାର ଇଣ୍ଡିଆର ଯାତ୍ରୀ ସୁବିଧା ସେବା(କଷ୍ଟମର କେୟାର)ର ମାନ ଦିନକୁ ଦିନ ନିମ୍ନମୁଖୀ ହେଉଥିବା ଅଭିଯୋଗ କରୁଛନ୍ତି। ଏହି ପୃଷ୍ଠଭୂମିରେ ଭାରତର ଏହି ସର୍ବବୃହତ୍ ବିମାନସେବା ସଂସ୍ଥା ତା'ର ଆନ୍ତର୍ଜାତିକ ଉଡ଼ାଣରେ ୧୫% ହ୍ରାସ କରିବାକୁ ଘୋଷଣା କରିଛି। ଏହାପଛର ଆଭ୍ୟନ୍ତରୀଣ କାରଣ ଜଣାପଡ଼ିନାହିଁ; କିନ୍ତୁ ଡ୍ରିମ୍‌ଲାଇନର ଦୁର୍ଘଟଣା ପରେ ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟା ଯୋଗୁଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସଂସ୍ଥା ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଇତିମଧ୍ୟରେ ଏୟାର ଇଣ୍ଡିଆ ମାଲିକାନାରେ ଥିବା ୩୩ଟି ବୋଇଂ ୭୮୭ ବିମାନ ମଧ୍ୟରୁ ୨୬ଟିର ସୁରକ୍ଷା ଯାଞ୍ଚ ସରିଥିବା ବେଳେ ବୋଇଂ ୭୭୭ର ଯାଞ୍ଚ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା କମ୍ପାନୀ ସୂଚନା ଦେଇଛି।

ପରିଚାଳନାରେ ଅପାରଗତା କାରଣରୁ ବଢ଼ିଚାଲିଥିବା କ୍ଷତି ପରିମାଣ ୭୦ ହଜାର କୋଟି ଟଙ୍କା ଟପିବା ପରେ ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣ କରିବା ପାଇଁ ସରକାର ନିଷ୍ପତ୍ତି ନେଲେ ଏବଂ ୨୦୨୨, ଜାନୁଆରୀ ୨୭ରେ ଏହାର ମାଲିକାନା ପୁନର୍ବାର ଟାଟା ହାତକୁ ଗଲା। ସେବା ଓ ଉତ୍ପାଦ ଗୁଣବତ୍ତାରେ ସାଲିସ୍ କରୁନଥିବା ଏବଂ ଗ୍ରାହକ ଭରସାଯୋଗ୍ୟ ସଂସ୍ଥା ଭାବରେ ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଟାଟା ଗ୍ରୁପ୍ ଅଧୀନକୁ ଯିବା ପରେ ଏୟାର ଇଣ୍ଡିଆର ଦୁରବସ୍ଥାରେ ସୁଧାର ଆସିବ ବୋଲି ଆଶା କରାଯାଉଥିଲା। ଆଶାନୁରୂପ ପାଖାପାଖି ଗତ ତିନିବର୍ଷ ଭିତରେ ଏୟାର ଇଣ୍ଡିଆର ରାଜସ୍ୱରେ ୨୫% ବୃଦ୍ଧି ଘଟିଥିବା ବେଳେ କ୍ଷତି ପରିମାଣ ୫୦% ଯାଏଁ ହ୍ରାସ ପାଇଛି। ବଜାର ଅଂଶରେ ମଧ୍ୟ ୯.୭%କୁ ବୃଦ୍ଧି ଘଟିଛି। କିନ୍ତୁ ବ୍ୟବସାୟିକ ଲାଭ-କ୍ଷତିରୁ ଊର୍ଦ୍ଧ୍ୱରେ ତର୍ଜମା କଲେ ସମ୍ପ୍ରତି ଏୟାର ଇଣ୍ଡିଆର ଯାତ୍ରୀ ସେବା ମାନରେ ଯେଭଳି ଅବକ୍ଷୟ ପରିଲକ୍ଷିତ ହେଉଛି ଏବଂ ଅଭିଯୋଗମାନ ଆସୁଛି ତାହା ସାମଗ୍ରିକ ଭାବେ ଟାଟାର ନୈତିକତା ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି। ଏପରିକି ଟାଟା ହାତକୁ ଯିବା ପରେ ଯାତ୍ରୀ ଅଭିଯୋଗମାନ ବଢ଼ିବାରେ ଲାଗିଛି। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏକ ଭଙ୍ଗା ଚୌକିରେ ବସି ଯାତ୍ରା କରିବା ଭଳି ଘଟଣାରୁ ଆରମ୍ଭ କରି, ବାତାନୁକୂଳିତ ବ୍ୟବସ୍ଥା କାମ ନ କରିବା, ଟିଭି ନ ଚାଲିବା ଏବଂ ଯାତ୍ରୀମାନଙ୍କ ପ୍ରତି ପରିଚାରିକାମାନେ ସେତେଟା ଦୃଷ୍ଟି ନ ଦେବା ଆଦି ଅତିନିମ୍ନସ୍ତରର ଅଭିଯୋଗମାନ ଏକ ଆନ୍ତର୍ଜାତିକ ସଂସ୍ଥାର ଭାବମୂର୍ତ୍ତି ସହିତ ଯୋଡ଼ି ହୋଇଯିବା ଶୁଭଙ୍କର ନୁହେଁ। ଏହାଛଡ଼ା ୨୦୨୪ରେ ବୈଷୟିକ ତ୍ରୁଟି(ହାଇଡ୍ରାଲିକ୍ ଫେଲ୍ୟୁର) ପାଇଁ ଦିଲ୍ଲୀ-ସାନ୍‌ଫ୍ରାନ୍‌ସିସ୍‌କୋ ବିମାନ ଅଧାଆକାଶରୁ ଫେରିବା, ଟଏଲଟ୍ ଜାମ କାରଣରୁ ଚିକାଗୋରୁ ଦିଲ୍ଲୀ ଅଭିମୁଖେ ଆସୁଥିବା ବିମାନ ପୁଣି ଲେଉଟିବା, ଗତ ଜାନୁଆରୀ ୫ ତାରିଖରେ ବେଙ୍ଗାଲୁରୁରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ବିମାନର ଇଞ୍ଜିନ କାମ ନ କରିବାରୁ ମଧ୍ୟାକାଶରୁ ବାହୁଡ଼ାଇ ଆଣିବା, ସମୟାନୁବର୍ତ୍ତିତାରେ କ୍ରମାଗତ ଅବହେଳା ଭଳି ଘଟଣାରେ ଟାଟାର ପରିଚାଳନା ଦକ୍ଷତାର ସୁନାମ ଉପରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଛି। ପରିସ୍ଥିତି ଏପରି ହୋଇଛି ଯେ ଟାଟା କମ୍ପାନୀ ଯାହା କିଛି ସୁନାମ ଅର୍ଜନ କରିଥିଲା, କେବଳ ଏୟାର ଇଣ୍ଡିଆ ତାହାକୁ ବୁଡ଼ାଇ ଦେବା ପାଇଁ ଯଥେଷ୍ଟ ବୋଲି ମତ ପ୍ରକାଶ ପାଇଛି। ଏପରିକି ଏବେ ଏହାର ଘରୋଇକରଣ ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟରେ ସେଥିରେ ଡ୍ରିମ୍‌ଲାଇନର ଦୁର୍ଘଟଣା ଭଳି ଅପବାଦ ଯୋଡ଼ି ହୋଇଯାଇଛି। ବିମାନ ଉଡ଼ାଣ ବାତିଲ୍ ହେଲେ କେବଳ ଟାଟା କିମ୍ବା ଏୟାର ଇଣ୍ଡିଆର ଅର୍ଥନୈତିକ କ୍ଷତି ହେଉନାହିଁ, ଏହାର ପ୍ରତିକୂଳ ପ୍ରଭାବ ଯାତ୍ରୀଙ୍କ ବ୍ୟବସାୟ, ଲାଭ-କ୍ଷତି, ସମୟ ଉପରେ ମଧ୍ୟ ପଡୁଛି। ସର୍ବୋପରି ଦେଶର ଅର୍ଥନୀତି ଓ ବାଣିଜ୍ୟିକ ପ୍ରତିଷ୍ଠା ମଧ୍ୟ ପ୍ରଭାବିତ ହେଉଛି।

ଏୟାର ଇଣ୍ଡିଆର ପରିଚାଳନା ଆଗରେ ଏବେ ବହିଃସମସ୍ୟା ତୁଳନାରେ ଆଭ୍ୟନ୍ତରୀଣ ଆହ୍ୱାନ ଅଧିକ। ସଂସ୍ଥା ଅଧୀନରେ ଥିବା ଅଧିକାଂଶ ବିମାନ ପୁରୁଣା ହୋଇଯାଇଥିବା ବେଳେ ପାଇଲଟ୍, କ୍ୟାବିନ୍ କ୍ରୁ, ବୈଷୟିକ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆଧୁନିକ ଓ ସମୟୋପଯୋଗୀ ବୈଷୟିକ ଜ୍ଞାନକୌଶଳ ତାଲିମ୍ ଦିଆଯାଉନାହିଁ। ଏହାଛଡ଼ା ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ଘରୋଇ ଉଦ୍ୟୋଗ ହାତକୁ ପରିଚାଳନା ଆସିଥିବାରୁ ଅଦରକାରୀ ଓ ଅନୁପଯୋଗୀ କର୍ମଚାରୀଙ୍କୁ ହଠାତ୍ ଛଟେଇ କରିବା ସମ୍ଭବ ନୁହେଁ। ତେଣୁ ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ସମସ୍ୟା ସହିତ ସଂଘର୍ଷ କରୁଥିବା ଏୟାର ଇଣ୍ଡିଆ ଆଗକୁ ଆହୁରି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। କିନ୍ତୁ ସବୁଠାରୁ ବଡ଼ କଥା ହେଉଛି ଥରେ ଗ୍ରାହକ ଭରସା ତୁଟିଲେ ତାହା ଫେରିପାଇବା ଏତେ ସହଜ ନୁହେଁ। ବିଶେଷକରି ଆନ୍ତର୍ଜାତିକ ସେବା ପ୍ରଦାନକାରୀ ସଂସ୍ଥା ଭାବରେ ଗ୍ରାହକ ସନ୍ତୁଷ୍ଟିକୁ ଅଗ୍ରାଧିକାର ଦିଆଯିବାର ଯେଉଁ ଉତ୍ତରଦାୟିତ୍ୱ ରହିଛି, ସେଥିପ୍ରତି ଟାଟା ଏୟାର ଇଣ୍ଡିଆ କାହିଁକି ଅଗ୍ରାଧିକାର ଦେଉ ନାହିଁ, ତାହା ବୁଝାପଡୁନାହିଁ।

ଏୟାର ଇଣ୍ଡିଆ କେବଳ ଏକ ଗମନାଗମନ କିମ୍ବା ପରିବହନକାରୀ ସଂସ୍ଥା ନୁହେଁ। ଏହି ବ୍ୟବସାୟିକ ଲକ୍ଷ୍ୟରୁ ଊର୍ଦ୍ଧ୍ୱରେ ଏଥିସହିତ ଯୋଡ଼ି ହୋଇଯାଇଛି ଭାରତୀୟତାର ଗର୍ବ ଓ ପ୍ରତୀକ। ତେଣୁ ଦୀର୍ଘକାଳୀନ ଭିତ୍ତିରେ ଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ଓ ଭରସା ଫେରିପାଇବା ସହିତ ଟାଟାର ସୁନାମକୁ ଏଥିସହିତ ସବୁଦିନ ପାଇଁ ଯୋଡ଼ି ଦେବା ଲକ୍ଷ୍ୟରେ ଏୟାର ଇଣ୍ଡିଆ ବିମାନ ସେବାରେ ସାମୟିକ ବାତିଲ୍ ନିଷ୍ପତ୍ତି ଯଦି ହୋଇଥାଏ, ତେବେ ତାହା ସ୍ୱାଗତଯୋଗ୍ୟ। କାରଣ ଯାତ୍ରା ବିଳମ୍ବ କିମ୍ବା ବାତିଲ୍ ହେଉ ପଛକେ ସୁରକ୍ଷିତ ଯାତ୍ରା ସମସ୍ତଙ୍କ କାମ୍ୟ। ଏବେ ମଧ୍ୟ ଭାରତୀୟ ଅନ୍ତର୍ଜାତୀୟ ଉଡ଼ାଣ ପଥର ଏକଚାଟିଆ ମାଲିକାନା ଏୟାର ଇଣ୍ଡିଆ ହାତରେ ରହିଛି। କେବଳ ପରିଚାଳନାରେ ସୁଧାର, ଶୃଙ୍ଖଳା ଓ ସେବା ପ୍ରତି ଅଙ୍ଗୀକାରବଦ୍ଧତା ବଜାୟ ରହିଲେ ଏହି ସଂସ୍ଥା ସଙ୍କଟରୁ ମୁକୁଳି ବିଶ୍ୱ-ବ୍ୟୋମସେବାରେ ସିଂହଭାଗ ଦଖଲ କରିବାରେ ବିଶେଷ କଷ୍ଟ ହେବ ନାହିଁ। ●

# ମାନବର ସେବା ଓ ଅଙ୍ଗୀକାରବଦ୍ଧତା

**ମନୋରଞ୍ଜନ ମହାନ୍ତି**

ଜାତୀୟ ସ୍ତରର ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କେହି କେହି କହୁଛନ୍ତି, 'ଆମେ ଗୋଟେ ମର୍ଯ୍ୟାଦାଜନକ ଇଂଜିନିୟରିଂ ଶିକ୍ଷା ଅନୁଷ୍ଠାନରୁ ପାସ୍ କଲାପରେ ବଡ଼ ସରକାରୀ ଇଂଜିନିୟରିଂ ସଂସ୍ଥାରେ ଚାକିରି କରୁଥିଲୁ। ତା'କୁ ଛାଡ଼ିଦେଲୁ। ପ୍ରାଦେଶିକ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲୁ, କିନ୍ତୁ ସେଥିରେ ଯୋଗଦେଲୁ ନାହିଁ। ଏବେ ଜାତୀୟ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛୁ, ଏଥିରେ ଯୋଗଦେବୁ, ଲୋକଙ୍କ ସେବା କରିବୁ।' ତେବେ ସେମାନେ ଯେ ଲୋକଙ୍କ ସେବା କରିବେ, ଏହାର ସତ୍ୟତା ଆମେ ଏବେ ତାଙ୍କ କଥାରୁ ଜାଣିପାରିବା ନାହିଁ, ଭବିଷ୍ୟତରେ ତାଙ୍କ କାମରୁ ଜାଣିବା। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ, ସେମାନେ ଉଚ୍ଚତର ପଦରେ ବସିବାକୁ, ଅଧିକତର କ୍ଷମତା ଭୋଗ କରିବାକୁ ଭାରି ଇଚ୍ଛୁକ।

ପୃଥିବୀରେ ଯେଉଁମାନେ ଭିନ୍ନଭିନ୍ନ କ୍ଷେତ୍ରରେ ରହି ମାନବଜାତିର ସେବା କରିଛନ୍ତି ବା କରୁଛନ୍ତି, ସେମାନଙ୍କ କର୍ମରେ ତାହା ପ୍ରତିଫଳିତ ହୋଇଥାଏ, କଥାରେ ନୁହେଁ। ଆମେରିକାର ନର୍ଥ କ୍ୟାରୋଲିନାରେ ଏକ କୃଷକ ପରିବାରରେ ଜନ୍ମ ହୋଇଥିବା ବିଲି ଗ୍ରାହାମ୍‌ଙ୍କର ଦେହାନ୍ତ ହେଲା ୨୦୧୮ ମସିହାରେ ୯୯ବର୍ଷ ବୟସରେ। ତାଙ୍କର ସମଗ୍ର ଜୀବନ ଲୋକମାନଙ୍କୁ ଧର୍ମତତ୍ତ୍ୱ ବୁଝାଇବାରେ ଏବଂ ଦେହାନ୍ତ ହେବାର କିଛିବର୍ଷ ପୂର୍ବରୁ ପ୍ରୋଷ୍ଟେଟ୍ କ୍ୟାନ୍‌ସର୍, ହାଇଡ୍ରୋସେଫାଲସ୍ (ମସ୍ତିଷ୍କରେ ତରଳ ପଦାର୍ଥ ଜମାଟ ବାନ୍ଧିବା), ପାର୍କିନ୍‌ସନ୍ ରୋଗ ଇତ୍ୟାଦି ବିରୋଧରେ ସଂଗ୍ରାମ କରିବାରେ ଅତିବାହିତ ହୋଇଥିଲା। ଆତ୍ମଚରିତରେ ସେ ଲେଖିଛନ୍ତି, 'ଈଶ୍ୱର ମହତ ଉଦ୍ଦେଶ୍ୟରେ ମଣିଷକୁ ସୃଷ୍ଟି କରନ୍ତି, ମଣିଷ ମହତ କର୍ମ କଲେ ଈଶ୍ୱର ପ୍ରୀତ ହୁଅନ୍ତି। ମୁଁ ଜାଣେ ନାହିଁ ଈଶ୍ୱର ମୋ ଭଳି ଜଣେ କୃଷକ-ସନ୍ତାନ ଉପରେ ଧର୍ମତତ୍ତ୍ୱ ବୁଝାଇବାର ଦାୟିତ୍ୱ କାହିଁକି ନ୍ୟସ୍ତ କଲେ? ଯା'ର ଉତ୍ତର କେବଳ ତାଙ୍କୁ ହିଁ ଜଣା।' ଇଂଲଣ୍ଡର ବୈଜ୍ଞାନିକ ଷ୍ଟିଫେନ୍ ହକିଙ୍ଗ୍ ୨୧ବର୍ଷ ବୟସରେ 'ଆମିଓଟ୍ରଫିକ୍ ଲ୍ୟାଟେରାଲ୍ ସ୍କେଲରୋସିସ୍' ରୋଗାକ୍ରାନ୍ତ ହୋଇ ପକ୍ଷାଘାତ-ପୀଡ଼ିତ ହେଲେ। କିନ୍ତୁ ଆହୁରି ୫୫ବର୍ଷ ବଞ୍ଚିରହି ବିଜ୍ଞାନରେ ଗବେଷଣା ଜାରି ରଖିଲେ ଏବଂ ମହାଶୂନ୍ୟ, ସମୟ, ବ୍ଲାକ୍ ହୋଲ୍ ବା କୃଷ୍ଣଗର୍ତ୍ତର ରହସ୍ୟକୁ ଆଧାର କରି 'ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଟାଇମ୍' ଶୀର୍ଷକ ବହିଟିଏ ଲେଖିଲେ, ଯାହା ତାଙ୍କୁ ଆଇନଷ୍ଟାଇନ୍‌ଙ୍କ ପରବର୍ତ୍ତୀ ସମୟରେ ଶ୍ରେଷ୍ଠ ବୈଜ୍ଞାନିକର ମାନ୍ୟତା ଦେଲା। ଆମେରିକାର ଯୋଗ-ଶିକ୍ଷକ, ଅଧ୍ୟାପକ, ଲେଖକ ଏଡ୍ଡି ଷ୍ଟର୍ଣ୍ଣ ୩୦ବର୍ଷ ହେଲା ଅଷ୍ଟାଙ୍ଗ ଯୋଗ ସାଧନା କରୁଛନ୍ତି। ୧୯୮୭ ମସିହାରେ ଯୋଗ ଶିକ୍ଷା ତାଲିମ୍ ନେବା ପାଇଁ କେରଳକୁ ଆସିଥିଲେ। ତା'ପରେ ମହୀଶୂର ଆଶ୍ରମରେ ଅଷ୍ଟାଙ୍ଗ ଯୋଗ ଶିକ୍ଷା କଲେ। ବହିଟିଏ ଲେଖିଲେ 'ୱାନ୍ ସିମ୍ପଲ୍ ଥିଙ୍ଗ୍ : ଏ ନିଉ ଲୁକ୍ ଆଟ୍ ଦି ସାଇନ୍ସ ଅଫ୍ ଯୋଗ ଆଣ୍ଡ ହାଓ ଇଟ୍ କ୍ୟାନ୍ ଟ୍ରାନ୍ସଫର୍ମ୍ ଇଓର୍ ଲାଇଫ୍'। ଏଥିରେ ବିଜ୍ଞାନ ଓ ଅଧ୍ୟାତ୍ମର ସମନ୍ୱୟ ସ୍ଥାପନ କଲେ। ନିଉୟର୍କରେ ସେ ଶ୍ରୀଗଣେଶଙ୍କ ମନ୍ଦିର ପ୍ରତିଷ୍ଠା କରିଛନ୍ତି, ବେଦ ଉପନିଷଦର ଶ୍ଳୋକଗୁଡ଼ିକୁ ପ୍ରାଞ୍ଜଳ ଭାବରେ ଆବୃତ୍ତି କରିପାରୁଛନ୍ତି। ମାଡୋନ୍ନା, ଗ୍ୱିନେଥ୍ ପାଲ୍‌ଟ୍ରୋ, କ୍ରିସ୍ ମାର୍ଟିନ୍, ୱିଲେମ୍ ଡାଫୋଙ୍କ ଭଳି ସେଲିବ୍ରିଟିମାନଙ୍କୁ ଯୋଗ ଶିକ୍ଷା ଦେଇଛନ୍ତି। ତାଙ୍କ ମତରେ ଅଷ୍ଟାଙ୍ଗ ଯୋଗ ସାଧନ ଦ୍ୱାରା ଶାନ୍ତ, ଶୃଙ୍ଖଳିତ ଜୀବନଟିଏ ବଞ୍ଚିହେବ।

ମାଇକେଲ୍ ଆଞ୍ଜେଲୋ ୧୪୯୮ ମସିହାରେ ମେରୀ, ଯୀଶୁଙ୍କୁ ଆଧାର କରି 'ପିଏଟା' କଳାକୃତି ନିର୍ମାଣ ଆରମ୍ଭ କଲେ ଓ ୧୫୦୦ ମସିହାରେ ଶେଷ କଲେ, ଯାହା ରୋମ୍‌ର ସେଣ୍ଟ ପିଟର୍ସ ବାସିଲିକାରେ ସ୍ଥାପିତ ହେଲା। ଏବେ ବି ପ୍ରତିବର୍ଷ ୭୦ଲକ୍ଷ ପର୍ଯ୍ୟଟକ 'ପିଏଟା'କୁ ଦେଖିବା ପାଇଁ ରୋମ୍‌କୁ ଆସୁଛନ୍ତି ଓ ଶହଶହ ବର୍ଷ ପରେ ମଧ୍ୟ ରେନେସାଁ କଳାକୃତିର ଉତ୍କୃଷ୍ଟ ନିଦର୍ଶନ ହୋଇ ତାହା ରହିଛି। ୧୯୭୩ ମସିହାରେ ପାବ୍‌ଲୋ ପିକାଶୋଙ୍କ ଦେହାନ୍ତ ବେଳକୁ ୪୫, ୦୦୦ କଳାକୃତି ସେ ସର୍ଜନା କରିସାରିଥିଲେ, ଯାହା ତାଙ୍କ ଜନ୍ମସ୍ଥାନ ମାଲାଗାରେ ପ୍ରତିଷ୍ଠିତ 'ମ୍ୟୁଜିଓ ପିକାଶୋ' ନାମକ ସଂଗ୍ରହାଳୟରେ ସୁରକ୍ଷିତ ହୋଇ ରହିଛି। ତାଙ୍କର ସର୍ବଶ୍ରେଷ୍ଠ କଳାକୃତି ହେଉଛି 'ଗୁଏର୍‌ନିକା', ଯାହା ସମ୍ପର୍କରେ ତାଙ୍କ ନାତି ବର୍ଣ୍ଣାଡ଼୍‌ର୍ ରୁଇଜ୍ କହନ୍ତି, 'ଯେତେବେଳେ ମୁଁ ମାଦ୍ରିଦ୍‌କୁ ଯାଏ, ସେହି ଚିତ୍ର ସମ୍ମୁଖରେ ଠିଆ ହୁଏ, ମୁଁ ଭାବପ୍ରବଣ ହୋଇଯାଏ, କାନ୍ଦେ, କାରଣ ବିଂଶ ଶତାବ୍ଦୀ ଓ ମଣିଷ-ପ୍ରକୃତିର ଭୟାନକ ବାସ୍ତବତାର ପ୍ରତିନିଧିତ୍ୱ କରୁଛି ସେହି ଚିତ୍ରଟି। ମଣିଷର ଅବସ୍ଥା ଓ ମଣିଷମାନେ ପରସ୍ପର ବିରୋଧରେ କ'ଣ କରିପାରନ୍ତି, ସେଥିରେ ରୂପାୟିତ ହୋଇଛି।'

ଓଡ଼ିଶାର ଗୋଟେ ଆଦିବାସୀ ପରିବାରର ସନ୍ତାନ ପ୍ରଦ୍ୟୁମ୍ନ କୁମାର ମହାନନ୍ଦିଆ ସାଇକେଲ୍ ଯାତ୍ରାରେ ସ୍ୱିଡେନ୍ ଯାଇ ଚିତ୍ରଶିଳ୍ପୀ ଭାବରେ ଖ୍ୟାତି ଅର୍ଜନ କରି ସ୍ୱିଡେନ୍ ସରକାରଙ୍କ କଳା, ସଂସ୍କୃତି ବିଭାଗର ପରାମର୍ଶଦାତା ଭାବରେ କାର୍ଯ୍ୟ ନିର୍ବାହ କରିଛନ୍ତି। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ପିତାମହ ପଣ୍ଡିତ ଯଶରାଜ୍‌ଙ୍କ ନାମରେ ଆମେରିକା ଗୋଟେ ଗ୍ରହର ନାମକରଣ କରିଛି, ଯେଉଁ ଗ୍ରହର ଅବସ୍ଥିତି ମଙ୍ଗଳ ଓ ବୃହସ୍ପତି ମଝିରେ। ୯୦ବର୍ଷ ବୟସରେ ଦେହତ୍ୟାଗ କରିଥିବା ଯଶରାଜ୍ ଏକ ସାକ୍ଷାତକାରରେ କହିଥିଲେ, 'ସଙ୍ଗୀତ ସହିତ ମୋର ସମ୍ବନ୍ଧ ଅନେକ ଜନ୍ମର। ମୁଁ ସବୁବେଳେ ନିଜକୁ ଛାତ୍ର ଭଳି ଅନୁଭବ କରେ, ଅଧିକରୁ ଅଧିକ ଶିକ୍ଷା କରିବାର ଭୋକ ମତେ ହୁଏ।' ଯେଉଁଥିପାଇଁ ଆଜୀବନ ଦୈନିକ ୧୪ଘଣ୍ଟା ସେ ସଙ୍ଗୀତ-ଅଭ୍ୟାସ (ରିଆଜ୍) କରୁଥିଲେ। ୧୯୮୭ ଏପ୍ରିଲ୍ ମାସରେ ଲକ୍ଷ୍ନୌର ସଂକଟମୋଚନ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ଉପଲକ୍ଷେ ତୁଳସୀ ଦାସଙ୍କ 'ବିନୟ ପତ୍ରିକା'ର କେତୋଟି ଧାଡ଼ିକୁ ତୋଡ଼ି ରାଗରେ ଗାନ କରୁଥିଲେ ଯଶରାଜ୍। ଶ୍ରୋତାମାନେ ଶୁଣୁଥିଲେ ଭାବବିହ୍ୱଳ ହୋଇ। ଏହି ସମୟରେ ହରିଣଟିଏ କେଉଁଠାରୁ ଆସି ଷ୍ଟେଜ୍ ନିକଟରେ ମନ୍ତ୍ରମୁଗ୍ଧ ହୋଇ ଠିଆ ହେଲା। ଯଶରାଜ ତାକୁ ଚାହିଁଲେ, ହସିଲେ, ହାତ ଯୋଡ଼ିଲେ, 'ଜୟ ହୋ' କହିଲେ। ହିନ୍ଦୁସ୍ଥାନୀ ସଙ୍ଗୀତର ଶକ୍ତି, ଯଶରାଜ୍‌ଙ୍କ ଗାୟନ ଶୈଳୀ ଗୋଟିଏ ହରିଣକୁ ଟାଣିଆଣିପାରିଲା। ମୋଗଲ ଯୁଗରେ ତାନ୍‌ସେନ୍ ଗୀତ ଗାଉଥିଲା ବେଳେ ଆକବରଙ୍କ ଦରବାରକୁ ପଶୁପକ୍ଷୀମାନେ ଚାଲିଆସୁଥିଲେ।

ଇନ୍‌ଫୋସିସ୍ କମ୍ପାନୀର ପ୍ରତିଷ୍ଠା ଦିବସ ୧୯୮୧ ମସିହା ଜୁଲାଇ ୭ ତାରିଖ। ଠିକ୍ ସେହି ଦିନ କ୍ରିକେଟର୍ ମହେନ୍ଦ୍ର ସିଂହ ଧୋନିଙ୍କ ଜନ୍ମଦିନ। ଇନ୍‌ଫୋସିସ୍ ଲିମିଟେଡ୍ ଏମିରେଟସ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଏନ୍. ଆର୍. ନାରାୟଣ ମୂର୍ତ୍ତି ତାଙ୍କର ଏକ ଲେଖା 'ଲାଇଫ୍ ଲେସନ୍ସ ଫ୍ରମ୍ ଧୋନି'ରେ ଲେଖିଛନ୍ତି, ଧୋନି ହେଉଛନ୍ତି ଭାରତର ସର୍ବାଧିକ ସଫଳ କ୍ରିକେଟ୍ କ୍ୟାପ୍‌ଟେନ୍, ଶ୍ରେଷ୍ଠ ୱିକେଟ୍‌କିପର୍, ଦକ୍ଷ ବ୍ୟାଟ୍ସମ୍ୟାନ୍ ଯାହାଙ୍କର କ୍ରିକେଟ୍ ମ୍ୟାଚ୍‌ଗୁଡ଼ିକୁ ଦେଖି ତାଙ୍କର ବିପୁଳ ଦୃଷ୍ଟି, ପରିପୂର୍ଣ୍ଣ ଓ ଗୁଣାତ୍ମକ ନେତୃତ୍ୱ, ଉତ୍କର୍ଷ ପ୍ରତି ପ୍ରତିଶ୍ରୁତିବଦ୍ଧତା, ସହକର୍ମୀମାନଙ୍କ ଭିତରେ ଆଶା, ଆକାଂକ୍ଷା, ଉତ୍ସାହ, ବିଶ୍ୱାସ, ସ୍ୱାଭିମାନ ଜାଗ୍ରତ କରିବାର ସାମର୍ଥ୍ୟରୁ କର୍ପୋରେଟ୍-ଜଗତ ସହିତ ସଂପୃକ୍ତ ଆମେ ସମସ୍ତେ ଅନେକ ମହତ ଶିକ୍ଷା ଲାଭ କରିପାରିବା।' ଏପରିକି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ସୁନିଲ୍ ଗାଭାସ୍କର୍ କହନ୍ତି, '୨୦୧୧ ବିଶ୍ୱକପ୍ ଫାଇନାଲ୍‌ରେ ଧୋନିଙ୍କର ବ୍ୟାଟିଂ ଦୃଶ୍ୟକୁ ମୋ ଜୀବନର ଶେଷ କେତୋଟି ମୁହୂର୍ତ୍ତରେ ପୁନର୍ବାର ଦେଖି ମୁଁ ଆନନ୍ଦରେ ସଂସାରରୁ ବିଦାୟ ନେବାକୁ ଚାହେଁ।'

ଉପରୋକ୍ତ କିଛି ବ୍ୟକ୍ତିଙ୍କ ଉଦାହରଣ ଦେବାର ଉଦ୍ଦେଶ୍ୟ ହେଉଛି, ସେମାନେ ଅଧ୍ୟାତ୍ମ, ବିଜ୍ଞାନ, ଯୋଗସାଧନ, ଚିତ୍ରକଳା, ସଙ୍ଗୀତ, କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ଦକ୍ଷତା ପ୍ରକଟ କରି ମାନବ-ଜାତିର ସେବା କରିବାକୁ ସମର୍ଥ ହୋଇଛନ୍ତି। ଯେଉଁମାନେ ଜାତୀୟ ସ୍ତରର ସିଭିଲ୍ ସର୍ଭିସ୍ ପଦରେ ରହି ଲୋକଙ୍କ ସେବା କରିବେ ବୋଲି କହୁଛନ୍ତି ସେମାନଙ୍କୁ ଦକ୍ଷ ହେବାକୁ ପଡ଼ିବ, ଦକ୍ଷତା ଅର୍ଜନ ପାଇଁ ପଦ, କ୍ଷମତାର ଅମଲାତାନ୍ତ୍ରିକ ଅହଂକାରରୁ ମୁକ୍ତ ଏବଂ ଲୋକସାଧାରଣଙ୍କ ସହିତ ଯୁକ୍ତ ହେବାକୁ ପଡ଼ିବ। ବୁଦ୍ଧଦେବ ଦେହ ତ୍ୟାଗ କରିବା ପୂର୍ବରୁ ଶିଷ୍ୟମାନେ ତାଙ୍କୁ ଅନ୍ତିମ ଉପଦେଶ ଦେବାକୁ ନିବେଦନ କରିବାରୁ ବୁଦ୍ଧ ଗୋଟିଏ ଜଳପାତ୍ରକୁ ଓଲଟାଇ ରଖିଦେଲେ, ଯାହାର ପ୍ରତୀକାତ୍ମକ ଅର୍ଥ ହେଉଛି, ପାତ୍ରଟି ଜଳଶୂନ୍ୟ ହେଲା ଭଳି ତୁମେ ଅହଂଶୂନ୍ୟ ହୁଅ। ପରବର୍ତ୍ତୀ ସମୟରେ ଓଲଟିପଡ଼ିଥିବା ପାତ୍ର ଆକାରରେ ବୌଦ୍ଧସ୍ତୂପଗୁଡ଼ିକ ନିର୍ମିତ ହୋଇଛି, ଯାହା ଆମକୁ ଅହଂଶୂନ୍ୟତାର ଆହ୍ୱାନ ଦେଉଛି। ଅହଂକାରରୁ ମୁକ୍ତ ମଣିଷ ଯେକୌଣସି ମହତ କ୍ଷେତ୍ରରେ କାର୍ଯ୍ୟ କରି ମାନବଜାତିର ସେବକ ହୋଇପାରିବ; ଏହା ସତ୍ୟ। ●

(ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୭୨

# ଶୁଭକାମନା

**ଡ. ଶକୁନ୍ତଳା ବଳିଆରସିଂହ**



ଭାରତର ରାଷ୍ଟ୍ରପତିଙ୍କ ଜନ୍ମଦିବସ ଉପଲକ୍ଷେ

ଅନ୍ତର୍ଜଗତକୁ ଦେଖିବା ନିମନ୍ତେ ମହର୍ଷିମାନେ ଯେଉଁଶାସ୍ତ୍ରମାନ ରଚନା କରିଛନ୍ତି ସେସବୁକୁ କୁହାଯାଏ ଦର୍ଶନଶାସ୍ତ୍ର। ବୈଦିକ ଶାସ୍ତ୍ରମାନଙ୍କରେ ଅନ୍ତର୍ଭୁକ୍ତ ହୋଇଛି ସାଂଖ୍ୟ ଦର୍ଶନ, ଯୋଗଦର୍ଶନ, ନ୍ୟାୟଦର୍ଶନ, ବୈଶେଷିକ ଦର୍ଶନ (ଏ ଦୁଇଟି ପଦାର୍ଥ ବିଜ୍ଞାନ ସଂକ୍ରାନ୍ତୀୟ), କର୍ମ ମୀମାଂସା ଦର୍ଶନ, ଦୈବୀ ମୀମାଂସା ଦର୍ଶନ (ଉପାସନାକାଣ୍ଡ), ବ୍ରହ୍ମ ମୀମାଂସା ଦର୍ଶନ (ଜ୍ଞାନକାଣ୍ଡ)। ସାଂଖ୍ୟଦର୍ଶନ ଶାସ୍ତ୍ର ଓ ମୀମାଂସାମାନଙ୍କରେ ପ୍ରକୃତିର ବିସ୍ତୃତ ମହାତ୍ମ୍ୟ ବର୍ଣ୍ଣିତ। ଦର୍ଶନଶାସ୍ତ୍ର ଅନୁସାରେ ସୃଷ୍ଟିକାର୍ଯ୍ୟରେ ପ୍ରକୃତିର ପ୍ରାଧାନ୍ୟ ସ୍ୱୀକୃତ ହେବା ସହ ଗୁରୁତ୍ୱ ପ୍ରାପ୍ତ ହୋଇଛି। ଏପରିକି କୁହାଯାଇଛି ଯେ, ଧର୍ମ ପଥରେ ଚାଲି ପ୍ରକୃତିର ସେବା ଦ୍ୱାରା ମନୁଷ୍ୟର ଉତ୍‌ଥାନ ହୁଏ। ପ୍ରକୃତିର ଅନ୍ୟରୂପ ଜଗଜ୍ଜନନୀ ମହାମାୟାଙ୍କ ଆରାଧନା କରି ମାନବ ଶ୍ରେଷ୍ଠ ଆସନ ପ୍ରାପ୍ତହୁଏ ଓ ତା'ର ଅଭ୍ୟୁଦୟ ଘଟେ। ଏହା ବିଜ୍ଞାନ ଆଧାରରେ ପ୍ରମାଣିତ।

ବୈଦିକ ଦର୍ଶନରେ କୁହାଯାଇଛି, ଜୀବସୃଷ୍ଟିର ଦୁଇଟି ସ୍ୱତନ୍ତ୍ର ଧାରା; ସ୍ତ୍ରୀଧାରା ଓ ପୁରୁଷଧାରା ମଧ୍ୟରୁ ସ୍ତ୍ରୀ ଧାରାଟି ବିଶେଷ ଭାବରେ ମୂଳପ୍ରକୃତି ସହିତ ସଂଶ୍ଳିଷ୍ଟ। ସମସ୍ତ ବିଦ୍ୟା ଆଉ ସମସ୍ତ ସ୍ତ୍ରୀ ପ୍ରକୃତିଦେବୀଙ୍କ ରୂପ ହୋଇଥାନ୍ତି। 'ବିଦ୍ୟାଃ ସମସ୍ତାସ୍ତବ ଦେବୀ ଭେଦାଃ, ସ୍ତ୍ରୀୟଃ ସମସ୍ତାଃ ସଫଳା ଜଗତ୍ସୁ।' ପ୍ରକୃତିର ପୂଜା ତେଣୁ ଚିରକାଳ ଶାସ୍ତ୍ରସମ୍ମତ।

ଏହି ସୃଷ୍ଟି ଓ ଏହାର ପରିଚାଳନା ସମୟ ସହ ତାଳଦେଇ ଚକ୍ରବତ୍ ଘୂରୁଅଛି। ବର୍ଷାଜଳ ମେଘକୁ ଛାଡ଼ି ଭୂମିରେ ପତିତ ହୁଏ, କେତେକେତେ ଛୋଟବଡ଼ ସ୍ରୋତ ହୋଇ ଝରଣା ଓ ନଦୀ ରୂପ ନିଏ ଆଉ ଯାଇ ସାଗରରେ ନିମଜ୍ଜିତ ହୋଇଯାଏ। ବାଟରେ ଗଲାବେଳେ ସ୍ରୋତକୁ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ହୁଏ। ଉଚ୍ଚନୀଚ, ଖାଲଖାଇ, ବୃକ୍ଷଲତାଦି ତାହାର ପଥକୁ ଦୁର୍ଗମ, ଦୁଃସାଧ୍ୟ କରିଦିଅନ୍ତି। ଏସବୁକୁ ଅତିକ୍ରମି ସାଗରରେ ମିଶିବା ପରେ ମଧ୍ୟ ଜଳଧାରା ପୂର୍ଣ୍ଣ ସନ୍ତୋଷ ଲଭିଥାଏ। ପୁଣିଥରେ ମେଘ ପାଖକୁ ଫେରିଯିବା ଲକ୍ଷ୍ୟ ତାକୁ ଅସ୍ଥିର କରୁଥାଏ। ଏଥିପାଇଁ ଭୟଙ୍କର ରୌଦ୍ରତାପ ସହ୍ୟ କରି, ପ୍ରବଳ ଉତ୍ତାପରେ ଉତ୍ତପ୍ତ ହୋଇ, ସିଦ୍ଧ ହୋଇ ବାଷ୍ପାକାରରେ ଜଳଧାର ଉଠିଯାଏ ମେଘ ବକ୍ଷରେ ମିଶିଯିବା ପାଇଁ।

ଠିକ୍ ସେହିପରି ପରମାତ୍ମାଙ୍କ ସୃଷ୍ଟି ରୂପେ ମାନବ ପୃଥିବୀପୃଷ୍ଠରେ ଜନ୍ମ ଲଭେ। ଲୀଳାଖେଳା କରେ, ଜୀବନସ୍ରୋତ ବୋହିଚାଲେ ଶୈଶବ, କୈଶୋର, ପୌଗଣ୍ଡ, ଯୌବନ, ବାର୍ଦ୍ଧକ୍ୟ, ଜରା ମଧ୍ୟଦେଇ। ବହୁ ବାଧାବିଘ୍ନ, ସୁଖଦୁଃଖ, ଉତ୍‌ଥାନ ପତନ, ମାନ ଅପମାନ ମଧ୍ୟରେ ଆୟୁ ପ୍ରବାହିତ ହୋଇଚାଲିଥାଏ ନିଃଶବ୍ଦରେ। ମନୁଷ୍ୟ କିନ୍ତୁ ଏତିକିରେ ସନ୍ତୁଷ୍ଟି ଲାଭକରେନାହିଁ, ସେ ଚାହେଁ ଯେଉଁଠାରୁ ଆସିଛି ସେଇଠାରେ ଯାଇ ମିଶିଯିବା ପାଇଁ ପୂର୍ଣ୍ଣରୂପରେ। ଏହି ମିଳନ ଇଚ୍ଛା ହିଁ ତାକୁ ସାହସ ଦିଏ ସମସ୍ତ ବାଧାବିଘ୍ନ ଅତିକ୍ରମ କରିଯିବାକୁ।

ନାରୀକୁ ଜଗତର ସର୍ବୋତ୍ତମ ଆଦର୍ଶରୂପେ ଗ୍ରହଣ କରାଯାଇଛି। ଶତରୂପାଙ୍କ ଠାରୁ ଆରମ୍ଭ କରି ଦେବମାତା ଅଦିତି, ବ୍ରହ୍ମବାଦିନୀ, ମୈତ୍ରେୟୀ, ସୁଲଭା, ସାବିତ୍ରୀ, ଲୋପାମୁଦ୍ରା, ଅନସୂୟା, ଶୈବ୍ୟା ଇତ୍ୟାଦିଙ୍କ ପର୍ଯ୍ୟନ୍ତ ମାନବଜାତିକୁ ସିଦ୍ଧିଲାଭର ପଥ ଦର୍ଶାଇଛନ୍ତି। ଲୋକଜୀବନରେ ଏମାନେ ନିଜକୁ ଲୋକମାତା ରୂପେ ପ୍ରତିଷ୍ଠା କରିପାରିଛନ୍ତି।

ମହାଭାରତ ଯୁଗର ସ୍ମରଣୀୟ ପାଞ୍ଚାଳକନ୍ୟା ଦ୍ରୌପଦୀଙ୍କଠାରୁ ଆଜି ଭାରତର ମାନନୀୟା ରାଷ୍ଟ୍ରପତି ଉତ୍କଳକନ୍ୟା ଦ୍ରୌପଦୀ ମୁର୍ମୁଜୀଙ୍କ ପର୍ଯ୍ୟନ୍ତ ଏହି ଈଶ୍ୱରୀୟ ବରଦାନ ବଳବତ୍ତର ରହିଛି। ଭାରତ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଏହି ରାଷ୍ଟ୍ରର ରାଷ୍ଟ୍ରପତି ହେବା ସୂଚାଇଦିଏ ବ୍ୟକ୍ତିର ଆଦର୍ଶ ବ୍ୟକ୍ତିତ୍ୱ, ଦୃଢ଼ ସଂକଳ୍ପ, ଧୈର୍ଯ୍ୟ, ସଂଯମ, ଶୃଙ୍ଖଳା ଓ ସରଳତାର ପରାକାଷ୍ଠା। ଅତି ଉଚ୍ଚ ଆଦର୍ଶର ଶାଣିତଧାରରେ ଚାଲିପାରିବାର କ୍ଷମତା ଥିଲେ ହିଁ ଜଣେ ବ୍ୟକ୍ତିବିଶେଷ ଗଣରାଷ୍ଟ୍ରର ସର୍ବୋଚ୍ଚ ଶିଖର ଆରୋହଣ କରିପାରନ୍ତି।

ଆମ ପାଇଁ ଏହା ଅତ୍ୟନ୍ତ ଗୌରବର ବିଷୟ ଯେ ଆଜକୁ ଅର୍ଦ୍ଧଶତାବ୍ଦୀ ପୂର୍ବେ ରମାଦେବୀ ମହାବିଦ୍ୟାଳୟ, ଭୁବନେଶ୍ୱରରେ ଦ୍ରୌପଦୀଜୀ ଅଧ୍ୟୟନ କରୁଥିବାବେଳେ ଆମେ ଅଧ୍ୟାପନା କରୁଥିଲୁ। ଏହା ସ୍ମରଣରେ ରଖି ରମାଦେବୀ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ ମାନନୀୟା ଏହି ବିଷୟ ସ୍ୱୀକାର କରିବା ତାହାଙ୍କ ସରଳତା, ମହାନୁଭବ ଚେତନାର ପରିପ୍ରକାଶ। ଜଣେ ଶିକ୍ଷକର ଗୌରବ ଏହାଦ୍ୱାରା କେତେଗୁଣ ବୃଦ୍ଧିପାଏ ତାହା ଆରିଷ୍ଟୋଟଲ, ପ୍ଲାଟୋଙ୍କ ଜୀବନରେ ଲିପିବଦ୍ଧ ହୋଇଛି। ଭାରତଭୂମିରେ ସେହିପରି ଜଣେ ଦୃଢ଼ସଂକଳ୍ପଧାରିଣୀ ଛାତ୍ରୀ ଦେଶର ପ୍ରଥମ ନାଗରିକ ହୋଇ ସ୍ୱଗୁରୁଙ୍କୁ ସ୍ମରଣ କରି ସମ୍ମାନ ଜଣାଇବା ମାନନୀୟାଙ୍କ ମହାନତା ସହିତ ଆମ ପରମ୍ପରାର ମହତ୍ତ୍ୱ ମଧ୍ୟ ଦର୍ଶାଏ। ଭାରତବର୍ଷ ଯେ ପରଂପରାରୁ ବିଚ୍ୟୁତି ହୋଇନାହିଁ ଏହା ତାହାର ପ୍ରମାଣ।

ଦେଶର ପ୍ରଥମ ନାଗରିକଙ୍କ ଜନ୍ମଦିନ ଜୁନ୍ ମାସ ୨୦ ତାରିଖ। ଏହି ଅବସରରେ ସର୍ବମଙ୍ଗଳ ମାଙ୍ଗଲ୍ୟ ଶୁଭକାମନା ଜଣାଇ ଭାରତର ରାଷ୍ଟ୍ରପତିଙ୍କ ଦୀର୍ଘ ନିରାମୟ ଜୀବନ ନିମନ୍ତେ ଜଗଦୀଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

ଅସତୋ ମା ସଦ୍‌ଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋର୍ମା ଅମୃତଂ ଗମୟ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ। ●

ଶହୀଦ ନଗର, ଭୁବନେଶ୍ୱର

# ନେତ୍ରଜ୍ୟୋତି ବରଦାୟିନୀ

**ଓଜସ୍ୱିନୀ**

**ବିଶ୍ୱାସ ଓ ବିଜ୍ଞାନ**

ପ୍ରାରବ୍ଧ ବା ପୂର୍ବଜନ୍ମ କୃତକର୍ମ ଯୋଗୁଁ କେତେକ ହତଭାଗା ଜନ୍ମରୁ ଦୃଷ୍ଟିବାଧିତ ହୋଇଥିବା ବେଳେ ଆଉ କେତେଜଣଙ୍କ କ୍ଷେତ୍ରରେ ବୟସ ବଢ଼ିବା ସହିତ ନେତ୍ରଜ୍ୟୋତି କ୍ଷୀଣ ହୋଇଯାଏ ବା ଦୃଷ୍ଟିଶକ୍ତି ହରାଇ ଥା'ନ୍ତି। ଆଉ କେତେଜଣଙ୍କ କ୍ଷେତ୍ରରେ ଚକ୍ଷୁରେ କେତେକ ସମସ୍ୟା ଯୋଗୁଁ ମଧ୍ୟ ସେମାନେ ଦୃଷ୍ଟିହୀନ ହୋଇଯାଆନ୍ତି। ଅଧୁନା ଆଧୁନିକ ଚିକିତ୍ସା ପଦ୍ଧତି ଯୋଗୁଁ ଦୃଷ୍ଟିଶକ୍ତି ସମ୍ପର୍କିତ ଅନେକ ସମସ୍ୟାର ନିଦାନ ହୋଇପାରୁଛି। କିନ୍ତୁ ଶତ ପ୍ରତିଶତ ଦୃଷ୍ଟିଶକ୍ତି ଫେରାଇବାରେ ଏ ପର୍ଯ୍ୟନ୍ତ ବିଶେଷଜ୍ଞମାନେ ସମ୍ପୂର୍ଣ୍ଣ ସଫଳତା ହାସଲ କରିପାରିନାହାନ୍ତି। ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ଫେରାଇବାରେ ଅସମର୍ଥ ବିଜ୍ଞାନଠାରୁ ବିଜୟ ହାସଲ କରିଛି ଭଗବତ୍ ବିଶ୍ୱାସ। ଭାରତରେ ଏମିତି ଗୋଟିଏ ମନ୍ଦିର ଅଛି, ଯେଉଁଠି ଦୃଷ୍ଟିହୀନ ବ୍ୟକ୍ତିମାନେ ବିଶ୍ୱାସ ବଳରେ ସେମାନଙ୍କର ଦୃଷ୍ଟିଶକ୍ତି ଫେରି ପାଇବାର କୃପା ଲାଭ କରିଛନ୍ତି।

ଉତ୍ତର ପ୍ରଦେଶର ଗୋଣ୍ଡ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟଠାରୁ ପ୍ରାୟ ୩୫ କିଲୋମିଟର୍ ଦୂର ମୁକୁନ୍ଦପୁରରେ ମା' ବାରାହୀଙ୍କ ମନ୍ଦିର ଅଛି। ୫୧ ଶକ୍ତିପୀଠ ମଧ୍ୟରେ ୩୪ ତମ ଶକ୍ତପୀଠ ହେଉଛନ୍ତି ମା' ବାରାହୀ। ପୌରାଣିକ ଆଖ୍ୟାନ ଅନୁଯାୟୀ ଏଠାରେ ମାତା ସତୀଙ୍କର ମାଢ଼ି ପତିତ ହୋଇଥିଲା। ଏଠାରେ ମା' ଜ୍ୟୋତିର୍ପିଣ୍ଡ ଭାବେ ପୂଜା ପାଉଛନ୍ତି। ମାନ୍ୟତା ରହିଛି ଯେ ମା' ବାରାହୀଙ୍କ ଏହି ଶକ୍ତିପୀଠରେ ଭକ୍ତମାନେ ସେମାନଙ୍କର ଦୃଷ୍ଟିଶକ୍ତି ଫେରି ପାଇଥା'ନ୍ତି। ଭକ୍ତମାନଙ୍କର ପ୍ରଗାଢ଼ ବିଶ୍ୱାସ ରହିଛି ଯେ, ମନ୍ଦିର ପରିସରକୁ ଆଚ୍ଛାଦିତ କରି ରଖିଥିବା ୧୮୦୦ ବର୍ଷ ପୁରୁଣା ଏକ ବିରାଟ ବରଗଛର କ୍ଷୀର ଏବଂ ମା'ଙ୍କ ପାଦୁକା ନୀରକୁ ମା' ବାରାହୀଙ୍କୁ ସ୍ମରଣ କରି ଆଖିରେ ପକାଇବା ଦ୍ୱାରା ଦୃଷ୍ଟିହୀନ ବ୍ୟକ୍ତିମାନେ ଦୃଷ୍ଟିଶକ୍ତି ଫେରି ପାଇଥା'ନ୍ତି। ଅନ୍ୟ ଏକ ମାନ୍ୟତା ଅନୁସାରେ ମା' ବାରାହୀଙ୍କ ଆଳତି ଏବଂ ମନ୍ଦିରରେ ପ୍ରଜ୍ୱଳନ ହେଉଥିବା ଦୀପର କଳାକୁ ଆଣି ଅଞ୍ଜନ ଭଳି ଆଖିରେ ଲଗାଇବା ଦ୍ୱାରା ଦୃଷ୍ଟିଶକ୍ତି ଫେରି ଆସିଥାଏ। ତେଣୁ ବିଶେଷ ଭାବେ ନବରାତ୍ରି ସମୟରେ ମା' ବାରାହୀଙ୍କ ପୀଠରେ ଭକ୍ତମାନଙ୍କ ସମାଗମ ଅଧିକ ପରିଲକ୍ଷିତ ହୁଏ। ମା' ବାରାହୀଙ୍କ ଏହି ମନ୍ଦିର ଉତ୍ତରୀ ଭବାନୀ ମନ୍ଦିର ଭାବେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି।

ବରାହ ପୁରାଣ କଥା ଅନୁଯାୟୀ, ହିରଣ୍ୟକଶ୍ୟପୁର ଭାଇ ହିରଣାକ୍ଷଠାରୁ ବସୁଧାଙ୍କୁ ଉଦ୍ଧାର କରିବାକୁ ଶ୍ରୀବିଷ୍ଣୁ ବରାହ ଅବତାର ଧାରଣ କରିଥିଲେ। ଶ୍ରୀବିଷ୍ଣୁ ପାତାଳ ଲୋକକୁ ଯାଇ ହିରଣାକ୍ଷକୁ ସଂହାର କରିବା ପାଇଁ ମା' ବାରାହୀଙ୍କୁ ଆରାଧନା କଲେ। ଶ୍ରୀବିଷ୍ଣୁଙ୍କ ଆରାଧନାରେ ସନ୍ତୁଷ୍ଟ ହୋଇ ମା' ବାରାହୀ ମୁକୁନ୍ଦପୁରର ସୁଖନୋଇ ନଦୀ ତଟରେ ଆବିର୍ଭୂତା ହେଲେ। ମନ୍ଦିର ଭିତରେ ଥିବା ସୁଡ଼ଙ୍ଗ ମଧ୍ୟ ଦେଇ ଶ୍ରୀବିଷ୍ଣୁ ପାତାଳପୁରକୁ ଗମନ କରି ହିରଣାକ୍ଷକୁ ସଂହାର କରିଥିଲେ। ଆଜି ମଧ୍ୟ ଉକ୍ତ ସୁଡ଼ଙ୍ଗ ମନ୍ଦିର ଭିତରେ ଅଛି। ତେଣୁ ଭଗବତ୍ ବିଶ୍ୱାସ ରହିଛି ଯେ, ଏଠାରେ ମା' ବାରାହୀ ଭକ୍ତମାନଙ୍କ ସମସ୍ତ ମନସ୍କାମନା ଅବିଳମ୍ବେ ପୂରଣ କରିଥା'ନ୍ତି।

କିମ୍ବଦନ୍ତୀରୁ ଆହୁରି ମଧ୍ୟ ଶୁଣିବାକୁ ମିଳେ ଯେ ମନ୍ଦିର ଭିତରେ ଯେଉଁ ସୁଡ଼ଙ୍ଗ ଅଛି, ମାତା ସତୀଙ୍କ ଦୁଇଟି ଦାନ୍ତ ଦ୍ୱାରା ନିର୍ମିତ। ଏଠାରେ ମାତା ସତୀଙ୍କ ଦୁଇଟି ଦାନ୍ତ ପତିତ ହୋଇଥିଲା, ଯାହାକି ପାତାଳଲୋକ ପର୍ଯ୍ୟନ୍ତ ଗର୍ତ୍ତ ହୋଇଯାଇଥିଲା। ଲୋକକଥା ଅନୁସାରେ କୌତୁହଳବଶତଃ ଜଣେ ବ୍ୟକ୍ତି ଏହି ଗର୍ତ୍ତର ଗଭୀରତା ମାପିବା ପାଇଁ ଆସିଥିଲେ। କିନ୍ତୁ ଦେବୀଙ୍କ ପ୍ରକୋପରୁ ସେ ତାଙ୍କର ଦୃଷ୍ଟିଶକ୍ତି ହରାଇ ବସିଲେ। ପ୍ରାୟ ୪୦୦୦ ମିଟର ପର୍ଯ୍ୟନ୍ତ ଲମ୍ବ ଦଉଡ଼ିରେ ପଥର ବାନ୍ଧି ଏହି ଗର୍ତ୍ତ ଭିତରକୁ ଛଡ଼ାଯାଇଥିଲା। କିନ୍ତୁ ଗର୍ତ୍ତର ସଠିକ୍ ଗଭୀରତା ଜଣା ପଡ଼ି ନଥିଲା। ତେଣୁ ଆଜିପର୍ଯ୍ୟନ୍ତ ଏହି ଗର୍ତ୍ତର ସଠିକ୍ ଗଭୀରତା କେହି ଆକଳନ କରିପାରି ନାହାନ୍ତି।

ଈଶ୍ୱରୀୟ କୃପା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖିଥିବା ମନୁଷ୍ୟ ପାଇଁ ଏ ସଂସାରରେ ସବୁକିଛି ସମ୍ଭବ। ଏହାର ପ୍ରତ୍ୟକ୍ଷ ଉଦାହରଣ ହେଉଛି ମା' ବାରାହୀଙ୍କ କୃପାରୁ ନେତ୍ରଜ୍ୟୋତି ଫେରି ପାଇଥିବା ଭକ୍ତମାନଙ୍କ ନିଜସ୍ୱ ଦିବ୍ୟ ଅନୁଭୂତି ଓ ଆନନ୍ଦାଶ୍ରୁ। ଏଭଳି ଦୈବୀକୃପା ପାଖରେ ସବୁବେଳେ ଚିକିତ୍ସା ବିଜ୍ଞାନ ହାର୍ ମାନିଛି ଏବଂ ମାନୁଥିବ ମଧ୍ୟ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur IE, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟଜନିତ ସମସ୍ୟା ଦେଖା ଦେବ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ବୈବାହିକ ଜୀବନ ସୁଖମୟ ହେବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲରେ କଟିବ।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିବ। ବ୍ୟବସାୟରେ ଲାଭ ମିଳିବ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ବିଦେଶୀ ଭାଷା ଶିଖିବା ପ୍ରତି ଆଗ୍ରହ ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।

**ସିଂହ:** କାର୍ଯ୍ୟରେ ସଫଳତା ମିଳିବ। ଦିନଟି ବ୍ୟସ୍ତତା ଭିତରେ କଟିବ। ଜୀବନସାଥୀଙ୍କ ସହ ସମ୍ପର୍କ ମଧୁର ହେବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ଗବେଷଣା କରୁଥିବା ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଏମ୍‌ବିଏ ଛାତ୍ରଛାତ୍ରୀଙ୍କୁ ଚାକିରିର ସୁଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ଧନ ଲାଭର ଯୋଗ ଅଛି।

**ବିଛା:** ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ଆଇନ ମାମଲାରେ ସଫଳତା ମିଳିବ। ସନ୍ତାନଙ୍କ ବ୍ୟବହାରକୁ ନେଇ ଚିନ୍ତାରେ ରହିବେ।

**ଧନୁ:** ଖେଳକୁଦ ପ୍ରତି ବିଦ୍ୟାର୍ଥୀଙ୍କ ଆଗ୍ରହ ପରିଲକ୍ଷିତ ହେବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ଘରକୁ ଅତିଥିଙ୍କ ଆଗମନ ହେବ।

**ମକର:** ଦିନଟି କର୍ମତତ୍ପର ରହିବେ। ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଖାଦ୍ୟପାନୀୟ ଉପରେ ଧ୍ୟାନ ଦେବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଅଯଥା କାମକୁ ନେଇ ଚିନ୍ତାରେ ରହିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ବିବାହ ପ୍ରସ୍ତାବ ଆସିବ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିବ ଏବଂ ସହକର୍ମୀଙ୍କ ସହଯୋଗ ମିଳିବ। ପରିବାରରେ ହସଖୁସିର ପରିବେଶ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

### ■ ଶ୍ରୀମନ୍ଦିରରେ ପାଟବୋଳା ସେବା ମାମଲା

## ହାଇକୋର୍ଟଙ୍କ ଜବାବ ତଲବ

**କଟକ,୧୯ ।୬(ସମିସ):** ଅଣସର ସମୟରେ ଶ୍ରୀମନ୍ଦିରରେ ପାଟବୋଳା କାର୍ଯ୍ୟରେ ଦୁଇ ଜଣ ପାଟରାବିଶୋୟୀ ସେବକଙ୍କୁ ନିୟୋଜିତ ପ୍ରସଙ୍ଗ ନେଇ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଜାରି ୨୦୨୫, ଜୁନ ୧୨ର ନିର୍ଦ୍ଦେଶନାମାକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ମୁଖ୍ୟ ପ୍ରଶାସନିକ ଅଧିକାରୀଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିବା ସହ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଟରାବିଶୋୟୀ ସେବକ ସନ୍ତୋଷ କୁମାର ପାତ୍ର ଓ ଅନ୍ୟ ୭ ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ସେହିଭଳି ଏବେ ଚାଲିଥିବା ଉକ୍ତ ସେବାପୂଜାରୁ ପ୍ରତିପକ୍ଷ ନମ୍ବର ୩ ଓ ୪ (ଭିକାରୀ ପୃଷ୍ଟି ଓ ଗୋପୀନାଥ ଲେଙ୍କା)ଙ୍କୁ ବାଦ ଦେବା ପ୍ରସଙ୍ଗରେ ବିଚାର କରିବାକୁ ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ବାଦ ଦେଲେ ସେବା ଯେପରି ବାଧାପ୍ରାପ୍ତ ନ ହୁଏ ତାହା ସୁନିଶ୍ଚିତ କରିବାକୁ ହାଇକୋର୍ଟ କହିଛନ୍ତି। ଜୁନ ୨୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ଶ୍ରୀଜଗନ୍ନାଥ ମନ୍ଦିର ରେକର୍ଡ ଅଫ୍ ରାଇଟ୍ସର ଉଲ୍ଲଂଘନ କରି ୨୦୨୫, ଜୁନ ୧୨ରେ ପାଟରାବିଶୋୟୀ ସେବକ ଭିକାରୀ ପୃଷ୍ଟି ଓ ଗୋପୀନାଥ ଲେଙ୍କାଙ୍କୁ ପାଟବୋଳା କାର୍ଯ୍ୟରେ ନିୟୋଜିତ କରାଯାଇଛି ବୋଲି ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଥିଲା। ଆବେଦନକାରୀ ମାନେ ପାଟରାବିଶୋୟୀ ସେବକ ଓ ଶ୍ରୀଜଗନ୍ନାଥ ମନ୍ଦିର ରେକର୍ଡ ଅଫ୍ ରାଇଟ୍ସରେ ସେମାନଙ୍କ ବଂଶଜଙ୍କ ନାଁ ରହିଛି। ବଂଶାନୁକ୍ରମିକ ଭାବେ ପାଟବୋଳା ସେବା ଆବେଦନକାରୀମାନେ କରି ଆସୁଛନ୍ତି। ରେକର୍ଡ ଅଫ୍ ରାଇଟ୍ସ ଅନୁସାରେ ନୀତି ସଂପାଦନ ପାଇଁ ଶ୍ରୀମନ୍ଦିର ପ୍ରଶାସକ ପଦକ୍ଷେପ ନେବା କଥା। ରେକର୍ଡ ଅଫ୍ ରାଇଟ୍ସ ଅନୁସାରେ ପ୍ରତିପକ୍ଷ ନମ୍ବର ୩ ଓ ୪ ପାଟବୋଳା ସେବା ପାଇଁ ଯୋଗ୍ୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଭିଜିତ ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି।

## ନବ ଦାସଙ୍କ ଘର ସମେତ ବ୍ୟବସାୟ ପ୍ରତିଷ୍ଠାନରେ ଆୟକର ବିଭାଗର ଚଢ଼ଉ

**ଝାରସୁଗୁଡ଼ା/ସମ୍ବଲପୁର,୧୯ ।୬(ସମିସ):** ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଝାରସୁଗୁଡ଼ା ବିଧାୟକ ସ୍ୱର୍ଗତ ନବକିଶୋର ଦାସଙ୍କ ବାସଭବନ ସମେତ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଆୟକର ଚଢ଼ଉ ହୋଇଛି। ଝାରସୁଗୁଡ଼ା ଜିଲ୍ଲା ସରବାହାଲସ୍ଥିତ ସ୍ୱର୍ଗତ ନବ ଦାସଙ୍କ ବାସଭବନରେ ଗୁରୁବାର ଭୋରୁ ଆୟକର ବିଭାଗ ଚଢ଼ଉ କରିଛି। ସେହିପରି ସମ୍ବଲପୁରରେ ଥିବା ତାଙ୍କ ପୁରୁଣା ବାସଭବନ, ଭିଏସଏସ ମାର୍ଗସ୍ଥିତ ହୋଟେଲ ଏବଂ ଭାଲୁପାଲିସ୍ଥିତ ହୋଟେଲରେ ମଧ୍ୟ ଚଢ଼ଉ ହୋଇଛି।

ଏହି ଚଢ଼ଉରେ ଆୟକର ବିଭାଗ ସହିତ କିଛି ସିଆର୍‌ପିଏଫ୍ ଯବାନ ମଧ୍ୟ ସାମିଲ ରହିଥିଲେ। ଆୟକର ବିଭାଗ ଚଢ଼ଉ ବେଳେ ଆଉ କୌଣସି ଲୋକଙ୍କୁ ଭିତରକୁ ଛଡା ଯାଇ ନଥିଲା। କେବଳ ଆୟକର ବିଭାଗର ଅଧିକାରୀ କର୍ମଚାରୀମାନେ ହିଁ ଯିବାଆସିବା କରିଥିଲେ। ମଝିରେ ଆୟକର ବିଭାଗର ୨ ଅଧିକାରୀ ବାହାରକୁ କିଛି ସମୟ ପାଇଁ ଯାଇ ପୁଣି ଫେରି ଆସିଥିଲେ। ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ଦାସ ଓ ପୁଅ ବିଶାଳ ଦାସ ଘରେ ନଥିବା ବେଳେ ଚଢ଼ଉ ହୋଇଛି। ବର୍ତ୍ତମାନ ଦୀପାଳି ଦାସ ଭୁବନେଶ୍ୱରରେ ଥିବା ବେଳେ ବିଶାଳ ଦାସ ଦିଲ୍ଲୀରେ ଥିବା ସୂଚନା ମିଳିଛି।

## ଜୁଲାଇ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ

### ଭୁବନେଶ୍ୱରରେ ବିରାଟ ଜନସମାବେଶ ପାଇଁ କଂଗ୍ରେସର ଯୋଜନା

**ଭୁବନେଶ୍ୱର,୧୯।୬(ସମିସ):** ଆସନ୍ତା ଜୁଲାଇ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଜୁଲାଇ ୭ରୁ ୧୦ ତାରିଖ ରାହୁଲ ଗାନ୍ଧି ଓଡ଼ିଶା ଗସ୍ତରେ ଆସି ଏକ ବିରାଟ ଜନସଭାକୁ ସମ୍ବୋଧିତ କରିବେ। ରାହୁଲ ଗାନ୍ଧୀଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଓ ଏଆଇସିସି ସାଧାରଣ ସମ୍ପାଦକ କେସି ଭେଣୁଗୋପାଳ ମଧ୍ୟ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଗୁରୁବାର ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ଅବସରରେ ପିସିସି ସଭାପତି ଭକ୍ତଚରଣ ଦାସ ଏହି ସୂଚନା ଦେଇଛନ୍ତି।

## ଅବଶିଷ୍ଟାଂଶ...

### ଜୁଲାଇରୁ ଏଟିଏମ୍...

ପାଇଁ ୨.୫୦ ଟଙ୍କା,୧୦୦୦ ଟଙ୍କାରୁ ୧ ଲକ୍ଷ ପର୍ଯ୍ୟନ୍ତ ପ୍ରତି କାରବାର ପାଇଁ ୫ଟଙ୍କା,୧ ଲକ୍ଷ ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରତି କାରବାର ପାଇଁ ୧୫ ଟଙ୍କା ଚାର୍ଜ ଦେବାକୁ ହେବ। ତେବେ ଏହି ସମସ୍ତ ଶୁଳ୍କ ଟିକସ ବିନା, ଅର୍ଥାତ୍, ଏଥିରେ ଟିକସ ପୃଥକ ଭାବରେ ଯୋଡାଯିବ। ପ୍ରତି ମାସରେ ତିନିଥର ମାଗଣା ନଗଦ ଉଠାଣ ପରେ, ପ୍ରତ୍ୟେକ ନଗଦ ଉଠାଣ ପାଇଁ ୧୫୦ ଟଙ୍କା ଶୁଳ୍କ ଦେବାକୁ ପଡିବ। ଯଦି ଗୋଟିଏ ମାସରେ ୧ ଲକ୍ଷରୁ ଅଧିକ ଟଙ୍କା ଉଠାଇଥାନ୍ତି, ତେବେ ଆପଣଙ୍କୁ ପ୍ରତି ୧୦୦୦ ଟଙ୍କା ପାଇଁ ୩.୫ ଟଙ୍କା କିମ୍ବା ୧୫୦ ଟଙ୍କା (ଯେଉଁଟି ଅଧିକ ହେବ) ଶୁଳ୍କ ଦେବାକୁ ପଡିବ। ଡେବିଟ୍ କାର୍ଡରେ ଶୁଳ୍କ ବାବଦ ଏକ ସାଧାରଣ ଡେବିଟ୍ କାର୍ଡ ପାଇଁ ବାର୍ଷିକ ଶୁଳ୍କ ୩୦୦ ଟଙ୍କା ରଖାଯାଇଛି। ଗ୍ରାମାଞ୍ଚଳର ଗ୍ରାହକମାନଙ୍କ ପାଇଁ, ଏହି ବାର୍ଷିକ ଶୁଳ୍କ ୧୫୦ ଟଙ୍କା। ଯଦି କାର୍ଡ ହଜିଯାଏ କିମ୍ବା ନଷ୍ଟହୁଏ, ତେବେ ନୂତନ କାର୍ଡ ପାଇବା ପାଇଁ ୩୦୦ ଟଙ୍କା ଶୁଳ୍କ ଦେବାକୁ ପଡିବ।

ଆଇସିଆଇସିଆଇ ବ୍ୟାଙ୍କରେ ନଗଦ ଜମା, ଚେକ୍ ଜମା, ଡିମାଣ୍ଡ ଡ୍ରାଫ୍ଟ କିମ୍ବା ପେ ଅର୍ଡର କଲେ ପ୍ରତି ୧୦୦୦ ଟଙ୍କା ପାଇଁ ୨ ଟଙ୍କା ଶୁଳ୍କ ଦେବାକୁ ପଡ଼ିବ। ଏଥିରେ, ଗୋଟିଏ କାରବାରରେ ସର୍ବନିମ୍ନ ୫୦ ଟଙ୍କା ଏବଂ ସର୍ବାଧିକ ୧୫ ହଜାର ଟଙ୍କା ଶୁଳ୍କ ଲାଗିବ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍ କାର୍ଡ ବ୍ୟବହାର କରି ଡ୍ରିମ୍ ୧୧, ଏମ୍‌ପିଏଲ୍ ଭଳି ଗେମିଂ ଆପ୍ ପାଇଁ ପ୍ରତି ମାସରେ ୧୦,୦୦୦ରୁ ଅଧିକ ଖର୍ଚ୍ଚ କଲେ ୧% ଅତିରିକ୍ତ ଶୁଳ୍କ ଦେବାକୁ ପଡିବ। ଏହି ଶୁଳ୍କ ପ୍ରତି ମାସରେ ୪,୯୯୯ ଟଙ୍କା ପର୍ଯ୍ୟନ୍ତ ସୀମିତ ରହିବ ଏବଂ ଏହି କାରବାର ପାଇଁ ପୁରସ୍କାର ପଏଣ୍ଟ ଦିଆଯିବ ନାହିଁ। ସେହିପରି, ଯଦି ଗ୍ରାହକ ପେଟିଏମ୍,ମୋବିକ୍ୱିକ୍, ଫ୍ରିଚାର୍ଜ,ଓଲା ମନି ଭଳି ତୃତୀୟ ପକ୍ଷ ୱାଲେଟରେ ମାସକୁ ୧୦ ହଜାର ଟଙ୍କାରୁ ଅଧିକ ରଖନ୍ତି, ତେବେ ସେଥିରେ ମଧ୍ୟ ୧% ଶୁଳ୍କ ଲାଗୁ ହେବ, ଯାହାର ସର୍ବାଧିକ ସୀମା ମଧ୍ୟ ପ୍ରତି ମାସରେ ୪,୯୯୯ ଟଙ୍କା ହେବ।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାକୁ...

ରାଜ୍ୟ ସରକାରଙ୍କର ନିଦ ଭାଙ୍ଗୁନାହିଁ। କେବଳ ଯାଜପୁର ଜିଲ୍ଲାରେ ବିଭିନ୍ନ ଅପମିଶ୍ରିତ ଜଳ ଉତ୍ତୋଳନ ସ୍ଥାନ ଚିହ୍ନଟ କରାଯାଇଛି। ପାନୀୟ ଜଳ ବ୍ୟବହାର ଉପରେ ଅଙ୍କୁଶ ଲଗାଯାଇଛି। ମାତ୍ର ଅନ୍ୟ ଜିଲ୍ଲାଗୁଡ଼ିକରେ ବିହିତ ପଦକ୍ଷେପ ନ ନେବାରୁ ଅବସ୍ଥା ଧୀରେ ଧୀରେ ସଙ୍ଗୀନ ହେବାରେ ଲାଗିଛି। ସେହିଭଳି ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନାବାଡ଼ି କର୍ମୀ ଓ ଆଶା ଦିଦିମାନେ ତୃଣମୂଳସ୍ତରରେ ସଚେତନ କରୁଥିବା କଥା ସରକାର କହୁଥିଲେ ହେଁ ଏହାର ପ୍ରଭାବ ଲୋକେ ଅନୁଭବ କରୁନାହାନ୍ତି।

### ହାଇକୋର୍ଟଙ୍କ ଉଦ୍‌ବେଗ...

ବ୍ୟାପିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏଣୁ ଏହାର ପ୍ରତିକାର ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ ଉପରେ ଅଦାଲତ ଗୁରୁତ୍ୱାରୋପ କରିଥିଲେ। କଟକ ଅତିରିକ୍ତ ଜିଲ୍ଲାପାଳ, ସିଏମସି କମିସନର, ସିଟି ଇଞ୍ଜିନିୟର ଓ ୱାଟକୋର ଅଧିକାରୀ ଭର୍ଚୁଆଲରେ ଉପସ୍ଥିତ ରହି ସହରରେ ମୋଟ ୩ହଜାର ନଳକୂପରୁ ୨ ହଜାରଟି ବିଶୋଧନ କରାଯାଇଛି ଓ ବିଭିନ୍ନ ରାସ୍ତାକଡ ଖାଦ୍ୟ ସାମଗ୍ରୀ ପ୍ରତିଷ୍ଠାନରେ ଚଢ଼ଉ କରାଯାଉଛି ବୋଲି କୁହାଯାଇଥିଲା। ଅନ୍ୟପଟରେ ରାସ୍ତାକଡ ଖାଦ୍ୟ ପସରାକୁ ୭ଦିନ ବନ୍ଦ ରଖାଯିବା ଉଚିତ ବୋଲି ଆଡଭୋକେଟ କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା ବେଳେ ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗ ବିଚାର କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୩କୁ ଧାର୍ଯ୍ୟ କରାଯାଇଛି।

### ଆଗକୁ ରଥଯାତ୍ରା...

କରି ଖାଇବା ପରେ ପ୍ଲେଟ୍ ଏଣେତେଣେ ପକାଇଥା'ନ୍ତି। ସେହିପରି ବହୁ ଲୋକ ବଡ଼ଦାଣ୍ଡ, ବେଳାଭୂମି ସମେତ ସହରର ବିଭିନ୍ନ ସ୍ଥାନରେ ଖୋଲା ଆକାଶ ତଳେ ଶୁଅନ୍ତି। ଏଠିସେଠି ଝାଡ଼ା, ପରିସ୍ରା ମଧ୍ୟ କରିଥା'ନ୍ତି। ଏଥିପାଇଁ ରଥଯାତ୍ରାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ବିଶ୍ରାମାଗାର ପ୍ରଭୃତି ଅଞ୍ଚଳରେ ଦୁର୍ଗନ୍ଧରେ ନାକ ଫାଟିପଡ଼େ। ସେହିପରି ବିଭିନ୍ନ ସାହିଗଳିର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼େ। ପ୍ରଶାସନ ଏ ସବୁ ପ୍ରତି ସଜାଗ ଏବଂ ସତର୍କ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ପରିମଳ ବ୍ୟବସ୍ଥାକୁ ସୁଧାରିପାରି ନଥାଏ। ଏହି ସମୟରେ ଝାଡ଼ାବାନ୍ତି ବ୍ୟାପିବା ସମ୍ଭାବନା ଅଧିକ ରହିଥାଏ।

ସେହିପରି ଆଉ ଏକ ସବୁଠୁ ବଡ଼ ଚିନ୍ତାଜନକ ବିଷୟ ହେଉଛି ରଥଯାତ୍ରା ସମୟରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହୋଇଥାଏ। ଏହି ସମୟରେ ବିଭିନ୍ନ ସ୍ଥାନରେ ଉଠାଦୋକାନୀମାନେ ଖାଦ୍ୟ ପସରା ମେଲାଇଥା'ନ୍ତି। କିଏ ଡ୍ରେନ୍ ଉପରେ ତ ଆଉ କେହି ନାଳ କଡ଼ରେ ଠେଲା ଲଗାଇ ଯାତ୍ରୀଙ୍କୁ ଖାଦ୍ୟ ଦିଅନ୍ତି। ଅଧିକାଂଶ ଉଠାଦୋକାନୀ ବ୍ୟବହାର କରୁଥିବା ପାଣିର ଶୁଦ୍ଧତାକୁ ନେଇ ବି ଅନେକ ସମୟରେ ପ୍ରଶ୍ନ ଉଠିଛି। ରାସ୍ତାକାଡ଼ ଟ୍ୟାପ୍ ପାଣି ବ୍ୟବହାର କରି ସେମାନେ ଖାଦ୍ୟ ପ୍ରସ୍ତୁତ କରିଥା'ନ୍ତି। ତେବେ ଅନେକ ସମୟରେ ଟ୍ୟାପ୍ ପାଣି ପ୍ରଦୂଷିତ ହେବାର ନଜିର ରହିଛି। ବିଗତ ବର୍ଷରେ ମାଟିତଳେ ପାଇପ୍ ଫାଟି ଯାଇଥିବାବେଳେ ସେହି ପାଇପରୁ ଜଳ ବ୍ୟବହାର କରି ପୁରୀ ସହରରେ ଝାଡ଼ାବାନ୍ତି ବ୍ୟାପିଥିଲା। ଏପରିକି ଏଥିରେ କିଛି ବ୍ୟକ୍ତିଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା। ସେହିପରି ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କାର ଆଉ ଏକ କାରଣ ହେଉଛି କିଛି ହୋଟେଲ ଏବଂ ରେସ୍ତୋରାଁରେ ବାସିଖାଦ୍ୟ ଦିଆଯାଏ। ପରୋକ୍ଷରେ ଏହା ଝାଡ଼ାବାନ୍ତିର ମଧ୍ୟ କାରଣ ସାଜିଥାଏ। ତେଣୁ ସାମଗ୍ରିକ ଭାବେ ଦେଖିଲେ ରଥଯାତ୍ରା ସମୟ ପୁରୀ ପାଇଁ ଗୁରୁତ୍ୱପୂର୍ଣ୍ଣ। ଯଦି ପରିମଳ ବ୍ୟବସ୍ଥା ବିଗିଡ଼ିଯାଏ ତେବେ ପୁରୀରେ ସେ ଝାଡ଼ାବାନ୍ତି ନ ବ୍ୟାପିବ ତାହାକୁ ଏଡ଼ାଇ ଦେଇହେବ ନାହିଁ।

### ମନ୍ତ୍ରୀଙ୍କୁ ଡାଇରିଆ...

୨୧ ତାରିଖ ଯାଏଁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ରାଜ୍ୟର ୧୧ ଜିଲ୍ଲାକୁ ଡାଇରିଆ ବ୍ୟାପିଥିବାରୁ ବିଦ୍ୟାଳୟ ଖୋଲିବା ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଡାଇରିଆ ଡରରେ ବିଭାଗୀୟ ମନ୍ତ୍ରୀ ସ୍କୁଲ ଖୋଲିବା ନିଷ୍ପତ୍ତିରୁ ଏକପ୍ରକାର ଓହରିଯାଇ ଜିଲ୍ଲାପାଳଙ୍କ ହାତକୁ ଏହି ଦାୟିତ୍ୱ ଟେକି ଦେଇଛନ୍ତି। ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ଡାଇରିଆରେ ଅଧିକ ପ୍ରଭାବିତ ଯାଜପୁର ସମେତ ଭଦ୍ରକ ଓ କଟକ ଜିଲ୍ଲାରେ ସ୍ଥିତି ଦେଖି ଜିଲ୍ଲାପାଳମାନେ ବିଦ୍ୟାଳୟ ଖୋଲିବା ନିଷ୍ପତ୍ତି ନେବେ। ସ୍ଥିତି ଅଣାୟତ୍ତ ଥିଲେ ସ୍କୁଲ୍ ବନ୍ଦ କରିବାକୁ ନିଷ୍ପତ୍ତି ନେଇପାରିବେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଯାଜପୁର ଓ ଭଦ୍ରକ ଜିଲ୍ଲାରେ ବିଦ୍ୟାଳୟ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ କଟକ ଜିଲ୍ଲାପାଇଁ କୌଣସି ନିଷ୍ପତ୍ତି ହୋଇନାହିଁ। ଅର୍ଥାତ୍ କଟକ ମହାନଗର ନିଗମ ବ୍ୟତୀତ ଜିଲ୍ଲାରେ ପାଠପଢ଼ା ଆରମ୍ଭ ହେବ।

ବିଦ୍ୟାଳୟ ଖୋଲିବା ପୂର୍ବରୁ ପୂର୍ଣ୍ଣ ପ୍ରସ୍ତୁତି କରିବା ପାଇଁ ସମସ୍ତ ଜିଲ୍ଲାପାଳମାନଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ସହ ବିଦ୍ୟାଳୟ ଓ ଶ୍ରେଣୀଗୃହ ସଫାସୁତୁରା, ପାଣି ଟାଙ୍କି, ରାସ୍ତାଘାଟ ଓ ଡ୍ରେନେଜ୍ ପରିଷ୍କାର ପରିଚ୍ଛନ୍ନ କରାଯିବ। ମଧ୍ୟାହ୍ନ ଭୋଜନ ପୂର୍ବରୁ ଚାଉଳ ଓ ଆନୁସଙ୍ଗିକ ରୋଷେଇ ସାମଗ୍ରୀ ଯାଞ୍ଚ କରିବା, ସୁରକ୍ଷିତ ପିଇବା ପାଣି ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି। ଆଜି ଶିକ୍ଷକମାନେ ବିଦ୍ୟାଳୟକୁ ଯାଇ ସଫାସୁତୁରା କରିବା ସହ ପାଠପଢ଼ା ପାଇଁ ବିଦ୍ୟାଳୟକୁ ପ୍ରସ୍ତୁତ କରିଛନ୍ତି।

### ଘରେ ପଶି ଯୋଗ...

ପଶି ଥିଲେ। କବାଟ ଭାଙ୍ଗିବା ଶବ୍ଦରେ ଶିକ୍ଷୟିତ୍ରୀଙ୍କ ନିଦ ଭାଙ୍ଗିଯାଇଥିଲା। ଜଣେ ଯୁବକ ଜଣଙ୍କ ମୁହଁରେ କଳା କପଡା ବାନ୍ଧି, ହାତରେ ଧାରୁଆ ଅସ୍ତ୍ର ଧରି ଘରେ ପଶିଥିବା ଦେଖି ସେ ପାଟି କରିଥିଲେ। ମାତ୍ର ସମ୍ପୃକ୍ତ ଯୁବକ ଜଣଙ୍କ ଶିକ୍ଷୟିତ୍ରୀଙ୍କୁ କାବୁ କରି ନେଇଥିଲା ଓ ତାଙ୍କ ପାଟି ବନ୍ଦ କରି ଦୁଷ୍କର୍ମ କରିଥିଲା। ଏପରିକି ପାଟି ଖୋଲିଲେ ଜୀବନରେ ମାରିଦେବା ପାଇଁ ଯୁବକ ଧମକ ଦେବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ କରିଥିଲା। ପୀଡ଼ିତା ବଳପ୍ରୟୋଗ କରି ସମ୍ପୃକ୍ତ ଯୁବକଙ୍କ କବ୍‌ଜାରୁ ମୁକୁଳିବାକୁ ଉଦ୍ୟମ କରିଥିଲେ ହେଁ ସକ୍ଷମ ହୋଇ ନ ଥିଲେ। ଦୁଷ୍କର୍ମ ପରେ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ସମ୍ପୃକ୍ତ ଯୁବକ ଧମକ ଦେଇ ଚାଲି ଯାଇଥିଲା। ଏ ସମ୍ପର୍କରେ ପୀଡ଼ିତାଙ୍କ ପକ୍ଷରୁ ସଦର ଥାନାରେ ଏତଲା ଦିଆଯାଇଛି। ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ଘଟଣାର ତଦନ୍ତ କରିବା ସହ ମୁଣ୍ଡାଳ ଗାଁର ବାପି ମଲିକ(୨୨) ନାମକ ଜଣେ ଯୁବକକୁ ଅଟକ ରଖିଛନ୍ତି। ଡ଼ାକ୍ତରଖାନାରେ ଚିକିତ୍ସାଧୀନ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

### ମାମୁ ଘର ଗାଁ...

ଖୋଜାଖୋଜି କରିଥିଲେ। ତେବେ ବହୁ ସମୟ ପରେ ପୋଖରି ମଧ୍ୟରୁ ସଂଜ୍ଞାହୀନ ଅବସ୍ଥାରେ ଦୁଇ ଶିଶୁଙ୍କୁ ଉଦ୍ଧାର କରାଯାଇ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଭାବେ ପରୀକ୍ଷା କରି ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

### ଲୋକସେବକ ମଣ୍ଡଳର...

କୋଷାଧ୍ୟକ୍ଷ, ସମ୍ପାଦକ ଭାବେ କାମ କରି ବେଶ୍ ସୁନାମ ଅର୍ଜନ କରିଥିଲେ। ଏବେ ନିକଟରେ ସେ ପୁନର୍ବାର ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଜିମ୍‌ସାର ପ୍ରତିଷ୍ଠାରେ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା। ତାଙ୍କ ପରଲୋକରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜ କୁମାର, ଉପସଭାପତି ଦୀପକ ମାଲବ୍ୟ, କୋଷାଧ୍ୟକ୍ଷ ରାଜେନ୍ଦ୍ର ଜେନା, ବରିଷ୍ଠ ସଦସ୍ୟ ଭୀମସେନ୍ ଯାଦବ, 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ମଣ୍ଡଳ ସଦସ୍ୟା ନିମିଶା ଅମିନ୍, ଅନୀତା ଗୋଏଲ, ନୈନା ବେନ୍ ଭେକାରିଆ, ମଣ୍ଡଳ ସଭାପତିଙ୍କ ପରାମର୍ଶଦାତା ରାମନାଥ ଝା, 'ସମାଜ' ସମ୍ପାଦକ ତଥା କାର୍ଯ୍ୟନିର୍ବାହୀ ମୁଖ୍ୟ ପରିଚାଳକ ତପନ କୁମାର ମିଶ୍ରଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଗଭୀର ଶୋକପ୍ରକାଶ କରିଛନ୍ତି।


**AFFIDAVIT**

By virtue of an affidavit executed by before the court of Executive Magistrate Athgarh on Dt. 18.06.2025. I Rita Naik D/o Nodha Naik of Vill-Dhurukudia Po-Megha Ps-Athgarh Dist-Cuttack declared that my actual name is Rita Naik but it was wrongly recorded as Soma Naik in my Aadhar Card. In School certificate and birth certificate my name recorded as Rita Naik. Hence I will be known as Rita Naik in all purposes.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & K.I Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

**AFFIDAVIT**

By the virtue of an affidavit sworn before Executive Magistrate, Bhubaneswar, on dated 16.04.2025, I, Khirода Prasad Rout, S/o Basanta Rout, and son-in-law of Mrs. Draupadi Swain, resident of Bhubaneswar, Khordha, do hereby declare that the name of my Mother-in-law Mrs. Draupadi Swain has been incorrectly recorded as Doupadi Swain in her Aadhaar Card due to a typographical error. The correct name is Draupadi Swain. It is hereby clarified that Doupadi Swain and Draupadi Swain refer to one and the same person. This public notice is issued for the information of all concerned and for necessary correction in official records.

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

CONTACT : 6371093914

**AFFIDAVIT**

By virtue of an affidavit No. 52, dtd. 18.06.2025 in the court of the Executive Magistrate, Nandapur, Dist-Koraput, I, Jogeswari Burudi have changed my name from Jogeswai Burudi to Jogeswari Burudi. Henceforth I shall be known as Jogeswari Burudi for all purposes.

Sd/- Jogeswari Burudi

**AFFIDAVIT**

I, Savita Agrawal, aged about 51 years, W/o- Kamal Kishor Agrawal, resident of Malpada, Balangir, Po- Balangir, Ps- Balangir Town, Dist- Bolangir, Pin- 767001, Odisha declare by this affidavit No. 1202, dtd. 19/06/2025 that now onwards I shall be known as **SABITA AGRAWAL** for all future purposes.

**AFFIDAVIT**

I, Swetarani Rath, aged about 39 years, W/o- Satyajit Joshi, resident of Malpada, Balangir, Po- Balangir, Ps- Balangir Town, Dist- Bolangir, Pin- 767001, Odisha declare by this affidavit No. 1201, dtd. 19/06/2025 that now onwards I shall be known as **SWETA JOSHI** for all future purposes.

**BANAPHOOL ENGLISH MEDIUM SCHOOL**

At- Dandusamunda, Telkoi, Keonjhar
(Candidate are DeLed or CT can apply)

**WANTED TEACHERS**

P- 1 (TGT) -Odia, Computer ( M /F)
P - 1 (+2 or +3) - Math ( F) for kg class

Contact - 9658043303, 9337954800
Email- jkodisha@gmail.com

**OFFICE OF THE PRINCIPAL**
**SIDDHARTHA DEGREE COLLEGE, BINKA,**
**DIST- SUBARNAPUR**

No. 388/ Dt. 18.6.25

**WALK-IN-INTERVIEW**

Walk-in-interview for engagement of Guest Faculties in Botany, Chemistry and Political Science and for one PET will be held on dt. 30.06.2025 at 11.00 A.M. Interested candidates having 55% marks at PG level for Lecturer and B.P.Ed for PET may attend the same with all relevant document with Rs. 200/- by cash.

Sd/-Principal-Cum-Secretary
PRINCIPAL
Siddhartha Degree College Binka

**SAMAGRA SHIKSHA, BARGARH**

NOTICE INVITING TENDER (NIT) for Supply of "TEACHING LEARNING MATERIAL 2025-26 FOR SISHU VATIKA, GRADE I, II & III"

No. 2279 Dated 19.06.25

Sealed tenders are invited from the reputed & credible Printers / firms / agencies for Supply of "TEACHING LEARNING MATERIAL 2025-26 FOR SISHU VATIKA, GRADE I, II & III" in two bid systems (Technical & Financial Bid) as detailed below.

The detailed BID document is available in the website http://bargarh.odisha.gov.in & http://ssepa.odisha.gov.in. Interested and eligible printer / agency / firm may download BID DOCUMENTS from the above website and apply accordingly. Corrigendum / addendum, if required, will be uploaded in the above web site.

Last date & time for submission of bid is up to 1.30 PM Dt. 30.06.2025. Opening time & Date is 4.00 PM Dt.30.06.2025. The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

By the order of Collector-Cum-Chairman
District Project Coordinator
SS, BARGARH

**ପୌରପରିଷଦ କାର୍ଯ୍ୟାଳୟ : ଜୟପୁର** C-558

**OFFICE OF THE MUNICIPAL COUNCIL: JEYPORE**

Phone No.: 06854-231098, email: ulbjeypore@gmail.com
Letter No. 2581 / Date 18.06.2025

**Quotation call notice**

Sealed Quotations are inviting for Supply of [illegible] Books, Jeypore Municipality. The quotation will be received on or before 25.06.2025 1.00 PM and it will be opened on same day at 4.00 PM in presence of the agency or his authorized representatives if any. If the date of opening falls on holidays. Then the next working date will be treated as date of opening at the same time. The authority reserves the rights to reject any or all tender without assigning any reason thereof. The quotational should submit the PAN card & GST Registration certificate along with the quotation.

| Sl. NO. | Description | Unit | Quantity | Rate in Rs. |
| --- | --- | --- | --- | --- |
| 1 | Supply of [illegible] Books | | | |

Executive Officer
Jeypore Municipality

OIPR-13079/11/0046/2526

**OFFICE OF THE NOTIFIED AREA COUNCIL, KOTPAD**

Address:- At/Po:- KOTPAD, Dist.:- KORAPUT, ODISHA, Pin:- 764058
Phone No.: 06860-295543, E.mail.I.D.:- [illegible]

Letter No. 1177/NAC Date 18.06.2025

**QUOTATION CALL NOTICE FOR SELECTION OF ADVERTISING AGENCY FOR THE ADVERTISEMENT SPACE RIGHTS ON LED BASED DISPLAY BOARD AT TRAFFIC SQUARE LOCATION IN GANDHICHHAKA, KOTPAD**

Kotpad NAC invites tender for selection of Advertising Agency for Advertisement Space Rights on LED based Display Board at Traffic Square in Gandhi Chhak, Kotpad.

1. The detailed tender document can be down loaded from www.kotpadnac.in or can be availed from office and the Bid Document Cost of Rs. 2,000/- (Rupees Two thousand) only can be paid in shape of Bank Draft drawn in favour of Executive Officer, NAC Kotpad.
2. Bids should be submitted through Registered / Speed post addressed to the Executive Officer, NAC Kotpad.
3. Published Date and time 20.06.2025
4. Bid Document submission Start Date 21.06.2025
5. Bid Submission End Date and time 03.07.2025 at 3.00 PM
6. Bid Opening Date and time 04.07.2025 at 11.00 AM in the office of the undersigned.

Executive Officer
NAC Kotpad

OIPR-13182/11/0030/2526 C-552

**AFFIDAVIT**

I, Bikram Kumar Tayal, aged about 28 years, S/O- Shreeram Tayal, resident of Dhobapada, Khariar, Po- Khariar, Ps- Khariar, Dist- Nuapada, Pin- 766107, Odisha declare by this affidavit No. 1203, dtd. 19/06/2025, that now onwards I shall be known as **BIKRAM TAYAL** for all future purposes

**AFFIDAVIT**

By virtue of an affidavit before the Notary Public, Titlagarh, on dated-19/06/2025. I, **Bajarang Lal Goel**, formerly known as Bajarang Lal Agrawal, S/o- Late Ramchandra Goel, permanent resident of At- Gargiguda, Ward No.2, Po/Ps- Titlagarh, Dist- Balangir, (Odisha), PIN- 767033 now residing at the same place affirm that I have changed my name from **Bajarang Lal Agrawal To Bajarang Lal Goel**. Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Bajarang Lal Goel** (new name).

**Bajarang Lal Goel**

**AFFIDAVIT**

I, Rashmita Rout, W/o- Sambit Mohapatra, resident of Kheras, Brahmansailo, Kheras, Dist- Cuttack, PIN-754018, Odisha declared by this affidavit CF No. 65, dtd- 18/06/2025 that now onwards I shall be known as **RASMITA ROUT** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Niali on dtd. 10/02/2025. I **Gagan Chandra Singh**, F/O- Sai Prasad Singh, resident of Village-Pubakhanda, Po/Ps- Niali, Dist- Cuttack, Odisha have changed my minor son Name and date of birth from **SAID PRASAD SINGH to SAI PRASAD SINGH**, and DOB- **18/11/2015** to **18/11/2012**. Henceforth, my minor son name shall be known as **SAI PRASAD SINGH** and his actual DOB is **18/11/2012** for all future purposes.

**Gagan Chandra Singh**

**AFFIDAVIT**

By virtue of an affidavit sworn before the Executive Magistrate, Bissamcuttack, Dist-Rayagada, Odisha, Vide Affidavit Sl.No. 1605/2025, Dated.13/06/2025, that Sri SARANGADHARA PALAKA of Village- LAKHABHATA, Po-DUKUM, P.S.- BISSAMCUTTACK, Dist.- RAYAGADA Changed the name of his minor son as SHUBHAM PALAKA, date of birth is 18.04.2020 instead of SUVAMO PALAKA, date of birth 14.05.2020 which is wrongly recorded in Aadhaar Card. Hence forth the minor son shall be known as SHUBHAM PALAKA, date of birth is 18.04.2020 as per birth record for all purposes.

Sd/- Deponent

**AFFIDAVIT**

By virtue of an affidavit before the Notary Public, Titlagarh, on dated-19/06/2025. I, **Kanta Devi Goel**, formerly known as Kanta Devi Agrawal, W/o- Bajarang Lal Goel, permanent resident of At- Gargiguda, Ward No.2, Po/Ps- Titlagarh, Dist- Balangir, (Odisha), PIN- 767033 now residing at the same place affirm that I have changed my name from **Kanta Devi Agrawal To Kanta Devi Goel**. Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Kanta Devi Goel** (new name).

**Kanta Devi Goel**

**AFFIDAVIT**

By virtue of an affidavit sworn before **Executive Magistrate Bhubaneswar**, dated **18.06.2025** I, **Debendra Mahapatra of Village – Sarangadharpur, P.O. – Raj-Ranpur, P.S.- Ranpur, Dist – Nayagarh, Pin code-752026, Odisha** currently residing at **HIG-10, 7 Acre Area, OSHB, Phase-1, Chandrasekharpur, P.O./P.S.- Chandrasekharpur, Bhubaneswar-751016, Odisha** declare that I have changed the name of my minor daughter from **Snegha Mahapatra** to **Snegdha Mahapatra**. Henceforth, she shall be known as **Snegdha Mahapatra** for all purposes.

**(Debendra Mahapatra)**

**LOST**

I, **Sri Prakash Chandra Mahapatra**, aged about 60 years, Son of Late Rajkishore Mahapatra, resident of Village: Subudhipada, P.O.: Mangalpur, P.S.: Pipili, Dist.: Puri, Odisha, at present residing at Plot No.: 831/2918, Kharavel Vihar, Sishupalgarh, P.S.: Dhauli, Bhubaneswar-751002, Dist.: Khordha, Odisha, do hereby solemnly affirm that, I have purchased a piece of Land from Ex-Service Mens' Multi-Purpose Co-operative Society Ltd. Bhubaneswar, Dist.: Khordha a Registered Society bearing Regd. No.: 141, dtd. 04.01.1992 under Orissa Co-operative Societies Act, 1962 (Act 2, 1963) rep. by its Secretary Sri Debadas Manasingh vide Doc. No.: 2197, dtd. 29th April, 1997. That, while I was coming from my village to present residential address by my bike on 18.06.2025 on the way the said original Regd. Sale Deed and other relevant documents has been lost/misplaced and inspite of my best efforts I could not trace it out. If anyone found the above Sale Deed and other documents please contact on my **Mob No.: 9393488195**

## ସାମାଜିକ ସୁରକ୍ଷା କର୍ମଚାରୀଙ୍କ ଅସାମାଜିକ କାର୍ଯ୍ୟ

# ପ୍ରୋଗ୍ରାମ ଆସିଷ୍ଟାଣ୍ଟ ହାତେଇଛନ୍ତି ରାସନ କାର୍ଡ

**ନୟାଗଡ଼, ୧୯।୬(ସମିସ)**

ନୟାଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଅସାମାଜିକ କାର୍ଯ୍ୟକୁ ନେଇ ଅଭିଯୋଗ ସାମ୍ନାକୁ ଆସିଛି। ସାମାଜିକ ସୁରକ୍ଷା ବିଭାଗ ଅଧୀନସ୍ଥ ନୟାଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଏନ୍‌ଏସିରେ କାର୍ଯ୍ୟରତ ପ୍ରୋଗ୍ରାମ ଆସିଷ୍ଟାଣ୍ଟମାନେ କିଭଳି ସରକାରୀ ଯୋଜନାର ଫାଇଦା ଉଠାଇଛନ୍ତି, ତାହାର ରହସ୍ୟ ଏବେ ସାମ୍ନାକୁ ଆସିଛି। ସାମାଜିକ ସୁରକ୍ଷା ବିଭାଗରେ କାର୍ଯ୍ୟରତ ପ୍ରୋଗ୍ରାମ ଆସିଷ୍ଟାଣ୍ଟମାନେ କେୟାର ସିକ୍ୟୁରିଟି ନାମକ ଠିକାସଂସ୍ଥା ଜରିଆରେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ସେମାନଙ୍କୁ ମାସିକ ୨୩ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଦରମା ପ୍ରଦାନ କରାଯାଉଛି। ୨୩ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଦରମା ପାଉଥିବା ପ୍ରୋଗ୍ରାମ ଆସିଷ୍ଟାଣ୍ଟମାନେ କିନ୍ତୁ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ୍ ହୋଇ ସରକାରୀ ଯୋଜନାର ଫାଇଦା ଉଠାଉଛନ୍ତି। ଏହି ପ୍ରୋଗ୍ରାମ ଆସିଷ୍ଟାଣ୍ଟଙ୍କ ପରିବାର ନାଁରେ ରାସନ କାର୍ଡ ରହିଥିବା ଜଣାପଡ଼ିଛି। ନୟାଗଡ଼ ଜିଲ୍ଲା ଦଶପଲ୍ଲା

### କାର୍ଯ୍ୟାନୁଷ୍ଠାନ ହେବ: ଯୋଗାଣ ଅଧିକାରୀ

ବ୍ଲକରେ କାର୍ଯ୍ୟରତ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ମାନସ କୁମାର ପ୍ରଧାନ ଏବଂ ତାଙ୍କ ପରିବାର ନାଁରେ ୨୪୦୬୧୩୧୦୫୭୫ ନଂ ବିଶିଷ୍ଟ ରାସନ କାର୍ଡ ରହିଛି। ସେହିଭଳି ଦଶପଲ୍ଲା ଏନ୍‌ଏସିରେ କାର୍ଯ୍ୟରତ ରଜନୀକାନ୍ତ ନାୟକଙ୍କ ପରିବାର ନାଁରେ ୨୪୦୫୧୯୧୦୭୩୮ ନମ୍ବର ବିଶିଷ୍ଟ ରାସନ କାର୍ଡ ରହିଛି।

ସେହିଭଳି ଭାବେ ନୟାଗଡ଼ ବ୍ଲକରେ କାର୍ଯ୍ୟରତ ସରୋଜ ବେହେରା ଏବଂ ତାଙ୍କ ପରିବାର ନାଁରେ ୨୪୦୫୧୯୧୦୩୪୯ ନମ୍ବର ବିଶିଷ୍ଟ ରାସନ କାର୍ଡ ରହିଛି। ଖଣ୍ଡପଡ଼ା ବ୍ଲକରେ କାର୍ଯ୍ୟରତ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ମୀତାଲି ମିଶ୍ର ଏବଂ ତାଙ୍କ ପରିବାର ନାଁରେ ୨୪୦୯୦୨୧୨୩୦୬ ନମ୍ବର ବିଶିଷ୍ଟ ରାସନ କାର୍ଡ ରହିଛି। ରଣପୁର ବ୍ଲକରେ କାର୍ଯ୍ୟରତ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସୁଧୀର କୁମାର ମିଶ୍ର ଏବଂ ତାଙ୍କ ପରିବାର ନାଁରେ ୨୪୦୮୧୧୧୩୦୬୬ ନମ୍ବର ବିଶିଷ୍ଟ ରାସନ କାର୍ଡ ରହିଛି। ଖଣ୍ଡପଡ଼ା ଏନ୍‌ଏସିରେ କାର୍ଯ୍ୟ କରୁଥିବା ପ୍ରୋଗ୍ରାମ ଆସିଷ୍ଟାଣ୍ଟ ମୋନାଲିସା ଦାଶ ଏବଂ ତାଙ୍କ ପରିବାର ନାଁରେ ୨୪୦୯୦୧୧୦୪୮୧ ନମ୍ବର ବିଶିଷ୍ଟ ରାସନ କାର୍ଡ ରହିଛି। ଭାପୁର ବ୍ଲକରେ କାର୍ଯ୍ୟ କରୁଥିବା ଶ୍ରୀନାଥ ପଣ୍ଡା ଏବଂ ତାଙ୍କ ପୁଅ ସାଇନ ପଣ୍ଡାଙ୍କ ନାଁରେ ୨୪୦୧୧୭୧୦୪୩୫ ନମ୍ବର ବିଶିଷ୍ଟ ରାସନ କାର୍ଡ ରହିଥିବା ସୂଚନା ମିଳିଛି। ସରକାର ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରୁଥିବା ବ୍ୟକ୍ତିଙ୍କ ରାସନ କାର୍ଡ କାଟିବା ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ସରକାରୀ କାର୍ଯ୍ୟାଳୟରେ ୨୩ ହଜାର ବେତନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ରାସନ କାର୍ଡ କିଭଳି ରହିଛି ବୋଲି ପ୍ରଶ୍ନ ଉଠିଛି। ନୟାଗଡ଼ ଜିଲ୍ଲାରେ ଗରିବ ଲୋକ ରାସନ କାର୍ଡ ପାଇବା ପାଇଁ ଧାଇଁ ଧାଇଁ ନୟାନ୍ତ ହେଉଥିବାବେଳେ ସାମାଜିକ ସୁରକ୍ଷା ବିଭାଗରେ କାର୍ଯ୍ୟରତ ଏହି କର୍ମଚାରୀମାନେ ଅସାମାଜିକ ପନ୍ଥା ଆପଣାଇ ରାସନ କାର୍ଡ ହାତେଇବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଜିଲ୍ଲା ଯୋଗାଣ ଅଧିକାରୀ ବଜେନ୍ଦ୍ର କୁମାର ମହାନ୍ତିଙ୍କ ସହ ଆଲୋଚନା କରିବାରେ, ଏହା ଉପରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଗରିବଙ୍କୁ ମିଳୁନି ରାସନ କାର୍ଡ

ନୟାଗଡ଼ ଜିଲ୍ଲାରେ ଅନେକ ଗରିବ ହିତାଧିକାରୀ ବର୍ଷ ବର୍ଷ ଧରି ରାସନ କାର୍ଡରୁ ବଞ୍ଚିତ ହୋଇ ରହିଛନ୍ତି। ଇ-କେୱାଇସି ଜରିଆରେ ଯେତିକି ହିତାଧିକାରୀ ବାଦ୍ ପଡ଼ିଲେ, ସେହି ଅନୁସାରେ ନୂଆ ହିତାଧିକାରୀଙ୍କୁ ପ୍ରଶାସନ ସାମିଲ୍ କରୁଛି। ତଥାପି ଅନେକ ଅଯୋଗ୍ୟ ହିତାଧିକାରୀ ରାସନ କାର୍ଡ ହାତେଇ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ୍ ହୋଇଛନ୍ତି। ଯୋଗାଣ ବିଭାଗ ଏହାକୁ ପୁନଃ ଯାଞ୍ଚ କରି ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ଅଣ୍ଟା ଭିଡ଼ିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ଟେନ୍ ଷ୍ଟାର୍ କ୍ଲବ୍ ୟୁନିଟ୍ ଟ୍ରଫି

# ପ୍ରଶାସନକୁ ହରାଇ ରାଜନେତା ଏକାଦଶ ଚାମ୍ପିଅନ



**ଖଣ୍ଡପଡ଼ା, ୧୯।୬(ସମିସ):** ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମଧୁବନ ମିନି ଷ୍ଟାଡିୟମ୍‌ରେ ଟେନ୍ ଷ୍ଟାର୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୟୁନିଟ୍ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ଖଣ୍ଡପଡ଼ା ରାଜନେତା ଏକାଦଶ ୨ ରନ୍‌ରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଗୁରୁବାର ଫାଇନାଲ୍ ମ୍ୟାଚ୍‌ରେ ଖଣ୍ଡପଡ଼ା ପଞ୍ଚାୟତ ସମିତି ରାଜନେତା ଏକାଦଶ ଏବଂ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ଅଧିନାୟକତ୍ୱରେ ରାଜନେତା ଏକାଦଶ ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୧୦ ଓଭରରେ ୬୦ ରନ୍ କରିଥିଲା। ଦଳ ପକ୍ଷରୁ ମାନସ କୁମାର ବସ୍ତି ୧୩ ବଲ୍‌ରୁ ୧୭ ରନ୍‌ର ଆକର୍ଷଣୀୟ ପାଳି ଖେଳିଥିଲେ। ଜବାବରେ ବିଡିଓ ଅଙ୍କୁର ଅଭିଳାଷଙ୍କ ନେତୃତ୍ୱରେ ଖଣ୍ଡପଡ଼ା ପ୍ରଶାସନିକ ଏକାଦଶ ୧୦ ଓଭରରେ ସମସ୍ତ ୱିକେଟ୍ ହରାଇ ୫୯ ରନ୍ କରି ପରାଜିତ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ମାନସ କୁମାର ବସ୍ତି ୧୭ ରନ୍ କରିବା ସହ ମୂଲ୍ୟବାନ ଗୋଟିଏ ୱିକେଟ୍ ନେଇ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଶୁଭମ୍ ପଟ୍ଟନାୟକ ଏବଂ ସିତୁନ ସାହୁ ମ୍ୟାଚ୍ ପରିଚାଳନା କରିଥିବାବେଳେ ସ୍କୋରର୍ ଭାବେ ଗୌରାଙ୍ଗ ଚରଣ ସେଠୀ ଦାୟିତ୍ୱ ନିଭାଇଥିଲେ। ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ାର ପୂର୍ବତନ ସରପଞ୍ଚ ଧନେଶ୍ୱର ମହାପାତ୍ର ଖେଳକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଶେଷରେ ସ୍ୱର୍ଗତ ଡ. କୃଷ୍ଣଚନ୍ଦ୍ର ମହାପାତ୍ର (ମିଲନ)ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ୟୁନିଟ୍ ଟ୍ରଫିକୁ ଉଭୟ ଦଳକୁ ପ୍ରଦାନ କରିଥିଲେ। ଉକ୍ତ ଫାଇନାଲ୍ ମ୍ୟାଚ୍‌ରେ ଟେନ୍ ଷ୍ଟାର୍ କ୍ଲବ୍‌ର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

## ଅନ୍ତ୍ୟୋଦୟ ଗୃହ ଯୋଜନା

# ହୋଇପାରୁନି ଜିଓ ଟ୍ୟାଗିଂ; ହିତାଧିକାରୀଙ୍କୁ ବିଲ୍ ମିଳୁନି

**ଓଡ଼ଗାଁ, ୧୯।୬(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀ କାର୍ଯ୍ୟାଦେଶ ପାଇବାର ଦେଢ଼ ମାସ ପରେ ପ୍ରଥମ କିସ୍ତି ଟଙ୍କା ପାଇଲେ। କିସ୍ତିରେ ପାଇଥିବା ଅର୍ଥ ସହିତ ଧାର କରଜ କରି ଗୃହ ନିର୍ମାଣ କାର୍ଯ୍ୟ ଆଗେଇ ନେଲେ। ହେଲେ ବର୍ତ୍ତମାନ ୨ୟ କିସ୍ତି ଟଙ୍କା ମିଳୁନାହିଁ। ବିଳମ୍ବ ଯୋଗୁଁ ଗୃହ ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ରହିଛି। ହିତାଧିକାରୀ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପରେ 'ମନରେଗା' ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ କରାଯାଇଥାଏ। ତାହା ମଧ୍ୟ ମିଳିନାହିଁ। ବାଲି ସିମେଣ୍ଟ ଇଟା ଯୋଗାଣକାରୀ ଟଙ୍କା ମାଗି ଆସିଲେ ଲୁଚିବାକୁ ପଡୁଛି ବୋଲି କେତେକ ହିତାଧିକାରୀ ଅଭିଯୋଗ କରିଛନ୍ତି। ପ୍ରଶାସନିକ ଅଥବା ସରକାରଙ୍କ ଅବହେଳାରୁ ଯଦି ନିର୍ଦ୍ଧାରିତ ସମୟରେ ନିର୍ମାଣ କାର୍ଯ୍ୟ ସରିବ ନାହିଁ ତେବେ ଅତିରିକ୍ତ ପ୍ରୋତ୍ସାହନ ରାଶି ମିଳିବା ନେଇ ହିତାଧିକାରୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଛି। କୁରାଳ ପଞ୍ଚାୟତ କୁରାଳ ଗ୍ରାମର କେତେକ ହିତାଧିକାରୀ ଏହି ସମସ୍ୟାରେ ଛନ୍ଦି ହୋଇ ପଡ଼ିଛନ୍ତି।

ସମସ୍ୟା କେବଳ କୁରାଳ କିମ୍ବା ଓଡ଼ଗାଁ ବ୍ଲକ ନୁହେଁ; ସମଗ୍ର ନୟାଗଡ଼ ଜିଲ୍ଲାରେ ଏହିଭଳି ସମସ୍ୟା ଦେଖାଦେଇଛି। କୁରାଳ ଗ୍ରାମର କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ ନମିତା ନାହାକ, ଚନ୍ଦ୍ରକଳା ନାହାକ ଏବଂ ଶ୍ରଦ୍ଧାଞ୍ଜଳି ପାଳଙ୍କ ସହିତ ଅନ୍ୟମାନେ ବର୍ଷାକୁ ଲକ୍ଷ୍ୟ କରି ଗୃହ କାର୍ଯ୍ୟକୁ ଶୀଘ୍ର ସାରିବା ପାଇଁ ତତ୍ପରତା ସହକାରେ ଛାତ ପତନ କଲେ। ଆଶା କରିଥିଲେ ୨ୟ କିସ୍ତି ଟଙ୍କା ମିଳିଲେ ଛାତ ପକାଇ ବର୍ଷା ପୂର୍ବରୁ ଘରେ ରହିବେ। ତାହା ସମ୍ଭବପର ହେଲା ନାହିଁ। ଗୃହ ନିର୍ମାଣ ପାଇଁ ପୁରୁଣା ବାସଗୃହ ଭାଙ୍ଗିବାକୁ ପଡ଼ିଥିବାରୁ ଲଗାଣ ବର୍ଷାରେ ଅସ୍ଥାୟୀ ଘରେ ପାଣି ଗଳୁଛି। ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଦାବି କରିଛନ୍ତି। ଓଡ଼ଗାଁ ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ପ୍ରଦାନକୁ ଦେଢ଼ମାସ ବିତିଲା ପରେ ମଧ୍ୟ ୧୨୮ ଜଣ ଅର୍ଥାତ୍ କୌଣସି ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବାବଦରେ ଟଙ୍କା ମିଳି ନ ଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ମିଳିଥିଲା। ଏବେ ୨ୟ କିସ୍ତି ଅର୍ଥ ପାଇବା ପାଇଁ ପୁଣି ହିତାଧିକାରୀଙ୍କୁ ଅପେକ୍ଷା କରିବାକୁ ପଡ଼ିଛି। ପୂର୍ବରୁ ଆମ ଘର ଆପ୍ ମାଧ୍ୟମରେ ଜିଓ ଟ୍ୟାଗିଂ କରାଯାଇ କିସ୍ତି ଅର୍ଥ ହିତାଧିକାରୀଙ୍କ ଜମା ଖାତାକୁ ପଠାଇ ଦିଆଯାଉଥିଲା। ହେଲେ ଏବେ ପ୍ରତି ପଞ୍ଚାୟତରେ କାର୍ଯ୍ୟରତ ହିସାବ ରକ୍ଷକ ତଥ୍ୟ ନିକ୍ଷେପଣ ପରିଚାଳକ ନିର୍ମାଣାଧୀନ ଗୃହର ଜିଓ ଟ୍ୟାଗିଂ କରିବାକୁ ଚେଷ୍ଟା କଲାବେଳେ ଟ୍ୟାଗିଂ ହୋଇପାରୁନାହିଁ। ଫଳରେ ହିତାଧିକାରୀଙ୍କୁ ୨ୟ କିସ୍ତି ଅର୍ଥ ଦିଆଯାଇପାରୁ ନାହିଁ। ଏନେଇ ଜିଲ୍ଲା ପ୍ରଶାସନ ସହିତ ଯୋଗାଯୋଗ କରାଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ବ୍ଲକ ପ୍ରଶାସନ ତରଫରୁ କୁହାଯାଇଛି।

# ରାମକୃଷ୍ଣ ମିଶନ କ୍ରୀଡ଼ା ପ୍ରତିଯୋଗିତା

**ଭାପୁର, ୧୯।୬(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭାପୁର ପଞ୍ଚାୟତ ମାନପୁର ଗ୍ରାମରେ ରାମକୃଷ୍ଣ ମିଶନ ବିଦ୍ୟାଳୟ ପକ୍ଷରୁ ରଜ ଉପଲକ୍ଷେ ଆୟୋଜିତ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳକ ସ୍ୱାମୀଜୀ ହରିଭକ୍ତାନନ୍ଦ ମହାରାଜ କ୍ରୀଡ଼ା ପତାକା ଅବରୋହଣ କରି ଉଦ୍‌ଯାପନୀ ବାର୍ତ୍ତା ପ୍ରଦାନ କରିଥିଲେ। ଚାରିଦିନ ବ୍ୟାପୀ ଆୟୋଜିତ ଏହି ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଆୟୋଜିତ ସଭାକୁ ପରିଚାଳନା କରିଥିଲେ ସାମ୍ବାଦିକ ରମେଶ ଚନ୍ଦ୍ର ବରାଡ଼। ଅତିଥି ଭାବେ ଭାପୁର ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ ସଭାପତି ହାଡ଼ିବନ୍ଧୁ ଦାଶ, ସମ୍ପାଦକ ପ୍ରଭାକର ସାହୁ, ଲକ୍ଷ୍ମୀଧର ମହାପାତ୍ର, ସାଧୁଚରଣ ସିଂହ, ଦୈତାରୀ ସାହୁ, ଡ. ବିରେନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିଲେ।

## ଯୋଗାଣ ବିଭାଗ ନିଘୋଡ଼ ନିଦ୍ରାରେ

# ଶବ ପୋଡ଼ିବାକୁ ବି ମିଳୁନି କିରୋସିନ

**ନୟାଗଡ଼, ୧୯।୬(ସମିସ):** ନୟାଗଡ଼ ଜିଲ୍ଲାକୁ ଦୀର୍ଘଦିନ ହେବ କିରୋସିନ ଆସୁନାହିଁ। ଉପାନ୍ତ ଅଞ୍ଚଳର ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଡିମାଣ୍ଡ ନ ଥିବା କହି ଯୋଗାଣ ବିଭାଗ ଅଧୀନସ୍ଥ କିରୋସିନ ଡିଲରମାନେ କିରୋସିନ ଆଣୁନଥିବା ବେଳେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଗ୍ରାମାଞ୍ଚଳବାସୀ। ନୟାଗଡ଼ ଜିଲ୍ଲାରେ ଦୁଇବର୍ଷ ହେବ ୯୦ ପ୍ରତିଶତ ବିତରଣ କେନ୍ଦ୍ରକୁ କିରୋସିନ ପହଞ୍ଚୁନଥିବା ଅଭିଯୋଗ ହେଉଛି। କିରୋସିନ ମୂଲ୍ୟ ବୃଦ୍ଧିକୁ ଆଳକରି ଏଭଳି କରାଯାଉଥିବା ବେଳେ ଏବେ ଗାଁ ଗହଳିରେ ଶବ ସତ୍କାର ସମୟରେ କିରୋସିନ୍ ମିଳୁନଥିବାରୁ ବାଧ୍ୟ ହୋଇ ଡିଜେଲ କିମ୍ବା ଘିଅ ବ୍ୟବହାର କରାଯାଉଛି।

କାଳବୈଶାଖୀ ପାଇଁ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହେଉଥିବାବେଳେ ଲୋକମାନେ ଅନ୍ଧାରରେ ସଢୁଛନ୍ତି। ଥିଲା ବାଲା ପରିବାର ଇନ୍‌ଭର୍ଟର କିମ୍ବା ଏନରଜେନ୍ସି ଲାଇଟ୍‌ର ସହାୟତା ନେଉଥିବାବେଳେ ଗରିବ, ଖଟିଖିଆ ପରିବାରରେ ଡିବି କିମ୍ବା ଲ୍ୟାମ୍ପ୍‌ଟିଏ ଜଳିପାରୁନାହିଁ। ନୟାଗଡ଼ ଜିଲ୍ଲାରେ ଅନେକ ଆଦିବାସୀ ତଥା ଉପାନ୍ତ ଅଞ୍ଚଳ ରହିଛି। ଯେଉଁଠିକୁ ଆଜି ବି ବିଦ୍ୟୁତ୍ ପହଞ୍ଚି ପାରିନାହିଁ। ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ବାଣ୍ଡପୁର ପଞ୍ଚାୟତ ନେପାଳ, ଭୋବସର ଭଳି ଗାଁରେ ସମସ୍ୟା ଉତ୍କଟ ପରିସ୍ଥିତି ସୃଷ୍ଟି କରୁଥିବାବେଳେ ଦଶପଲ୍ଲା ଓ ଗଣିଆ ଅଞ୍ଚଳର ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡ଼ିକରେ ମଧ୍ୟ ସମାନ ଅବସ୍ଥା ଦେଖାଯାଇଛି। ଦଶପଲ୍ଲା ବ୍ଲକ ଚଢ଼େୟାପଲ୍ଲୀ, କଳସାଖମଣ, ନୂଆଗାଁ, ବାଣିଗୋଛା ପ୍ରଭୃତି ଅଞ୍ଚଳରେ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ସେହିଭଳି ଗଣିଆ ବ୍ଲକର ଛାମୁଣ୍ଡିଆ ଓ ବଡ଼ଶିଲିଙ୍ଗା ପଞ୍ଚାୟତ ଅଧୀନସ୍ଥ ୪୦ରୁ ଊର୍ଦ୍ଧ୍ୱ ଗାଁରେ ସମସ୍ୟା ଉତ୍କଟ ପରିସ୍ଥିତି ସୃଷ୍ଟି ହେଉଛି। ରଣପୁର ବ୍ଲକ ବନ୍ଧମୁଣ୍ଡା, ଖଣ୍ଡପଡ଼ା ବ୍ଲକ କୋସ୍କା, ବଳଭଦ୍ରପ୍ରସାଦ ପ୍ରଭୃତି ପଞ୍ଚାୟତରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ୍ ପରିସ୍ଥିତି ପାଇଁ କିରୋସିନର ଆବଶ୍ୟକତା ରହିଛି। ନୂଆଗାଁ ବ୍ଲକର ଗାଡେରୀଠାରୁ ଆରମ୍ଭ କରି ମାଳିସାହି ପର୍ଯ୍ୟନ୍ତ ସାମାନ୍ୟ ଝଡ଼ ବର୍ଷାରେ ବିଦ୍ୟୁତ୍ ବିଚ୍ଛିନ୍ନ ହେଉଥିବାରୁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। କିରୋସିନ ଯୋଗାଣକୁ ଦୀର୍ଘଦିନ ହେବ ଯୋଗାଣ ବିଭାଗ ଭୁଲି ଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଅନେକ ସ୍ଥାନରେ ଲୋକେ ସୋଲାର ଲାଇଟ୍ ଉପରେ ଭରସା କରି କାଳାତିପାତ କରୁଥିବାବେଳେ ଅନେକ ସ୍ଥାନରେ ଗାଁ ମଝିରେ କାଠମୁଣ୍ଡା ଜାଳି ରାତି ବିତାଉଛନ୍ତି। କିରୋସିନ୍ ମିଳୁନଥିବାରୁ ଅନେକ ପରିବାର ଅନ୍ଧାରରେ ରାତି ବିତାଉଥିବା ଦେଖିବାକୁ ମିଳିଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଯୋଗାଣ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ତାଳତେଲ ବୃକ୍ଷରୋପଣ ଅଭିଯାନ



**ଦଶପଲ୍ଲା, ୧୯।୬(ସମିସ):** ଗତାନୁଗତିକ ଚାଷ ତୁଳନାରେ ଅର୍ଥକାରୀ ଫସଲ ତାଳତେଲ ଚାଷ ଦ୍ୱାରା ଚାଷୀ ଅଧିକ ଉପାର୍ଜନକ୍ଷମ ଓ ସ୍ୱାବଲମ୍ବୀ ହୋଇପାରିବେ। ସେ ଲକ୍ଷ୍ୟ ନେଇ ଅଗ୍ରଣୀ ବୈଦେହି ପାମ୍ ପ୍ରାଇଭେଟ୍ ଲିମିଟେଡ୍ ତରଫରୁ ଘୁଗୁଡ଼ିପଡ଼ା ପଞ୍ଚାୟତ ବଗଡ଼ିହଠାରେ ଏକ ବୃହତ୍ ତାଳତେଲ ବୃକ୍ଷରୋପଣ ଅଭିଯାନ ଶୁଭାରମ୍ଭ ହୋଇଛି। ବରିଷ୍ଠ ଚାଷୀ ତଥା ଉଦ୍ୟାନବିତ୍ ଦିଲ୍ଲୀପ ପଣ୍ଡାଙ୍କ ଉଦ୍ୟାନ ପରିସରରେ ଏହି ଅଭିଯାନକୁ ସ୍ଥାନୀୟ ଏନ୍‌ଏସି ଅଧ୍ୟକ୍ଷା ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଛନ୍ତି। ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ଅନୁରାଗ ଦାସ ମହାପାତ୍ର ଏଥିରେ ଯୋଗଦେଇ ଉପସ୍ଥିତ ଚାଷୀଙ୍କୁ ଏହି ଚାଷ ପ୍ରଣାଳୀ ଓ ଉପାଦେୟତା ଉପରେ ଆବଶ୍ୟକୀୟ ତାଲିମ ପ୍ରୋତ୍ସାହନ ଯୋଗାଇ ଦେଇଥିଲେ। ସଂସ୍ଥା କ୍ଷେତ୍ରୀୟ ଅଧିକାରୀ ଅଜୟ ବେହେରା ଏହି ଲାଭଜନକ ଚାଷ ଦ୍ୱାରା ଉପକୃତ ହୋଇଥିବା ଓ ହେଉଥିବା ଅଭିଜ୍ଞତାକୁ ବାଣ୍ଟିଥିଲେ। ଅନ୍ୟତମ ଯୁବ କୃଷି ଉଦ୍ୟୋଗୀ ରଶ୍ମିରଞ୍ଜନ ପ୍ରଧାନ ଉଦ୍ୟାନ କୃଷିରେ ତାଳତେଲ ଏକ ଯୁଗୋପଯୋଗୀ ଆହ୍ୱାନ ବୋଲି ମତ ରଖିଥିଲେ। ଏହି ଅଭିଯାନରେ ସ୍ଥାନୀୟ ଅଞ୍ଚଳର ବହୁ ଚାଷୀ ଯୋଗଦେଇଥିଲେ।

# ୫ଜି ନେଟ୍‌ୱର୍କ ପାଇଁ ଦାବି

**ଗଣିଆ, ୧୯।୬(ସମିସ):** ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ ଛାମୁଣ୍ଡିଆ ଓ ଆଡ଼କଟା ପଞ୍ଚାୟତରେ ଜିଓ ଟାୱାର ନିର୍ମାଣ କରାଯାଇଥିବାବେଳେ ଉକ୍ତ ଟାୱାରର ନେଟ୍‌ୱର୍କ ୪ଜି ରହିଥିବାରୁ ଅନେକ ସମୟରେ ନେଟ୍‌ୱର୍କ ରହୁନଥିବା ଅଭିଯୋଗ ହେଉଛି। ଜିଓର ୪ଜି ନେଟ୍‌ୱର୍କ ଯୋଗୁଁ ଏଠାରେ ଅନେକ ସମୟରେ ଇଣ୍ଟରନେଟ୍ ସେବା ବାଧାପ୍ରାପ୍ତ ହେଉଛି। ଏହି ୨ ପଞ୍ଚାୟତରେ ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବନମାଳୀ ବାରିକି ମହାବିଦ୍ୟାଳୟ, ରେଞ୍ଜ ଅଫିସ, ରାଜସ୍ୱ ବିଭାଗ କାର୍ଯ୍ୟାଳୟ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବ୍ୟାଙ୍କ ସେବା ଭଳି ଅନେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ରହିଥିବା ଯୋଗୁଁ ଇଣ୍ଟରନେଟ୍ ସେବା ଉପରେ ସମସ୍ତେ ନିର୍ଭର କରି ଚଳିଥା'ନ୍ତି। ମାତ୍ର ଏଠାରେ ନିର୍ମାଣ କରାଯାଇଥିବା ଜିଓ ଟାୱାର ୪ଜି ହୋଇଥିବା ଯୋଗୁଁ ଇଣ୍ଟରନେଟ୍ ସେବାରେ ବାଧା ସୃଷ୍ଟି ହେଉଥିବାରୁ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ କାର୍ଯ୍ୟ ଓ ବିଭିନ୍ନ ସରକାରୀ ଯୋଜନାର ନେଟ୍‌ୱର୍କ ସେବା ସଫଳ ରୂପାୟଣ ପାଇଁ ଜନସାଧାରଣଙ୍କ କାର୍ଯ୍ୟରେ ବାଧା ଉପୁଜୁଛି। ଇଣ୍ଟରନେଟ୍ ସେବା ବର୍ତ୍ତମାନ ଏକ ଅତ୍ୟାଧୁନିକ ଦୁନିଆରେ ବହୁଳ ବ୍ୟବହାର ଯୋଗୁଁ ଏହାକୁ ୪ଜି ପରିବର୍ତ୍ତେ ୫ଜି ଇଣ୍ଟରନେଟ୍ ସେବା ଯୋଗାଇଦେବା ନିମନ୍ତେ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି।

# ନିଟ୍ ପରୀକ୍ଷାରେ ଦିବ୍ୟଜ୍ୟୋତିଙ୍କ ସଫଳତା



**ଖଣ୍ଡପଡ଼ା, ୧୯।୬(ସମିସ):** ନାମ ଲେଖାଇବା ପାଇଁ ସର୍ବଭାରତୀୟ ସ୍ତରରେ ଆୟୋଜିତ ନିଟ୍ ପ୍ରବେଶିକା ପରୀକ୍ଷା-୨୦୨୫ରେ ସଫଳତା ହାସଲ କରିଛନ୍ତି ଖଣ୍ଡପଡ଼ା ବ୍ଲକର ମର୍ଦ୍ଦରାଜପୁର ପଞ୍ଚାୟତ ଅଧୀନ ଚାଉପଲ୍ଲୀ ଗ୍ରାମର ଛାତ୍ର ଦିବ୍ୟଜ୍ୟୋତି ରାଉତ। କଠିନ ପରିଶ୍ରମ ଶିକ୍ଷକ ଓ ପିତାମାତାଙ୍କ ପ୍ରେରଣା, ଈଶ୍ୱରଙ୍କ ଆଶୀର୍ବାଦ ଯୋଗୁଁ ସଫଳତାର ଶୀର୍ଷରେ ସେ ପହଞ୍ଚି ପାରିଛନ୍ତି ବୋଲି ଏକ ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି। ନିଟ୍ ପ୍ରବେଶିକା ପରୀକ୍ଷାରେ ସେ ସର୍ବମୋଟ ୫୮୯ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ମେଧାବୀ ଛାତ୍ର ଦିବ୍ୟଜ୍ୟୋତିଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ପ୍ରଶଂସାର ସୁଅ ଛୁଟିବାରେ ଲାଗିଥିବା ବେଳେ ଚାଉପଲ୍ଲୀ, ମର୍ଦ୍ଦରାଜପୁର ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ଦ୍ୱନ୍ଦ୍ୱରେ ମେଗା ପାନୀୟଜଳ ପ୍ରକଳ୍ପ

# ବିଦ୍ୟୁତ୍ ଓ ପର୍ଯ୍ୟାପ୍ତ ଜଳ ସମସ୍ୟା ଚିନ୍ତା

**ନୟାଗଡ଼, ୧୯।୬(ସମିସ):** ନୟାଗଡ଼ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକରେ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ ଓ କାର୍ଯ୍ୟକାରିତାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲାରେ ୭ଟି ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ ସେଗୁଡ଼ିକର ଭବିଷ୍ୟତକୁ ନେଇ ଗଭୀର ଚିନ୍ତା ସୃଷ୍ଟି ହୋଇଛି। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା, ଭାପୁର, ନୟାଗଡ଼ ବ୍ଲକ ଏବଂ ନୂଆଗାଁ ବ୍ଲକର ୮ଟି ପଞ୍ଚାୟତକୁ ନେଇ ମୋଟ୍ ୭୯ ପଞ୍ଚାୟତକୁ ଜଳଯୋଗାଣ ପାଇଁ ୨୦୧୮ ମସିହାରୁ ନିର୍ମାଣ ଆରମ୍ଭ ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ୮୯ ପ୍ରତିଶତ ଶେଷ ହୋଇଛି। ୫୧୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ ଏହି ପ୍ରକଳ୍ପ ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଛି। ଏହା ସହିତ ରଣପୁର ଏବଂ ଓଡ଼ଗାଁ ବ୍ଲକ ପାଇଁ ହେଉଥିବା ମେଗା ପାନୀୟଜଳ ପ୍ରକଳ୍ପ ୫୫ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଏହି ଦୁଇଟି ପ୍ରକଳ୍ପ ମଧ୍ୟରୁ ଆସନ୍ତା ଡିସେମ୍ବର ସୁଦ୍ଧା ୭୯ ପଞ୍ଚାୟତ ମେଗା ପ୍ରକଳ୍ପ କାର୍ଯ୍ୟ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ରଣପୁର ଏବଂ ଓଡ଼ଗାଁ ପ୍ରକଳ୍ପ କାର୍ଯ୍ୟ ମାର୍ଚ୍ଚ ସୁଦ୍ଧା ସାରିବାକୁ ଜିଲ୍ଲାପାଳ କହିଛନ୍ତି। ତେବେ ଦୁଇ ପ୍ରକଳ୍ପର ଭାଗ୍ୟ ଓ ଭବିଷ୍ୟତକୁ ନେଇ ମଞ୍ଚାସୀନ ନେତୃତ୍ୱ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

ମହାନଦୀରେ ଜଳ ସମସ୍ୟା ଦେଖାଯାଉଥିବା ବେଳେ ଉକ୍ତ ପ୍ରକଳ୍ପ ଦ୍ୱାରା ପର୍ଯ୍ୟାପ୍ତ ଜଳଯୋଗାଣ ସମ୍ଭବ ନୁହେଁ ବୋଲି ଆଶଙ୍କା କରାଯାଉଛି। ୧୨ଶହ କିଲୋୱାଟ୍ ବିଦ୍ୟୁତ୍ ଆବଶ୍ୟକ ପଡୁଥିବାବେଳେ ମାତ୍ର ୬ଶହ କିଲୋୱାଟ୍ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ହୋଇଛି। ଅଧିକ ବିଦ୍ୟୁତ୍ ପାଇଁ ରାଜପାଟଣା ଗ୍ରୀଡ୍‌ରୁ ସଂଯୋଗ କାର୍ଯ୍ୟ ଚାଲିଥିବା ପାନୀୟଜଳ ଯୋଗାଣ ଅଧିକାରୀ କହିଛନ୍ତି। ଏହା ସହିତ ଗଣିଆ, ଦଶପଲ୍ଲା ଓ ନୂଆଗାଁ ବ୍ଲକର ୧୪ଟି ପଞ୍ଚାୟତ ପାଇଁ ୩ଟି ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବାବେଳେ ଏଗୁଡ଼ିକର କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଥିବା ଦଶପଲ୍ଲା ବିଧାୟକ କ୍ଷୋଭ ପ୍ରକାଶ କରିଛନ୍ତି। ଅନେକ ସ୍ଥାନରେ ଜଙ୍ଗଲ ବିଭାଗ ଅନୁମତି ପାଇ କାମ ଆରମ୍ଭ ହୋଇପାରୁ ନ ଥିବାବେଳେ ସେଗୁଡ଼ିକ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି। ସେହିଭଳି ଭାବେ ଓଡ଼ଗାଁକୁ ପାଣି ସଂଯୋଗ କରିବା ପାଇଁ ଅନ୍ୟ ଏକ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଥିବା ଅଧିକାରୀ କହିଥିଲେ। ଦିଶା କମିଟି ଅଧ୍ୟକ୍ଷ ତଥା ସାଂସଦ ଭର୍ତ୍ତୃହରି ମହତାବ ଏବଂ ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥି ମେଗା ପାନୀୟଜଳ ପ୍ରକଳ୍ପଗୁଡ଼ିକୁ କିଭଳି ତ୍ୱରାନ୍ୱିତ କରାଯିବ ସେ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକ

# 'ଭୁଲ୍ ତଥ୍ୟ ଉପସ୍ଥାପନ କଲେ କାର୍ଯ୍ୟାନୁଷ୍ଠାନ'

**ନୟାଗଡ଼, ୧୯।୬(ସମିସ)**

ନୟାଗଡ଼ ଜିଲ୍ଲା ପରିଷଦ ସୃଜନ ସମ୍ମିଳନୀ କକ୍ଷରେ କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ରଣପୁର ବିଧାୟକଙ୍କ ପ୍ରତିନିଧି ଇଂ. ଅଭିଷେକ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସ୍ୱାଗତ ଭାଷଣ ରଖିଥିଲେ। କଟକ ସାଂସଦ 'ବେଟି ବଚାଓ ଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରି ସଫଳତାର ସହିତ ଭାରତ ବର୍ଷର ଅନେକ ଜାଗାରେ ଚାଲିଛି। ଆମ ନୟାଗଡ଼ ଜିଲ୍ଲା ପୂର୍ବ ତୁଳନାରେ କିଛି ମାତ୍ରାରେ ସଫଳତା ଲାଭ କରିଛି। କନ୍ୟା ସନ୍ତାନ ସୁରକ୍ଷା, ଶିକ୍ଷା ଏବଂ ପୁତ୍ର ସନ୍ତାନ ତୁଳନାରେ କନ୍ୟା ସନ୍ତାନଙ୍କ ସଂଖ୍ୟା ବୃଦ୍ଧି କରିବା ବିଷୟରେ ଆଲୋଚନା କରିଥିଲେ। ଆଲୋଚନା ପ୍ରାରମ୍ଭରେ ପୂର୍ବ ଦିଶା ବୈଠକ ଆଲୋଚନା ଉପରେ ସମୀକ୍ଷା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଜିଲ୍ଲାରେ ଗତବର୍ଷ ୨୦୯୫ଟି ଫସଲ କ୍ଷୟକ୍ଷତି ଅଭିଯୋଗ ଆସିଥିବାବେଳେ ବୀମା କମ୍ପାନୀ ଏ ବାବଦରେ ୪ କୋଟି ୮୨ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିବା କହିଥିଲେ। ଯାହାକୁ ନେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଉକ୍ତ ଚିଠା ତିନିଦିନ ମଧ୍ୟରେ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ସେହିଭଳି ଭାବେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଉପରେ ଆଲୋଚନା କରାଯାଇଥିବାବେଳେ ତାଲିମ ଏବଂ ନିଯୁକ୍ତି ମଧ୍ୟରେ ତାଳମେଳ ରହୁ ନ ଥିବାରୁ ଦଶପଲ୍ଲା ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଆଲୋଚନା ସମୟରେ ଜିଲ୍ଲାରେ ୬୮୧ ଜଣ ଭୂମିହୀନ ବ୍ୟକ୍ତି ଆବାସ ନିର୍ମାଣ କରିପାରୁ ନ ଥିବା ଜଣାପଡ଼ିବା ପରେ କ୍ଷୋଭ ପ୍ରକାଶ ପାଇଥିଲା। ଏନେଇ ପଦକ୍ଷେପ ନିଆଯିବାରେ ବିଳମ୍ବତାକୁ ନେଇ ଦଶପଲ୍ଲା ବିଧାୟକ ପ୍ରଶ୍ନ କରିଥିଲେ।

ହିତାଧିକାରୀଙ୍କୁ ମିଳୁଥିବା ଜମିଗୁଡ଼ିକ ଜନବସତିଠାରୁ ବହୁ ଦୂରରେ ହୋଇଥିବାବେଳେ ସେମାନେ ରହୁଥିବା ସ୍ଥାନରେ ଗୃହ ନିର୍ମାଣ କରି ଆଜି ପର୍ଯ୍ୟନ୍ତ ବିଲ୍ ପାଉ ନ ଥିବାକୁ ନେଇ ଜିଲ୍ଲା ପରିଷଦ ସଦସ୍ୟ ଅଭିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା ବିଷୟରେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ନୟାଗଡ଼ ପୌର ପରିଷଦରେ ଆବେଦନ ହିତାଧିକାରୀ ଏବଂ ଚୟନ ହିତାଧିକାରୀ ସଂଖ୍ୟାକୁ ନେଇ ଜିଲ୍ଲାପାଳ କ୍ଷୋଭ ପ୍ରକାଶ କରିଥିଲେ। ଏନେଇ କର୍ମଶାଳା କରି ହିତାଧିକାରୀ ଆବେଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଗ୍ରାମୀଣ ପାନୀୟଜଳ ଯୋଗାଣ ଓ ପରିମଳ ବିଷୟରେ ଆଲୋଚନା ବେଳେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଶୌଚାଳୟ ନିର୍ମାଣ କରିବାକୁ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥି ପରାମର୍ଶ ଦେଇଥିଲେ। ବେଟି ବଚାଓ ଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଆଲୋଚନା ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଉପସ୍ଥାପନ କରାଯାଇଥିବା ପୁଅ ତୁଳନାରେ ଝିଅ ସଂଖ୍ୟାରେ ତାଳମେଳ ରହୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଭୁଲ୍ ତଥ୍ୟ ଉପସ୍ଥାପନ କରି ହଟହଟା ହୋଇଥିଲେ। ଗୁରୁତ୍ୱପୂର୍ଣ୍ଣ ବୈଠକରେ ଭୁଲ୍ ତଥ୍ୟ ଉପସ୍ଥାପନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଗୃହ ଯୋଜନା ଉପରେ ଟିପିସିଓଡିଏଲ୍ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଞ୍ଚାସୀନ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।




### ଧସେଇ ପଶିଲେ ରାଘବ

ନୟାଗଡ଼ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକରେ ଗୁରୁବାର ନିର୍ବାଚିତ ପ୍ରତିନିଧି, ପ୍ରଶାସନିକ ଅଧିକାରୀ, ସରକାରୀ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ସାମିଲ ହୋଇଥିଲେ। ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ସରଗରମ ସ୍ଥିତିରେ ଚାଲିଥିବାବେଳେ ହଠାତ୍ ସଭାଗୃହରେ ପଶିଥିଲେ ଦଶପଲ୍ଲା ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ। ସେ ସଭାଗୃହରେ ପଶିବା ପରେ ଖଣ୍ଡପଡ଼ା ବିଧାୟକ ତାଙ୍କୁ ଆଖିଠାରି ବସିବାକୁ କହିଥିଲେ। ପୂରା ବୈଠକ ସେ ବସି ରହିବା ପରେ ଶେଷରେ ଅନୁଷ୍ଠିତ ଗ୍ରୁପ୍ ଫଟୋଉଠା ବେଳକୁ ମଞ୍ଚକୁ ଯାଇ ଧସେଇ ଠିଆ ହୋଇଥିଲେ। କାହିଁକି ତାଙ୍କୁ ଖଣ୍ଡପଡ଼ା ବିଧାୟକ ବୈଠକକୁ ଡାକିଥିଲେ ଏବଂ କିଭଳି ତାଙ୍କୁ ସରକାରୀ ବୈଠକରେ ବସିବାକୁ ଅନୁମତି ଦିଆଗଲା ବୋଲି ପ୍ରଶ୍ନ ଉଠିଛି। ବିଜେପି ସରକାର ସମୟରେ ଅଣନିର୍ବାଚିତ ନେତା ବି କ୍ଷମତା ଭୋଗ କରିବାର ଲାଳସା ରଖୁଥିବା ଆଲୋଚନା ହେଉଛି।

## ଡାଇରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ



ଖୋର୍ଦ୍ଧା,୧୯।୬(ସମିସ): ଖୋର୍ଦ୍ଧା ବ୍ଲକ୍ ହଳଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଟାଙ୍ଗିଆପଡ଼ା ପଞ୍ଚାୟତ ଅଧୀନ ଉଇଲ୍‌କିଶନ ନଗର ଗ୍ରାମରେ ଡାଇରିଆ ନିରାକରଣ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ସ୍ୱେଚ୍ଛାସେବୀ ଗୋପାଳକୃଷ୍ଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଗୋଷ୍ଠୀର ସଦସ୍ୟ ସହିତ ବହୁ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ବର୍ତ୍ତମାନ ସମୟରେ ବର୍ଷା ଦିନ ଆସିଥିବାରୁ ମଶା, ମାଛିଙ୍କ ବଂଶ ବୃଦ୍ଧି ପାଇଛି। ଗାଁ ଗହଳିରେ କୂଅ, ପୋଖରୀରେ ବର୍ଷାଜଳ ଭର୍ତ୍ତି ହେଉଛି। ଏହି ସମୟରେ ଡାଇରିଆ ଭଳି ରୋଗ ଚାରିଆଡ଼େ ବ୍ୟାପୀବାରେ ଲାଗିଛି। ତେଣୁ ଏଥିରୁ କିଭଳି ରକ୍ଷାପାଇବା, ବିଶେଷକରି ଡାଇରିଆ ରୋଗର ଲକ୍ଷଣ ଓ ତା'ର ନିରାକରଣ ନେଇ କ'ଣ କ'ଣ ପଦକ୍ଷେପ ନିଆଯିବ ତାହା ଉପରେ ଶ୍ରୀ ପ୍ରଧାନ ଆଲୋଚନା କରିଥିଲେ। ସେହିପରି ବର୍ତ୍ତମାନର ପରିସ୍ଥିତିରେ ପ୍ରତିଦିନ ଅଧଘଣ୍ଟା ଫୁଟା ଯାଇଥିବା ପାଣିକୁ ଫୁଟାଇବାର ଅଧଘଣ୍ଟା ପରେ ବ୍ୟବହାର କରିବା, ଖାଦ୍ୟ ପ୍ରସ୍ତୁତ ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ପରେ ସାବୁନରେ ଭଲଭାବେ ହାତ ଧୋଇବା, ଘର ଚାରିପାଖ ଅନାବନା ଗଛ କାଟି ସଫାସୁତରା ରଖିବା, କୌଣସି ଜୀବଜନ୍ତୁ ଛୁଇଁଲେ ବା ଧରିଲେ ଭଲଭାବେ ହାତ ଧୋଇବା ଓ ଝାଡ଼ାବାନ୍ତି ହେଲେ ଓଆର୍‌ଏସ୍ ସେବନ କରିବା, ଆବଶ୍ୟକ ହେଲେ ସ୍ଥାନୀୟ ଡାକ୍ତରଖାନା ଯାଇ ଚିକିତ୍ସା କରିବା ନିହାତି ଜରୁରୀ ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁରେଶ ଚନ୍ଦ୍ର ସାମନ୍ତରାୟ, ବିଚିତ୍ରାନନ୍ଦ ବିଶ୍ୱାଳ, ସଞ୍ଜୟ ସାହୁ, ପ୍ରଭାକର ସାହୁ, ଚରଣ ପ୍ରଧାନ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଖୋର୍ଦ୍ଧା ଡିଏଚ୍‌ଏଚ୍; ଅବ୍ୟବସ୍ଥାରେ ଚାଲିଛି ରୋଗୀସେବା

# ଶଯ୍ୟା ଅବସ୍ଥା ଶୋଚନୀୟ; ଲମ୍ବାଧାଡ଼ିରେ ରୋଗୀ



ଖୋର୍ଦ୍ଧା,୧୯।୬(ସମିସ)

ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ଉଚ୍ଚମାନର ଏବଂ ଉତମ ସେବା ଯୋଗାଇଦେବାକୁ କଡ଼ାକଡ଼ି ନିୟମ ସରକାର କରିଛନ୍ତି। ମାତ୍ର ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ବ୍ୟତିକ୍ରମ ଦେଖାଦେଇଛି। ଯାହାକୁ ନେଇ ପ୍ରତିଦିନ କିଛି ନା କିଛି ବିବାଦୀୟ ଘଟଣାମାନ ଘଟୁଛି। ଏହାକୁ ନେଇ ସର୍ବଦା ଚର୍ଚ୍ଚା ମଧ୍ୟ ଲାଗି ରହୁଛି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କୋହଳ ମନୋଭାବ କାରଣରୁ ଡିଏଚ୍‌ଏଚ୍‌ରେ ଅବ୍ୟବସ୍ଥା ଭିତରେ ରୋଗୀ ସେବା ହେଉଥିବା ଅଭିଯୋଗ ହୋଇଛି।


ପ୍ରକାଶ ଥାଉକି, ୨୦୦୭ ସେପ୍ଟେମ୍ବର ୨ରେ ୩ କୋଟି ଟଙ୍କା ବ୍ୟୟରେ ୨୭ ଏକର ପରିମିତ ଜମିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାପନ କରାଯାଇଥିଲା। ଏହି ଚିକିତ୍ସାଳୟ ଉପରେ ଖୋର୍ଦ୍ଧା ଜିଲ୍ଲା ସମେତ ନୟାଗଡ଼ ଓ ପୁରୀ ଜିଲ୍ଲାର କିଛି ଅଞ୍ଚଳର ଲୋକମାନେ ନିର୍ଭର କରନ୍ତି। ସରକାରୀ ମେଡିକାଲ୍‌ରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଲାଗି ସରକାର ଗୁରୁତ୍ୱାରୋପ କରୁଛନ୍ତି। ମାତ୍ର ଡିଏଚ୍‌ଏଚ୍‌ରେ ଏହାର କୌଣସି ପ୍ରଭାବ ପଡୁନଥିବା ଦେଖିବାକୁ ମିଳିଛି। ଧାର୍ଯ୍ୟ ସମୟଠାରୁ ବିଳମ୍ବରେ ରୋଗୀଙ୍କୁ ଡାକ୍ତର ଦେଖୁଥିବା ଅଭିଯୋଗ ହେଉଛି। ଏପଟେ ରୋଗୀ ବହୁ ଦୂରଦୂରାନ୍ତରୁ ମେଡିକାଲକୁ ଆସି ଡାକ୍ତରଙ୍କ ପରାମର୍ଶ ଲାଗି ଘଣ୍ଟା ଘଣ୍ଟା ଧରି ଲମ୍ବାଧାଡ଼ିରେ ଠିଆ ହୋଇ ରହୁଛନ୍ତି। ଦୈନିକ ଏହା ଏକ ରୀତିମତ ଘଟଣାରେ ପରିଣତ ହୋଇଛି ବୋଲି କେତେଜଣ ରୋଗୀ ଗଣମାଧ୍ୟମ ଆଗରେ କହିଛନ୍ତି। ସେହିପରି ମେଡିକାଲ ପରିସରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ରୋଗୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବେଡ୍‌ଗୁଡ଼ିକରୁ ସ୍ପଞ୍ଜଗୁଡ଼ିକ ବାହାରି ଆସିଥିବାବେଳେ ଏଥିରେ ନିୟମିତ ବ୍ୟବଧାନରେ ବେଡ୍‌ସିଟ୍‌ଗୁଡ଼ିକ ପରିବର୍ତ୍ତନ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏପରିକି ଲକ୍ଷାଧିକ ଟଙ୍କା ମୂଲ୍ୟର ଅକ୍ସିଜେନ୍ ମେସିନଗୁଡ଼ିକ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ୱାର୍ଡ ଭିତରେ ଭାଙ୍ଗିରୁଜି ପଡ଼ିଛି। ବର୍ତ୍ତମାନ ଝାଡ଼ାବାନ୍ତି ରୋଗ ଦ୍ରୁତଗତିରେ



ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ବ୍ୟାପିବାକୁ ଲାଗିଥିବାବେଳେ, ଖୋର୍ଦ୍ଧାରେ ମଧ୍ୟ ଏହା ଧୀରେ ଧୀରେ ବ୍ୟାପିବାରେ ଲାଗିଛି। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏହାର ସଂଖ୍ୟା ଏବେ ପ୍ରାୟ ୭୦ ଛୁଇଁଲାଣି। ମାତ୍ର ସ୍ୱଚ୍ଛତା ପ୍ରତି ସ୍ୱାସ୍ଥ୍ୟ ଅଧିକାରୀଙ୍କର ଟିକିଏ ହେଲେ ନିଘା ନାହିଁ। ଦିନକୁ ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅବସ୍ଥା ସୁଧୁରିବା ପରିବର୍ତ୍ତେ ବିଗିଡ଼ିବାରେ ଲାଗିଛି। ବେଳକୁ ବେଳ ଖୋର୍ଦ୍ଧା ମେଡିକାଲ ଏକ ରେଫରାଲ ହସ୍ପିଟାଲରେ ପରିଣତ ହୋଇଛି। ଏଠାରେ ରୋଗୀଙ୍କ ସଂଖ୍ୟା ଧୀରେ ଧୀରେ କମିବାରେ ଲାଗିଛି। ବରଂ ରୋଗୀ ଏବେ ସରକାରୀ ଡାକ୍ତରଖାନା ଅପେକ୍ଷା ଘରୋଇ ମେଡିକାଲମୁହାଁ ହେଉଥିବା ଦେଖାଯାଉଛି। ତେଣୁ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ କ୍ୟାନ୍ସର ସ୍କ୍ରିନିଂ

ଜଟଣୀ,୧୯।୬(ସମିସ): ଖୋର୍ଦ୍ଧା ରୋଡ୍ ମଣ୍ଡଳରେ କାର୍ଯ୍ୟରତ ମହିଳା ରେଳ କର୍ମଚାରୀଙ୍କ ପାଇଁ କର୍କଟ ସ୍କ୍ରିନିଂ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମ ଖୋର୍ଦ୍ଧା ରୋଡ୍ ଡିଭିଜନାଲ ରେଳ ହସ୍ପିଟାଲର ଅଡିଟୋରିୟମ୍‌ରେ ଆୟୋଜିତ ହୋଇଛି। କର୍କଟ ସ୍କ୍ରିନିଂ କାର୍ଯ୍ୟକ୍ରମକୁ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା), ଶୁଭ୍ରାଜ୍ୟୋତି ମଣ୍ଡଳ ଏବଂ ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ୍‌ର ସଚିବ, ପ୍ରିୟଙ୍କା ନାଗୱାନୀ, ଖୋର୍ଦ୍ଧା ରୋଡ୍‌ର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡା. ସବିତା ଶତପଥୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ ସମାରୋହ ଆୟୋଜିତ ହୋଇଥିଲା। ଏହି ଅବସରରେ ଭୁବନେଶ୍ୱର ଉତ୍କଳ ହସ୍ପିଟାଲର ସିନିୟର ପ୍ରଫେସର ଡ. ଚିନ୍ମୟ କୁମାର ପାଣି, ମେଡିକାଲ୍ ଅଙ୍କୋଲୋଜି, କର୍କଟ ରୋଗ ହେବାର ବିଭିନ୍ନ କାରଣ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ



ଯେ ସମୟସୀମା ମଧ୍ୟରେ ସ୍କ୍ରିନିଂ ଏବଂ ପ୍ରାରମ୍ଭିକ ଚିହ୍ନଟ ରୋଗର ନିରାକରଣରେ ସାହାଯ୍ୟ କରିପାରିବ।

ଶୁଭ୍ରାଜ୍ୟୋତି ମଣ୍ଡଳ ମହିଳା ରେଳ କର୍ମଚାରୀଙ୍କ କଲ୍ୟାଣ ପାଇଁ ଚିକିତ୍ସା ବିଭାଗ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। ସ୍କ୍ରିନିଂ କାର୍ଯ୍ୟକ୍ରମର ପ୍ରଥମ ଦିନରେ କାର୍ମିକ ବିଭାଗର ୨୭ ଜଣ ମହିଳା କର୍ମଚାରୀଙ୍କୁ ସ୍ତନ କର୍କଟ ଏବଂ ଗର୍ଭାଶୟ କର୍କଟ ପାଇଁ ସ୍କ୍ରିନିଂ କରାଯାଇଥିଲା। ନିର୍ଦ୍ଧାରିତ ତାରିଖ ଅନୁଯାୟୀ, ଡିଭିଜନର ସମସ୍ତ ମହିଳା ରେଳ କର୍ମଚାରୀଙ୍କ ପାଇଁ ସ୍କ୍ରିନିଂ କାର୍ଯ୍ୟକ୍ରମ ବିଭାଗଭିତ୍ତିକ କରାଯିବ। ଆଗାମୀ ଦିନରେ ରେଳ କର୍ମଚାରୀଙ୍କ ୱାର୍ଡମାନଙ୍କ ପାଇଁ ସ୍କ୍ରିନିଂ କାର୍ଯ୍ୟକ୍ରମକୁ ଆହୁରି ସମ୍ପ୍ରସାରିତ କରାଯିବ ବୋଲି କୁହାଯାଇଛି। କର୍କଟ ସ୍କ୍ରିନିଂ କାର୍ଯ୍ୟକ୍ରମଟି ଖୋର୍ଦ୍ଧା ରୋଡ୍‌ର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡ. ସବିତା ଶତପଥୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା।

## ରାଜ୍ୟ ସରକାରଙ୍କ ଦୋଗଲା ପଣ ଉପରେ ବର୍ଷିଲା କଂଗ୍ରେସ

ଖୋର୍ଦ୍ଧା,୧୯।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତିରେ ପ୍ରତାରଣା, ଛଳନା ଭରି ରହିଛି। ରାଜ୍ୟ ସରକାରଙ୍କ ମିଛ, ପ୍ରତାରଣା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଦାସଙ୍କ ଆହ୍ୱାନ କ୍ରମେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ କର୍ମୀ ସମ୍ମିଳନୀ ଗୁରୁବାର ଅପରାହ୍ଣରେ ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ୍ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀରେ ପୂର୍ବତନ ପ୍ରଦେଶ କମିଟି ସଭାପତି ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ କହିଲେ ଯେ ଦୁର୍ନୀତି ସୀମା ଲଂଘନ କରିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀଙ୍କଠାରୁ କୋଟି କୋଟି ଟଙ୍କା ଜବତ କରାଯାଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଉପନିର୍ଦ୍ଦେଶକ ସିବିଆଇ ଦ୍ୱାରା ବନ୍ଧା ହେଲେ। ୧୮ ମାସ ମଧ୍ୟରେ ସମସ୍ତ ଚିଟ୍‌ଫଣ୍ଡ ଜମାକାରୀଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ ଦେବୁ କହିଥିଲେ। ଏକ ବର୍ଷ ପରେ ଜମାକାରୀଙ୍କ ଖାତାକୁ ଟଙ୍କାଟିଏ ଆସିନି। ଧାନର ସହାୟକ ମୂଲ୍ୟ ବୃଦ୍ଧି ଆଳରେ ଚାଷୀଙ୍କୁ ପ୍ରତାରଣା କରିଛନ୍ତି। କ୍ୱିଣ୍ଟାଲ ପିଛା ୫ରୁ ୧୦ କେଜି ପର୍ଯ୍ୟନ୍ତ କଟାଯାଇଛି। ସୁଭଦ୍ରା ଯୋଜନା ଏକ ପ୍ରହସନ ପାଲଟିଛି। ଏକ ବର୍ଷ ବିତିଗଲା, ମେଟ୍ରୋ ସହର,



ଓଡ଼ିଆ ଭବନ ପ୍ରସଙ୍ଗ ଲୁଚିଗଲାଣି। ବୁଣାକାର ବୟନଶିଳ୍ପ ହିତାଧିକାରୀଙ୍କ ଭିତ୍ତିଭୂମି ବିକାଶ ପ୍ରତି କୌଣସି ଗୁରୁତ୍ୱ ଦିଆଯାଇନାହିଁ। ବାର୍ଷିକ ୮ ଲକ୍ଷ ଟଙ୍କାରୁ କମ୍ ରୋଜଗାର କରୁଥିବା ପ୍ରତି ନାଗରିକଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ପ୍ରତିଶ୍ରୁତି ଦେଇଥିଲେ। କେବଳ ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ଲୋକଙ୍କୁ ସାମିଲ କରାଯାଇଛି। ପ୍ରତ୍ୟେକ ବୟସ୍କ, ଦିବ୍ୟାଙ୍ଗ, ବିଧବା ନିରାଶ୍ରୟମାନଙ୍କୁ ମାସିକ ୩ହଜାର ପେନସନ ପ୍ରଦାନ କରିବୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି। ପ୍ରତ୍ୟେକ ପରିବାରକୁ ୩ଶହ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଦୂରର କଥା ବିଜୁଳି ବିଲ୍ ବଢ଼ି ଚାଲିଛି। ବରିଷ୍ଠ କଂଗ୍ରେସ ବିଧାୟକ ତଥା ପିସିସି ଉପସଭାପତି ତାରପ୍ରସାଦ ବାହିନୀପତି କହିଲେ ଯେ, ଗୋପାଳପୁର ଗଣଦୁଷ୍କର୍ମ, କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ଗଣଦୁଷ୍କର୍ମ ଘଟଣା ଲଜ୍ଜା। ରାଜ୍ୟରେ ମହିଳାମାନେ ସୁରକ୍ଷିତ ନୁହନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ବାସୁଦେବପୁର ବିଧାୟକ ଅଶୋକ ଦାସ, କଂଗ୍ରେସ ଯୁବନେତା ୟାସିର୍ ନୱାଜ, ବରିଷ୍ଠ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଜାନକୀ ବଲ୍ଲଭ ପଟ୍ଟନାୟକ, ସନ୍ତୋଷ ଜେନା, ପ୍ରଦୀପ ସ୍ୱାଇଁ, ସୋନାଲି ସାହୁ, ସ୍ୱାଗତିକା ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଶିଶିର ପରିଡ଼ା, ରାଜ୍ୟ ମୁଖପାତ୍ର ଅମିତ ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ମୁକ୍ତମଞ୍ଚ ନାଟକ ଉତ୍ସବ ଉଦ୍‌ଯାପିତ

ବେଗୁନିଆ,୧୯।୬(ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ଗଁପୁର ଗ୍ରାମରେ ସୋମନାଥ ଦେବଙ୍କ ପୀଠରେ ୪ଦିନ ଧରି ଚାଲିଥିବା ରଜ ମହୋତ୍ସବ ଅବସରରେ ମୁକ୍ତମଞ୍ଚ ନାଟକ ଉଦ୍‌ଯାପିତ ହୋଇଛି। ଏଥିରେ ଶିକ୍ଷାବିତ୍ ବ୍ରଜବନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟବକ୍ତା, ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ରଞ୍ଜିତା ମହାଭୋଇ, ସମିତିସଭ୍ୟ ନଳିନୀ ପଣ୍ଡା ଓ ବ୍ଲକ୍ ବିଜେଡି ସଭାପତି ପ୍ରଶାନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାଟକ ମନୋରଞ୍ଜନ ପାଇଁ ଉତ୍କୃଷ୍ଟ ମାଧ୍ୟମ ବୋଲି ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଗ୍ରାମ୍ୟ କମିଟି ସଭାପତି ନୀଳମଣି ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଉମାଶଙ୍କର ନାଟ୍ୟ ସଂସଦ ପକ୍ଷରୁ "କିଏ କାନ୍ଦି ନାହଁ ହାତ ଟେକ' ନାଟକ ମଞ୍ଚସ୍ଥ ହୋଇଥିଲା।

## ଟ୍ୟାପ୍‌ରୁ ଆସୁଛି ଗୋଳିଆ ପାଣି; ଜଳବାହିତ ରୋଗ ଆଶଙ୍କାରେ ଲୋକେ

ଭୂଷଣ୍ଡପୁର,୧୯।୬(ସମିସ): ଡରାଉଛି ଝାଡ଼ାବାନ୍ତି। ଥମିବାରେ ନାଁ ଧରୁନି। ଜିଲ୍ଲା ପରେ ଜିଲ୍ଲା ଡେଇଁ ଏବେ ଖୋର୍ଦ୍ଧାରେ ପହଞ୍ଚିଲାଣି। ୪ଦିନ ମଧ୍ୟରେ ଖୋର୍ଦ୍ଧାରେ ପ୍ରାୟ ୬୫ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଲେଣି। ଦୂଷିତ ଜଳ ଏହି ରୋଗର କାରଣ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଥିବାବେଳେ ଗାଁ ଗାଁରେ ଏବେ ଦୂଷିତ ପାଣିକୁ ନେଇ ଚିନ୍ତା ବଢ଼ିଲାଣି। ତଥାପି ଚେତୁନି ପ୍ରଶାସନ। ପ୍ରକାଶ ଥାଉକି, ଟାଙ୍ଗୀ ବ୍ଲକ୍‌ର ଭୂଷଣ୍ଡପୁର, ଝାନ୍ସିପାଟଣାଠାରେ ସ୍ଥାପିତ ପାନୀୟଜଳ ଯୋଗାଣ କେନ୍ଦ୍ର ଏବେ ସ୍ଥାନୀୟ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଅନେକ ସାହିରେ ପାଣି ପାଇପ୍‌ରେ ଟ୍ୟାପ୍ ନ ଲଗାଇବା ଯୋଗୁଁ ପାଣି ରାସ୍ତାରେ ମଧ୍ୟ ଭାସୁଛି। ଅନେକ ସମୟରେ ବିଭିନ୍ନ ସ୍ଥାନରେ ପାଇପ୍ ଫାଟି ଗୋଳିଆ ପାଣି ଲୋକଙ୍କ ନଳରେ ବାହାରୁଛି। ପାନୀୟଜଳ ଭାବେ ଲୋକ ଏହାରି ଉପରେ ନିର୍ଭର କରୁଥିବାରୁ ଗୋଳିଆ ପାଣି ଦେଖି ଲୋକଙ୍କ ମଧ୍ୟରେ ଅସନ୍ତୋଷ ଭାବ ଦେଖାଦେଇଛି। ଗୋଟିଏ ପଟେ ଝାଡ଼ାବାନ୍ତି ବ୍ୟାପିଥିବାବେଳେ ଅନ୍ୟପଟେ ଗୋଳିଆ ଜଳ ବାହାରିବା ଘଟଣା ଏବେ ରୋଗର ଆଶଙ୍କାରେ ଲୋକ ରହିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏ ଦିଗକୁ ଗୁରୁତ୍ୱର ସହ ଗ୍ରହଣ କରି ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି।

## କୁହୁଡ଼ି ରଜ ମହୋତ୍ସବ ଉଦ୍‌ଯାପିତ

ଟାଙ୍ଗୀ,୧୯।୬(ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ କୁହୁଡ଼ି ଗ୍ରାମ ପଞ୍ଚାୟତ ସମ୍ମୁଖସ୍ଥ ରଜ ପଡ଼ିଆଠାରେ ମା' ବ୍ୟାଘ୍ରଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଶ୍ରୀମନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ



ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅନ୍ନପୂର୍ଣ୍ଣା ଫାଇନାନ୍ସର ସିଇଓ ତଥା ବିଶିଷ୍ଟ ସମାଜସେବୀ ଡ. ସଞ୍ଜୟ ପଟ୍ଟନାୟକ, ଓଡ଼ିଶାର ଖ୍ୟାତନାମା ସଂଗୀତଜ୍ଞ ତାନ୍‌ସେନ୍ ସିଂ, କେନ୍ଦ୍ରାପଡ଼ାର ବରିଷ୍ଠ ସମାଜସେବୀ ଶରତ ପଟ୍ଟନାୟକ, ସରପଞ୍ଚଙ୍କ ପ୍ରତିନିଧି ଜୟଦେବ ବେହେରା, ରଜ କମିଟି ପ୍ରଥମ ସଭାପତି ବାସୁଦେବ ବିଶ୍ୱାଳଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଚାରିଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତାକୁ ଓଡ଼ିଶାର ପ୍ରତିଷ୍ଠିତ ଯାତ୍ରା ନାଟ୍ୟ ନିର୍ଦ୍ଦେଶକ ରାଜଗୁରୁ ବିଜୟ ଦାଶ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତାରେ ବିଚାରପତି ଥିଲେ। ମା' ମଙ୍ଗଳା ପପି ୟଙ୍ଗ୍ ଷ୍ଟାର, କୁଜଙ୍ଗ ଦ୍ୱାରା ମଞ୍ଚସ୍ଥ ସାମାଜିକ ନାଟକ "ହା! କୃଷ୍ଣ ବୋଲି ଯାଉ ଜୀବ' ପ୍ରଥମ ସ୍ଥାନ ଅଧିକାର କରିଥିଲା। ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା କଳାମଞ୍ଚ, ପାରାଦ୍ୱୀପ ଦ୍ୱାରା ମଞ୍ଚସ୍ଥ ସାମାଜିକ ନାଟକ "ଅଦେଖା ଲୁହ'। ଏହା ସହ ବିଭିନ୍ନ ସାଂସ୍କୃତିକ ଦଳ, ପଞ୍ଚାୟତର ୨୦୨୫ ମାଟ୍ରିକ୍ ଟପ୍ପରଙ୍କ ସହିତ ରଜ ମହୋତ୍ସବରେ ସକ୍ରିୟ ସହଯୋଗକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କଟକସ୍ଥିତ ସରଗମ୍ ମେଲୋଡ଼ି ପରିବେଷିତ ହୋଇଥିଲା। ଶେଷ ସନ୍ଧ୍ୟାରେ ଦର୍ଶକ ରଜ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଶ୍ରୀମନ୍ତ ମହାପାତ୍ର, ସଭାପତି ପ୍ରିୟମ୍ବଦା ବେହେରା, କୁହୁଡ଼ି ସରପଞ୍ଚ ପ୍ରତିନିଧି ଜୟଦେବ ବେହେରା ଓ ସମସ୍ତ କମିଟି ସଭ୍ୟସଭ୍ୟା ଧନ୍ୟବାଦ ଜଣାଇଛନ୍ତି।

## ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବିଜୁ କୃଷକ ବଜାର

ଜଟଣୀ,୧୯।୬(ସମିସ): ପ୍ରଶାସନିକ ଅବହେଳା ତଥା ଦୁର୍ବଳ ମନୋଭାବ ଯୋଗୁଁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଜଟଣୀ ମୁଖ୍ୟ ରାସ୍ତାରେ ଥିବା ବିଜୁ



ପଟ୍ଟନାୟକ ମାର୍କେଟ୍ କମ୍ପ୍ଲେକ୍ସ ତଥା ବିଜୁ କୃଷକ ବଜାର ଦୀର୍ଘ ୧୫ ବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିଲା। ତାହା ଗୁରୁବାର ପୁଲିସ ଉପସ୍ଥିତିରେ ତାଲା ଭାଙ୍ଗି ଖୋଲାଯାଇଛି। ଜଟଣୀ ବ୍ଲକ୍ କାର୍ଯ୍ୟାଳୟ ସାମ୍ନାରେ ଥିବା ଏହି ବିଜୁ କୃଷକ ବଜାରର ୨୦୦୬ରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୦୮ରେ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ୨୦୦୯ରେ ଉଦ୍‌ଘାଟନ ହୋଇଥିଲା। ମାତ୍ର ଉଦ୍‌ଘାଟନ ପରେ ଏକାଧିକ ବେକାରୀ ଯୁବକଯୁବତୀ ଦୋକାନ ଗୃହ ନେବା ପାଇଁ ଆବେଦନ କରିଥିଲେ। ହେଲେ କୌଣସି କାରଣବଶତଃ ଏହି କୃଷକ ବଜାରରେ ତାଲା ଲାଗିଯାଇଥିଲା। ଏନେଇ ଏହାର କାରଣ ପଚାରିଲେ କାହାରି ପାଖରେ ଉତ୍ତର ନ ଥିଲା। ତେବେ ୩୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କମ୍ପ୍ଲେକ୍ସ ୧୫ବର୍ଷ ପରେ ପୁଣି କାର୍ଯ୍ୟକ୍ଷମ ହେବ। ବ୍ଲକ୍ ପ୍ରଶାସନ ପକ୍ଷରୁ ବନ୍ଦ ହୋଇ ପଡ଼ିଥିବା ୮ ଟି ଦୋକାନ ଗୃହର ତାଲା ଭାଙ୍ଗି ନିଜ ଅକ୍ତିଆରକୁ ନେଇଛି। ଖୁବ୍‌ଶୀଘ୍ର ଏହି ଦୋକାନ ଗୃହକୁ ବିସ୍ଥାପିତ ବ୍ୟବସାୟୀଙ୍କୁ ବଣ୍ଟନ କରାଯିବ ବୋଲି ବିଡିଓ ରଶ୍ମିତା ନାଥ କହିଛନ୍ତି।

**୧୫ ବର୍ଷ ହେଲାଣି ପଡ଼ିଥିଲା ତାଲା**

### ବନ୍ଦ ଘରୁ ଲୁଟ୍ ଘଟଣାର ପର୍ଦ୍ଦାଫାସ

# ୪ ଗିରଫ; ସୁନା, ରୁପା ଗହଣା ଜବତ

ବାଣପୁର,୧୯।୬(ସମିସ): ସମଗ୍ର ବାଣପୁର ଅଞ୍ଚଳରେ ବାରମ୍ବାର ଚୋରି, ରାହାଜାନି କରିବା ସହ ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ ବନ୍ଦ ଘରୁ ନଗଦ ଅର୍ଥ ଓ ସୁନା-ରୁପା ଗହଣା ଆଦି ବିଭିନ୍ନ ସାମଗ୍ରୀ ହରିଲୁଟ୍ କରି ପୁଲିସ ଆଖିରେ ଧୂଳି ଦେଇ ଖସି ଯାଉଥିବା ୪ ଲୁଟେରାଙ୍କୁ ଧରିବାରେ ପୁଲିସ ସଫଳ ହୋଇଛି। ବାଣପୁର ଅଞ୍ଚଳରେ ତାଲା ପକାଇ ଘରେ କେହି ରହୁ ନ ଥିବାର ସୁଯୋଗ ନେଇ ୬ ମାସ ମଧ୍ୟରେ ୬ଟି ଲୁଟ୍ ଘଟଣାରେ ଲକ୍ଷାଧିକ ଟଙ୍କାର ସୁନା-ରୁପା ଅଳଙ୍କାର ଓ ନଗଦ ଅର୍ଥ ଲୁଟି ନେଇଥିବା ବାଣପୁର ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ତଦନ୍ତ କରି ବାଣପୁର ପୁଲିସ ସମ୍ପୃକ୍ତ ୩ ଲୁଟେରାଙ୍କ ସହ ଜଣେ ଲୁଟ୍ ସାମଗ୍ରୀ ରଖୁଥିବା ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋବା ସହ ଘଟଣାର ପର୍ଦ୍ଦାଫାସ୍ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ସାନହନ୍ତୁଆଡ଼ ଗ୍ରାମର ସିଲୁ ରାଉଳ ଓରଫ ଗଜି(୨୩), ସୁଜିତ ସ୍ୱାଇଁ ଓରଫ ମୁନା(୨୧) ଓ ଆଶିଷ ବିଶୋଇ (୧୯), ଲୁଟ୍ ସାମଗ୍ରୀ ରଖୁଥିବା ଗମ୍ଭାରିମୁଣ୍ଡାର ବସନ୍ତ ସାହୁ (୪୪)। ପୁଲିସ ସେମାନଙ୍କଠାରୁ ସୁନାମୁଦି ୬ଟି, ମଙ୍ଗଳସୂତ୍ର ଗୋଟିଏ,



ରୁପା ପାଉଁଜି ୯ହଳ, ଗୋଡ଼ ମୁଦି, ଲାପ୍‌ଟପ୍, ୪ଟି ମୋବାଇଲ୍, କ୍ୟାମେରା, ସିସିଟିଭି କ୍ୟାମେରା, ବ୍ୟବହୃତ ୩ଟି ବାଇକ୍ ଓ ବିଭିନ୍ନ ସାମଗ୍ରୀ ସହ ଚୋରିରେ ବ୍ୟବହୃତ ସାମଗ୍ରୀ ଜବତ କରିଛି। ବଣପୁର ଥାନା ଅଧୀନ ଶ୍ରୀନିବାସପୁରର ଶ୍ରୀକାନ୍ତ ଘଡ଼େଇଙ୍କ ଘରୁ ଚୋରି କେସ୍ ନଂ ୧୫୫/୨୪, ହଳଦା ସେବା ସମବାୟ ସମିତିରୁ ଚୋରି କେସ୍ ନଂ ୧୯/୨୫, ଦୁଲଣୀ ଶାସନର ରମେଶ ପ୍ରଧାନଙ୍କ ଘରୁ ଚୋରି କେସ୍ ନଂ ୫୯/୨୫, ସାନହନ୍ତୁଆଡ଼ ଗ୍ରାମର ମୋଚିରାମ କାଣ୍ଡିଙ୍କ ଘରୁ ଚୋରି କେସ୍ ନଂ ୧୭୩/୨୫, ହଳଦା ଗ୍ରାମର ଗାୟତ୍ରୀ ପ୍ରଧାନଙ୍କ ଘରୁ ଚୋରି କେସ୍ ନଂ ୧୮୨/୨୫ ଓ ମାଟିଆପୋଖରୀ ରୋଡ୍‌ସ୍ଥିତ ପ୍ରଶନ ବାହୁବଳେନ୍ଦ୍ରଙ୍କ ଘରୁ ଚୋରି କେସ୍ ନଂ ୧୮୪/୨୫ ଆଦି ୬ଟି ମାମଲାରେ ସମ୍ପୃକ୍ତ ଥିବା ଉକ୍ତ ୪ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ନେଇ ବାଣପୁର ଥାନାରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାଲୁଗାଁ ପୁଲିସ ଉପଖଣ୍ଡ ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଯେ, ବାଣପୁର ଥାନା ଅଞ୍ଚଳରେ ଘରେ କେହି ନ ଥିବାର ସୁଯୋଗ ନେଇ ବାରମ୍ବାର ଲୁଟ୍‌ପାଟ୍ ହେଉଥିବା ଘଟଣାମାନ ଘଟି ଚାଲିଥିବାରୁ ଅଞ୍ଚଳର ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଫଳରେ ପୁଲିସ ଉପରୁ ଲୋକଙ୍କର ଭରସା ତୁଟି ଆସୁଥିବାରୁ ଏହାକୁ ଗୁରୁତ୍ୱର ସହ ନେଇ ଖୋର୍ଦ୍ଧା ଜିଲ୍ଲା ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତାଙ୍କ ନେତୃତ୍ୱରେ ଏସ୍‌ଆଇ ପବିତ୍ର ମୋହନ ପ୍ରଧାନ ଓ ବିନାୟକ ମନ୍ତ୍ରୀଙ୍କ ସମେତ ପୁଲିସର ଅନ୍ୟ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ତଦନ୍ତବେଳେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଥିବାବେଳେ ୪ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ।

## ଆନ୍ତଃଜିଲ୍ଲା ପାଇଁ ୨୨ରେ ଖୋର୍ଦ୍ଧା ଫୁଟ୍‌ବଲ ଦଳ ଚୟନ

ଖୋର୍ଦ୍ଧା,୧୯।୬(ସମିସ): ଖୋର୍ଦ୍ଧା ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆନ୍ତଃଜିଲ୍ଲା ସିନିୟର୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ପାଇଁ ଖୋର୍ଦ୍ଧା ଜିଲ୍ଲା ଦଳ ମନୋନୟନ ଆସନ୍ତା ୨୨ ତାରିଖ ପୂର୍ବାହ୍ଣ ୮ଟା ସମୟରେ ସ୍ଥାନୀୟ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ। ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଖେଳାଳିମାନେ ନିଜର ପ୍ରମାଣପତ୍ର (ଜନ୍ମ ସାର୍ଟିଫିକେଟ୍/ହାଇସ୍କୁଲ ସାର୍ଟିଫିକେଟ ଏବଂ ଆଧାର କାର୍ଡ) ସହ ଷ୍ଟାଡିୟମ୍‌ଠାରେ ଉପସ୍ଥିତ ରହିବାକୁ ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ୍ ସାଧାରଣ ସମ୍ପାଦକ ଉପେନ୍ଦ୍ରନାଥ ଦାସ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## 'ମହୋତ୍ସବ କଳା, ସଂସ୍କୃତିକୁ ଉଜ୍ଜୀବିତ ରଖିଥାଏ'

ବୋଲଗଡ଼,୧୯।୬(ସମିସ): ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ସଂପୁର ଗ୍ରାମର ପ୍ରସିଦ୍ଧ ରଜ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମୁକ୍ତମଞ୍ଚ ନାଟକ ପରିବେଷଣ ହୋଇଛି। ଏଥିରେ ସାମ୍ବାଦିକ ନିରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ସମାଜସେବୀ ବାସୁଦେବ ସାହୁ ମୁଖ୍ୟଅତିଥି, ଆମ ଗାଁ ମହୋତ୍ସବର ସମ୍ପାଦକ ଡ. ଶିଶିର କୁମାର ଆଚାର୍ଯ୍ୟ ମୁଖ୍ୟବକ୍ତା, ସରପଞ୍ଚ ଜଳଧର ମହାନ୍ତି, ପୂର୍ବତନ ସମିତିସଭ୍ୟ କୃଷ୍ଣ ଚନ୍ଦ୍ର ଝପଟସିଂହ, ସାମ୍ବାଦିକ ଯୋଗେଶ୍ୱର ପଣ୍ଡା, ସମାଜସେବୀ ଶ୍ରୀଧର ଦତ୍ତ, ରବୀନ୍ଦ୍ର ସାଥୁଆ, ବିଜେଡି ଦଳର ପଞ୍ଚାୟତ ସଭାପତି ଚିତ୍ତରଞ୍ଜନ ମିଶ୍ର, ହେମନ୍ତ ଦେଓ ଓ ସ୍ୱତନ୍ତ୍ର ଅତିଥିଭାବେ ବୋଲଗଡ଼ ଏକ୍ସପ୍ରେସ୍ ବ୍ରଜ



ବିହାରୀ ସୁବୁଦ୍ଧି ଓ ଚଳଚ୍ଚିତ୍ର ଅଭିନେତ୍ରୀ ଡ. ଲକ୍ଷ୍ମୀପ୍ରିୟା ପଣ୍ଡା ପ୍ରମୁଖ ଯୋଗଦେଇ ମହୋତ୍ସବ କଳା, ସଂସ୍କୃତି ଓ ଐତିହ୍ୟକୁ ଉଜ୍ଜୀବିତ ରଖିଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିବା ସହ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସମାଜସେବୀ ଶାନ୍ତନୁ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ମା' ବିମଳାଇ ନାଟ୍ୟ ପରିଷଦ ପକ୍ଷରୁ 'ଉର୍ବଶୀ ଆସୁଛି ଇନ୍ଦ୍ର ମହଲ' ନାଟକକୁ କଳାକାରମାନେ ପରିବେଷଣ କରିଥିଲେ।

## ଅନବସରର ଅଷ୍ଟମ ଦିନ

# ଗୁଳୁଗୁଳି ସତ୍ତ୍ୱେ ହଜାର ହଜାର ଭକ୍ତ କଲେ ଦର୍ଶନ





ବ୍ରହ୍ମଗିରି,୧୯।୬(ସମିସ): ଗୁରୁବାର ଅନବସର ଦର୍ଶନ ୮ମ ଦିନରେ ପହଞ୍ଚିଛି। ଗୁଳୁଗୁଳି ପାଗ ସତ୍ତ୍ୱେ ହଜାର ହଜାର ଭକ୍ତ ମହାଆନନ୍ଦରେ ଧାଡ଼ିରେ ଆସି ଶ୍ରୀଅଲାରନାଥଙ୍କୁ ଦର୍ଶନ କରିଛନ୍ତି। ଅନବସର ଯେତିକି ଦିନ ସରିସରି ଆସୁଛି ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ିବଢ଼ି ଚାଲୁଥିବା ଦେଖିବାକୁ ମିଳିଛି। ଯାହାଫଳରେ ଅଲାରପୁର ଗ୍ରାମ ଦେଇ ଚନ୍ଦନ ଚକଡ଼ା ପାର୍ କରି ପ୍ରାୟ ୧ କିଲୋମିଟର ଧାଡ଼ିରେ ଅତିକ୍ରମ କରି ଅଲାରନାଥଙ୍କୁ ଦର୍ଶନ କରିଛନ୍ତି। ଦିନ ୧.୩୦ ମିନିଟ୍ ସମୟରେ ଅଲାରନାଥଙ୍କ ପ୍ରସାଦ ବାହାରିଥିବାରୁ ସମସ୍ତେ ରୁଣ୍ଡ ହୋଇଥିଲେ ଆନନ୍ଦ ବଜାରରେ। ଅନ୍ନ, ଖେଚୁଡ଼ି, ଡାଲମା, ଶାଗ, ବେସର ସାଙ୍ଗକୁ ଅଲାରନାଥଙ୍କ ଖିରି ପ୍ରସାଦ ପାଇଁ ଭକ୍ତମାନଙ୍କ ମଧ୍ୟରେ ଠେଲାପେଲା ଲାଗି ରହିଥିଲା। ଗୁରୁବାର ଥିବାରୁ ଏତେ ପରିମାଣରେ ଭକ୍ତଙ୍କ ସମାବେଶ ହୋଇଥିଲା ଯେ ଯୁଆଡ଼େ ଚାହିଁବ ସିଆଡ଼େ ଭକ୍ତମୟ। ଯାହାକି ବ୍ରହ୍ମଗିରି ବଜାରଠାରୁ ଆରମ୍ଭ କରି ଗାଡ଼ି ପାର୍କିଂ କୁଆଡ଼େ ଗାଡ଼ି ରଖିବା ପାଇଁ ଜାଗା ମିଳି ନ ଥିଲା। ଫଳରେ ଅନେକ ଶ୍ରଦ୍ଧାଳୁ ନାହିଁ ନ ଥିବା ଅସୁବିଧା ଭୋଗିଛନ୍ତି। ସେପଟେ ଆନନ୍ଦ ବଜାରରେ ଭକ୍ତଙ୍କ ସଂଖ୍ୟା ଅଧିକ ଥିବାରୁ ମହାପ୍ରସାଦ କିମ୍ବା ଖିରି ପ୍ରସାଦ ନ ପାଇ କିଛି ଭକ୍ତ ନିରାଶରେ ଫେରିଛନ୍ତି।

ରାତି ସାଢ଼େ ୪ଟାରୁ ମନ୍ଦିରଦ୍ୱାର ଖୋଲାଯାଇ ୪ଟା ୧୫ମି.ରେ ମଙ୍ଗଳ ଆଳତି, ୪.୩୦ମି.ରେ ଅବକାଶ, ୫ଟାରେ ମହାପ୍ରଭୁଙ୍କ ଅଣସର ବେଶ ଓ ଚନ୍ଦନ ତୁଳସୀ ଲାଗି, ୫.୩୦ମି.ରେ ବଲ୍ଲଭ ଧୂପ ଓ ସକାଳ ୬ଟାରେ ସର୍ବସାଧାରଣ ଦର୍ଶନ ହୋଇଥିଲା। ସକାଳ ଧୂପ, ଦ୍ୱିପ୍ରହର ଧୂପରେ କେବଳ ଖିରି ପ୍ରସାଦ ଭୋଗ ହୋଇ ଦିନ ୨ଟା ୩୦ମି.ରେ ପହଡ଼ ପଡ଼ିଥିଲା। ପୁନଃ ୨.୪୫ମି.ରେ ଚିଆଁ ପହଡ଼ ନୀତି ହୋଇ ସର୍ବସାଧାରଣ ଦର୍ଶନ ହୋଇଥିଲା। ୭.୧୦ ମି.ରେ ସନ୍ଧ୍ୟା ଆଳତି, ରାତି ୮ଟାରେ ମଇଲମ, ୮.୩୦ମି.ରେ ସର୍ବସାଧାରଣ ଦର୍ଶନ, ରାତି ୧୦.୨୦ମି.ରେ ସନ୍ଧ୍ୟା ଧୂପ, ଅନ୍ୟାନ୍ୟ ନୀତି ବଢ଼ି ରାତି ୧୦.୫୦ମି.ରେ ବଡ଼ସିଂହାର ବେଶ ହେବା ପରେ ୧୨ଟାରେ ପହୁଡ଼ ହୋଇଥିଲା। ସକାଳ ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଭାଗବତ ସୁରକ୍ଷା ସମିତି ତରଫରୁ ଭାଗବତ ଗୀତା ପରିବେଷଣ ହୋଇଥିଲା। ଜିଲ୍ଲା ବାହାରୁ ଆସିଥିବା କଳାକାରଙ୍କ ଦ୍ୱାରା ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଭକ୍ତଙ୍କ ଅନୁଭୂତି...

ମୁଁ ଘରୁ ବାହାରିବାବେଳେ ଠାକୁରଙ୍କୁ ମୁଣ୍ଡିଆ ମାରିଥିଲି। ମୋ ସହିତ ମୋର ୯୨ବର୍ଷର ବୃଦ୍ଧ ଶଶୁରଙ୍କୁ ସାଙ୍ଗରେ ନେଇକିରି ଆପଣଙ୍କ ପାଖକୁ ଯାଉଛି ମୁଁ ଯେପରି ଭଲରେ ଦର୍ଶନ କରି ଫେରିବି। ଠାକୁର ମୋ ଡାକ ଶୁଣି ଏଠାରେ ଭଲରେ ଭଲରେ ପହଞ୍ଚାଇଛନ୍ତି ଏବଂ ପୁଲିସ ପ୍ରଶାସନ ମାଧ୍ୟମରେ ମୁଁ ମୋର ଶଶୁରଙ୍କ ସହିତ ଠାକୁରଙ୍କ ଦର୍ଶନ ପାଇ ଆତ୍ମା ସନିଧିଲାଭ କରିଛି। ମୁଁ ମୋର ଜୀବନରେ ପ୍ରଥମ କରି ଶ୍ରୀଅଲାରନାଥଙ୍କୁ ଅନବସର ସମୟରେ ଦର୍ଶନ କରିଥିବାରୁ ମୁଁ ବେଶ୍ ଆନନ୍ଦିତ।

-ଜୟନ୍ତୀ ବିଶୋଇ, ଭୁବନେଶ୍ୱର

ଅନବସରରେ ଠାକୁରଙ୍କୁ ଦର୍ଶନ କରିବା ପରେ ମୋତେ ଖୁବ୍ ଭଲ ଲାଗିଲା। ଏଟା ଗୋଟେ ଅଲଗା ଅନୁଭୂତି। ଆମେ ପ୍ରତ୍ୟେକ ବର୍ଷ ଜଗନ୍ନାଥଙ୍କୁ ଦର୍ଶନ କରୁଥିଲୁ। କିନ୍ତୁ ଏବର୍ଷ ଶ୍ରୀଅଲାରନାଥଙ୍କ ଅନବସର ଦର୍ଶନ ଦେଖିବା ପରେ ଆମକୁ ଖୁବ୍ ଶାନ୍ତି ଲାଗିଛି। କାହିଁକିନା ଅଲାରନାଥଙ୍କ ଦର୍ଶନ ଯେଉଁଭଳି ଭାବରେ କଲୁ ଏମିତି ଦର୍ଶନ କେବେ ଜଗନ୍ନାଥଙ୍କୁ କରିନାହୁଁ।

-ବାବାଜୀ ଚରଣ ରାଉତ, ଭୁବନେଶ୍ୱର

ମୋର ଏଟା ମହାପ୍ରଭୁଙ୍କ ପ୍ରଥମ ଦର୍ଶନ। ମନରେ ଆଶଙ୍କା ଉପୁଜିଥିଲା ଏ ବର୍ଷ ଦର୍ଶନ ହୋଇପାରିବ କି ନାହିଁ। ଯାହାହେଉ ଏ ବର୍ଷ ଠାକୁରଙ୍କ ଦର୍ଶନ ପାଇଁ କୃତାର୍ଥ ହେଲି। ଅନବସର ସମୟରେ ଶିଳା ଶ୍ରୀବିଗ୍ରହ ଚତୁର୍ଭୂଜ ନାରାୟଣରୂପି ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ବହୁ ଜନ୍ମର ପାପ ମୋକ୍ଷ ହୋଇଥାଏ। ମୁଁ ଅଲାରନାଥଙ୍କୁ ଦର୍ଶନ କରିବା ସହିତ ପ୍ରସିଦ୍ଧ ଖିରି ଭୋଗ ଖାଇ ନିଜକୁ ଧନ୍ୟ ମନେକରେ।

-ବିଜୟଲକ୍ଷ୍ମୀ ଚୌଧୁରୀ, ବ୍ରହ୍ମପୁର

## ରଣପୁର ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

ରଣପୁର,୧୯।୬(ସମିସ): ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ରଣପୁର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଶ୍ରୀଗୁଣ୍ଡିଚା ଏବଂ ବାହୁଡ଼ା ଯାତ୍ରା ଉପଲକ୍ଷେ ରଣପୁର ପଞ୍ଚାୟତ ସମିତ ସଭାଗୃହରେ ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଶ୍ରୀଗୁଣ୍ଡିଚା ଏବଂ ବାହୁଡ଼ା ଯାତ୍ରା ରଣପୁରରେ କିପରି ଶାନ୍ତିଶୃଙ୍ଖଳାର ସହ ପରିଚାଳିତ ହେବ ସେ ବିଷୟରେ ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା। ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ଚଳିତ ବର୍ଷ ମହାପ୍ରଭୁଙ୍କର ଶ୍ରୀଗୁଣ୍ଡିଚା ଯାତ୍ରା ନିମନ୍ତେ ୩ଟି ରଥର ବ୍ୟବସ୍ଥା କରାଯିବା ସହ ପ୍ରଶାସନ ପକ୍ଷରୁ ଶାନ୍ତଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ, ରାସ୍ତା ମରାମତି, ପାନୀୟଜଳ ଓ ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ସେବା, ସ୍ୱାସ୍ଥ୍ୟସେବା ଆଦି ଯୋଗାଇ ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଶ୍ରୀଗୁଣ୍ଡିଚା ଏବଂ ବାହୁଡ଼ା ଯାତ୍ରାକୁ କିପରି ସରସ ସୁନ୍ଦର ଭାବେ ପରିଚାଳନା କରାଯିବ ସେଥିପାଇଁ ଶ୍ରୀମତୀ ପାଢ଼ୀ ବୈଠକରେ ଉପସ୍ଥିତ ରଥଯାତ୍ରା ପରିଚାଳନା କମିଟିର ସଦସ୍ୟମାନଙ୍କ ମତାମତ ଗ୍ରହଣ କରିବା ସହ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ବୈଠରେ ରଣପୁର ରାଜା, ତହସିଲ୍‌ଦାର ଆର୍ଯ୍ୟ କୁମାର ସର୍ବଦମନ, ବିଡିଓ ମନୋଜ କୁମାର ନାୟକ, ଏନ୍‌ଏସି ଅଧକ୍ଷା ରଙ୍ଗୀନ ମହାନ୍ତି, ବ୍ଲକ୍ ଅଧକ୍ଷା ନିର୍ମଳା ବେହେରା, ପୁରୀ ସାଂସଦ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ନାରାୟଣ ମହାପାତ୍ର, ପରେଶ ମିଶ୍ର, ସ୍ୱରାଜ ମହାନ୍ତିଙ୍କ ସମେତ କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ମା' ତାରେଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବାଲୁଗାଁ,୧୯।୬(ସମିସ): ଭାଲେରୀ ପାହାଡ଼ ପାଦଦେଶର ବାଣପୁର ଝିଣ୍ଟିକାପଲ୍ଲୀ ଗ୍ରାମସ୍ଥିତ ସୁପ୍ରସିଦ୍ଧ ମା' ତାରେଣୀଙ୍କ ପୀଠରେ ଚାରିଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ସହ ଅଖଣ୍ଡ ନାମଯଜ୍ଞର ଅନ୍ତିମ ଦିବସରେ ପୂର୍ଣ୍ଣାହୁତି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅଙ୍କୁରାରୋପଣ ହୋଇ ରବିବାର ଜଳଯାତ୍ରା, ସୂର୍ଯ୍ୟପୂଜା ରୀତିନୀତିରେ ଅନୁଷ୍ଠିତ ହୋଇ ଘୃତଯଜ୍ଞ ଆରମ୍ଭ ହୋଇଥିଲା। ସୋମବାର ପୂଜା ଓ ଅଖଣ୍ଡ ନାମଯଜ୍ଞ ସମାପନ ହେବାପରେ ମଙ୍ଗଳବାର ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ସମଗ୍ର ଅଞ୍ଚଳରୁ ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇ ଯଜ୍ଞ ନାରାୟଣଙ୍କ ଆଶୀର୍ବାଦ କାମନା କରୁଥିବାବେଳେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଦୈନନ୍ଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମନ୍ଦିର କମିଟି ଓ ଝିଣ୍ଟିକାପଲ୍ଲୀ ଗ୍ରାମବାସୀଙ୍କ ତରଫରୁ ଏହି ବିଶ୍ୱଶାନ୍ତି ମହାଯଜ୍ଞକୁ ସୁଚାରୁରୂପେ ପରିଚାଳନା କରୁଥିବାବେଳେ ଶାନ୍ତିଶୃଙ୍ଖଳା ଲାଗି ପୁଲିସ ମୁତୟନ ହୋଇଥିଲେ।

## ବାରିରେ ପଶିଗଲା ମେଣ୍ଢା; ମାଲିକଙ୍କୁ ଲହୁଲୁହାଣ



ଚାରିଛକ,୧୯।୬(ସମିସ): ଚାରିଛକ ଥାନା ଅନ୍ତର୍ଗତ ସୁଧବାରିମୂଳ ଗ୍ରାମରେ ମେଣ୍ଢା ଫସଲ ଖାଇବାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟି ଜଣେ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି। ଖବରରୁ ଜଣାଯାଇଛି ଯେ, ଉକ୍ତ ଗ୍ରାମର ଗୌରାଙ୍ଗ ଦାସ ମେଣ୍ଢା ଚରାଉଥିବା ସମୟରେ ସେହି ଗ୍ରାମର ପ୍ରଫୁଲ୍ଲ ଦାସଙ୍କ ବାରିରେ ଗୋଟିଏ ମେଣ୍ଢା ପଶିଯିବାରୁ ତାଙ୍କ ପତ୍ନୀ ବିନ ଦାସ ଓ ପୁଅ ଦାମୋଦର ଦାସ ଗୌରାଙ୍ଗଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଏକ ଠେଙ୍ଗାରେ ଆକ୍ରମଣ କରି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଗୌରାଙ୍ଗ ଜୀବନ ବିକଳରେ ଘଟଣାସ୍ଥଳରୁ ଖସି ଆସିଥିଲେ। ତାଙ୍କ ମୁଣ୍ଡ ଫାଟିଯିବା ସହିତ ସେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଇ ଦିଆଯାଇଛି। ଏନେଇ ଗୌରଙ୍ଗଙ୍କ ଅଭିଯୋଗ କ୍ରମେ ପୁଲିସ ୬୪/୨୫ରେ ଏକ ମାମଲା ରୁଜୁ କରିଥିବାବେଳେ ବିନି ଦାସଙ୍କ ପାଲଟା ଅଭିଯୋଗ କ୍ରମେ ୬୫/୨୫ରେ ଆଉ ଏକ ମାମଲା ରୁଜୁ ହୋଇଛି।

## ବାଲୁଗାଁରେ ବିକାଶ ବାହନ ରଥ ପରିକ୍ରମା



ବାଲୁଗାଁ,୧୯।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ନିଜର ସଫଳତାର ବାର୍ତ୍ତା ଲୋକମାନଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଗ୍ରାମାଞ୍ଚଳରୁ ସହରାଞ୍ଚଳରେ ବିକାଶ ବାହନ ରଥ ପରିଭ୍ରମଣ କରୁଛି। ଏହି ପରିପ୍ରେକ୍ଷୀରେ ବୁଧବାର ପୂର୍ବାହ୍ଣରେ ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଏହି ବିକାଶ ବାହାନ ରଥ ଉଦ୍‌ଘାଟିତ ହୋଇଯାଇଛି। ପରିଷଦର ଅଧ୍ୟକ୍ଷା ସୁକାନ୍ତି ପାଇକରାୟ ପତକା ଦେଖାଇ ରଥକୁ ଉଦ୍‌ଘାଟନ କରି ସରକାରଙ୍କ ବିଭିନ୍ନ ବିକାଶଯୋଜନାକୁ ସଫଳ କରିବାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ଉପାଧ୍ୟକ୍ଷ ଭଗବାନ ପ୍ରଧାନ, କାଉନ୍‌ସିଲର ଅଭିମନ୍ୟୁ ସ୍ୱାଇଁ, ସୁଜାତା ପଣ୍ଡା ଓ ଅନୀତା ସ୍ୱାଇଁ ପ୍ରମୁଖଙ୍କ ସମେତ ନିର୍ବାଚିତ ଜନ ପ୍ରତିନିଧି, ଏନ୍‌ଏସିର କର୍ମଚାରୀ ଓ ମହିଳା ମହାସଂଘ ଗୋଷ୍ଠୀର ମହିଳାମାନେ ସାମିଲ ହୋଇଥିଲେ।

## ଜମି ପଟ୍ଟା, ରାସନକାର୍ଡ, ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ



ସାକ୍ଷୀଗୋପାଳ,୧୯।୬(ସମିସ): ସତ୍ୟବାଦୀ ତହସିଲ୍ କାର୍ଯ୍ୟାଳୟ ଓ ସତ୍ୟବାଦୀ ବ୍ଲକ୍ କାର୍ଯ୍ୟାଳୟରେ ଗୁରୁବାର ଜମି ପଟ୍ଟା, ରାସନକାର୍ଡ, ଅନ୍ତ୍ୟୋଦୟ ଗୃହ ନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ ଡ. ସମ୍ବିତ୍ ପାତ୍ର ଓ ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ବିଭିନ୍ନ ବ୍ୟକ୍ତି ତଥା ଶିକ୍ଷାନୁଷ୍ଠାନକୁ ପଟ୍ଟା ବଣ୍ଟନ କରିଥିଲେ। ଏଥିରେ ମୁଖ୍ୟତଃ ସିକିମି ପଟ୍ଟା ୨୪, ଭୂମିହୀନଙ୍କୁ ୭, ଶିକ୍ଷାନୁଷ୍ଠାନକୁ ୪୪, ବୟୋ ବନ୍ଦୋବସ୍ତ ୪, ସଂଶୋଧିତ ପଟ୍ଟା ୩୦ ଭଳି ସମୁଦାୟ ୧୦୯ଟି ପଟ୍ଟା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ। ସେହିଭଳି ମଧ୍ୟାହ୍ନ ୧୨ଟାରେ ସତ୍ୟବାଦୀ ବ୍ଲକ୍ ପରିସରରେ ୨୦ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ନିର୍ମାଣ କାର୍ଯ୍ୟାଦେଶ ଓ ୨ ଜଣଙ୍କୁ ଖାଉଟି କାର୍ଡ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ ପରିଚାଳନା କରିଥିଲେ। ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା, ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଅଧିକାରୀ ରାଜଲକ୍ଷ୍ମୀ ଦାଶ, ସତ୍ୟବାଦୀ ବ୍ଲକ୍ ସଂଯୋଜକ ଦେବାଶିଷ ପତ୍ରି, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସତୀଶ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସତ୍ୟବାଦୀ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବିକାଶ ବାହନ ରଥକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ।

## ଫାଙ୍କା ପଡ଼ିଛି ରିଟେଲର ପଏଣ୍ଟ; ଖାଉଟି ହୀନସ୍ତା



ଅସ୍ତରଙ୍ଗ,୧୯।୬(ସମିସ): ସାଧାରଣ ଲୋକଙ୍କୁ ସହଜରେ ରାସନ ସାମଗ୍ରୀ ଯୋଗାଇଦେବା ପାଇଁ ସରକାର ଆଣିଛନ୍ତି ଅନେକ ବ୍ୟବସ୍ଥା। ପୂର୍ବ ସରକାରଙ୍କ ସମୟରେ ରାସନ କାର୍ଡ ମାଧ୍ୟମରେ ଗହମ, ଚାଉଳ, କିରୋସିନ ସାଧାରଣ ଖାଉଟିଙ୍କୁ ପ୍ରଦାନ କରିବାକୁ ଖୁଚୁରା ବିକ୍ରୟ କେନ୍ଦ୍ର ପ୍ରତି ପଞ୍ଚାୟତରେ ଲୋକସଂଖ୍ୟା ଓ ଭୌଗୋଳିକ ସୀମାକୁ ଦୃଷ୍ଟିରେ ରଖି ବେସରକାରୀ ରିଟେଲର ନିଯୁକ୍ତି କରାଯାଇଥିଲା। ବର୍ତ୍ତମାନ ସରକାର ଏହି ରାସନକୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରିଦେଇଛନ୍ତି। ପର୍ଯ୍ୟାୟ କ୍ରମେ ବେସରକାରୀ ରିଟେଲର ବ୍ୟବସ୍ଥାକୁ ଉଠାଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାର୍ଫତ୍‌ରେ ପଞ୍ଚାୟତ କାର୍ଯ୍ୟାଳୟରେ ରାସନ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ୍ୟ ଏହି କାର୍ଯ୍ୟରେ ନିଯୁକ୍ତି କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଘଟଣା ପରେ ଡିଲର ସଙ୍ଘ ପକ୍ଷରୁ ଆନ୍ଦୋଳନ ହୋଇଥିଲା ଓ ସରକାର ଏହାକୁ ସ୍ଥଗିତ ରଖିବା ସହ ନିଷ୍ପତ୍ତି ନେଲେ ଯେ ପିଡିଏସ୍ ବଣ୍ଟନ କ୍ଷେତ୍ରରେ ପୁନଃ ବେସରକାରୀ ଡିଲର ନିଯୁକ୍ତି ହେବ ନାହିଁ। ସ୍ୱୟଂ ସହାୟକ ଗୋଷ୍ଠୀ ନଚେତ୍ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାର୍ଫତ୍‌ରେ ବଣ୍ଟାଯିବ। ଦୁଃଖ ଓ ପରିତାପର ବିଷୟ ବର୍ତ୍ତମାନ ଯେଉଁ ପୁରୁଣା ଡିଲର ପଏଣ୍ଟ କୌଣସି କାରଣ ବଶତଃ ଫାଙ୍କା ପଡ଼ିଯିବାରୁ ଉକ୍ତ ସ୍ଥାନରେ ସରକାରଙ୍କ ନିୟମ ଅନୁଯାୟୀ, ଯୋଗାଣ ବିଭାଗ ତରଫରୁ ସେହି ସ୍ଥାନ ପୂରଣ ନିମନ୍ତେ ବିଜ୍ଞାପନ ପ୍ରକାଶିତ କରିବା କଥା ମାତ୍ର ବିଭାଗ ବିଜ୍ଞାପନ ପ୍ରକାଶିତ ନ କରି ଉକ୍ତ ଖାଲି ପଏଣ୍ଟକୁ ନିକଟରେ ଥିବା ରିଟେଲର ପଏଣ୍ଟ ସହ ମିଶାଇଦେଲେ। ଯାହାଦ୍ୱାରା ସାଧାରଣ ଖାଉଟି, ବୟସ୍କ ବ୍ୟକ୍ତି, ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ଉପଭୋକ୍ତାମାନେ ନିଜ ଅଞ୍ଚଳଠୁ ଦୂରରେ ଥିବା ରିଟେଲର ପଏଣ୍ଟକୁ ଯାତାୟାତ କରିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା-ଖରାରେ ସରକାର ବାର୍ଦ୍ଧକ୍ୟ ଲୋକଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖୁଥିବାବେଳେ ସ୍ଥାନୀୟ ଯୋଗାଣ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ନିକ୍ଷେପ କରୁନି। ଏ ନେଇ ଅସ୍ତରଙ୍ଗ ଯୋଗାଣ ଅଧିକାରୀ ଶିବ ପ୍ରସାଦ ମହାନ୍ତିଙ୍କୁ ପଚାରିବାରୁ ସେ କୁହନ୍ତି ଯେ ଅସ୍ତରଙ୍ଗ ଅଞ୍ଚଳରେ ବର୍ତ୍ତମାନ ସମୁଦାୟ ୨୫ଟି ରିଟେଲର ପଏଣ୍ଟ ଖୋଲା ରହିଛି ଆଉ ମାତ୍ର ୬ଟି ପଏଣ୍ଟ ଖାଲି ପଡ଼ିଛି। ସେଠି ବିଜ୍ଞାପନ ଜାରି କରାଯାଇ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିଯୁକ୍ତି କରିବା କଥା; କିନ୍ତୁ ଆମେ ଏଯାଏ କରିନାହୁଁ ଆଗକୁ କରିବୁ। ଶିଶୁଅ, ତାଳଦା, ମାଣ୍ଡୁକି ଓ କେନ୍ଦ୍ରାପଟି ଭଳି ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତରେ ଏହି ଅବ୍ୟବସ୍ଥା ଲାଗିରହିଛି। ଏ ବାବଦରେ କେନ୍ଦ୍ରାପଟି ପଞ୍ଚାୟତର ଜଣେ ସାଧାରଣ ଭିନ୍ନକ୍ଷମ ଖାଉଟି ଆର୍ତ୍ତତ୍ରାଣ ମହାନ୍ତି କହିଛନ୍ତି ତୁରନ୍ତ ଖାଲି ଥିବା ରିଟେଲର ପଏଣ୍ଟରେ ନିଯୁକ୍ତି ନିଆଯାଉ, ନଚେତ୍ ସ୍ଥାନୀୟ ଯୋଗାଣ ଅଧିକାରୀଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିଯୋଗ ପ୍ରଦାନ କରାଯିବ।

## ସତ୍ୟବାଦୀ ହେବ ଏନ୍‌ଏସି; ଆବଶ୍ୟକୀୟ ରିପୋର୍ଟ ପ୍ରସ୍ତୁତି

ସାକ୍ଷୀଗୋପାଳ,୧୯।୬(ସମିସ): ରାଜ୍ୟ ସରକାରଙ୍କ ଗୃହ ଏବଂ ସହରାଞ୍ଚଳ ବିକାଶ ବିଭାଗ ପକ୍ଷରୁ ସତ୍ୟବାଦୀ ତହସିଲ୍‌ଦାରଙ୍କୁ ସତ୍ୟବାଦୀକୁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ରେ ରୂପାନ୍ତରିତ କରିବା ନିମନ୍ତେ ଆବଶ୍ୟକୀୟ ରିପୋର୍ଟ ମଗାଯାଇଛି। ଏହି ରିପୋର୍ଟ ଅନୁଯାୟୀ ଏନ୍‌ଏସିରେ ଅନ୍ତର୍ଭୁକ୍ତ ହେଉଥିବା ପଞ୍ଚାୟତ ଓ ତାହାର ଲୋକସଂଖ୍ୟା, ଅନ୍ୟାନ୍ୟ ସୁବିଧାସୁଯୋଗ, ଭୌଗୋଳିକ ଚିତ୍ର ଆଦି ରିପୋର୍ଟ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଏଥିରେ ମୁଖ୍ୟତଃ ପେଣ୍ଠପଡ଼ା, ଜୟପୁର, ଦୁଗଲ, ବୀର ରାମଚନ୍ଦ୍ରପୁର, କାଦୁଆ, ବିଶ୍ୱନାଥପୁର ଓ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଓ ପଞ୍ଚାୟତର କିଛି ଅଂଶଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ସର୍ଭେ କରାଯାଇଛି। ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ ଓ ରାଜସ୍ୱ ଅଧିକାରୀଙ୍କ ପକ୍ଷରୁ ଏହି ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇଛି।

## ଶ୍ରୀରଞ୍ଜନ ମଙ୍ଗରାଜ ନିଖିଳ ଓଡ଼ିଶା ପ୍ୟାକ୍ସ ଓ ଲ୍ୟାମ୍ପ୍ସ କର୍ମଚାରୀ ମହାସଂଘର ସଭାପତି



ଖୋର୍ଦ୍ଧା,୧୯।୬(ସମିସ): ବୁଧବାର ଭୁବନେଶ୍ୱରରେ ରାଜ୍ୟ ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ନିଖିଳ ଓଡ଼ିଶା ପ୍ୟାକ୍ସ ଓ ଲ୍ୟାମ୍ପ୍ସ କର୍ମଚାରୀ ମହାସଂଘର କାର୍ଯ୍ୟକାରୀ ବୈଠକ ସଭାପତି ସୀତାରାମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ବିଜେପିର ବରିଷ୍ଠ ନେତା ତଥା ସମବାୟ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜଙ୍କୁ ସର୍ବ ସମ୍ମତିକ୍ରମେ ମହାସଂଘର ପରବର୍ତ୍ତି ସଭାପତି ଭାବେ ମନୋନୀତ କରାଯାଇଛି। ସଭାପତି ମନୋନୀତ ହେବାପରେ ଶ୍ରୀ ମଙ୍ଗରାଜ ମହାସଂଘର ସମସ୍ତ ସଦସ୍ୟ ଓ ସଦସ୍ୟାଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶାରେ ସମସ୍ତ ସଂଘ ଏକ ହୋଇ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ୍ ଭାଇ ଶାହଙ୍କ "ସମବାୟରୁ ସମୃଦ୍ଧି" ପାଇଁ ନୂତନ ଚିନ୍ତାଧାରା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମବାୟର ଉନ୍ନତି କଲ୍ପେ ବିକାଶର ବାର୍ତ୍ତାକୁ ନେଇ ଓଡ଼ିଶାରେ ଭିନ୍ନ ଏକ ସମବାୟ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଛନ୍ତି।

## ବୁଲିଲା ବିକାଶ ବାହନ ରଥ

ନିରାକାରପୁର,୧୯।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ହୋଇଥିବା ବିଭିନ୍ନ ଯୋଜନା ଏବଂ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଲକ୍ଷ୍ୟ ନେଇ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ନିରାକାରପୁର ପଞ୍ଚାୟତରେ ପରିକ୍ରମା କରିଛି ବିକାଶ ବାହନ ରଥ। ଏହି ରଥକୁ ବର୍ଷିଆନ ବ୍ୟକ୍ତି ଚଣ୍ଡେଶ୍ୱର ପ୍ରଧାନ ନଡ଼ିଆ ବାଡ଼େଇ ଶୁଭାରମ୍ଭ କରିଥିଲାବେଳେ ନୋଡାଲ ଅଧିକାରୀ ବ୍ଲକ୍ କନିଷ୍ଠ ଯନ୍ତ୍ରୀ ରାଜଲକ୍ଷ୍ମୀ ପଣ୍ଡା, ସ୍ଥାନୀୟ ମେଡିକାଲର ପୁରୁଷ ସ୍ୱାସ୍ଥ୍ୟକର୍ମୀ ମନୋଜ ମହାପାତ୍ର, ନିରାକାରପୁର ଆମ ସେବା କେନ୍ଦ୍ରର ପରିଚାଳକ ମାନସ ଚନ୍ଦ୍ର ପଟ୍ଟନାୟକ, ଜନସେବା କେନ୍ଦ୍ରର ପରିଚାଳକ ମୁକ୍ତିକାନ୍ତ ସାହୁ, ଏଡିଇଓ ଆଲୋକ ଫତେସିଂ, ପ୍ରଦୀପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଆମ୍ବ ଗଛ ଲଗାଯାଇଥିଲା।

## କାର୍ ଦୁର୍ଘଟଣାରେ ନାବାଳକ ମୃତ

ବ୍ରହ୍ମଗିରି,୧୯।୬(ସମିସ): କାର୍ ଦୁର୍ଘଟଣାରେ ଜଣେ ନାବାଳକର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ବ୍ରହ୍ମଗିରି ଥାନା ଅନ୍ତର୍ଗତ ପଥରପଦା ଗ୍ରାମର ବିଜୟ ବେହେରାଙ୍କ ପୁତ୍ର ଅକ୍ଷୟ ବେହେରା (୬) ବୋଲି ଜଣାପଡ଼ିଛି। ସେ ତା' ମାମୁ ଘର ମୋଟ ଗ୍ରାମକୁ ରଜ ଦେଖିବା ପାଇଁ ଯାଇଥିଲା। ସେ ପିଲାଙ୍କ ସାଙ୍ଗରେ ମୋଟ ଗ୍ରାମରରେ ଥିବା ଠାକୁରାଣୀ ମନ୍ଦିର ସାମ୍ନାରେ ଖେଳୁଥିବା ସମୟରେ ଏକ କାର୍ ଦ୍ରୁତଗତିରେ ଆସି ପିଲାଟିକୁ ଧକା ଦେଇଥିଲା। ପିଲାଟି ଉପରେ ଗାଡ଼ିର ଆଗ ଚକା ଚଢ଼ିଯାଇଥିଲା। ଫଳରେ ସେଠାରେ ତା'ର ମୃତ୍ୟୁ ହୋଇଥିଲା। ଖବର ପାଇ ବ୍ରହ୍ମଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଟିକୁ ଜବତ କରିଛି। ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।


## ବିଜେପି କର୍ମୀଙ୍କ ବିୟୋଗରେ ଶୋକ

ନୟାହାଟ,୧୯।୬(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ବାଉଲାଙ୍ଗ ପଞ୍ଚାୟତର ସିଠୁରା ଗ୍ରାମର ବିଜେପି କର୍ମୀ କୈଳାସ ବିଶ୍ୱାଳ(୫୮)ଙ୍କ ପରଲୋକ ହୋଇଯାଇଚି। ବୁଧବାର ରାତିରେ ସେ ତାଙ୍କ ଘର ବରଣ୍ଡାରେ ବସିଥିବାବେଳେ ହଠାତ୍ ତଳକୁ ଖସି ପଡ଼ିଥିଲେ। ସେହିଠାରେ ତାଙ୍କର ପ୍ରାଣବାୟୁ ଚାଲିଯାଇଥିଲା। ଖବର ପାଇ ବାଉଲାଙ୍ଗ ପଞ୍ଚାୟତର ପୂର୍ବତନ ବିଜେପି ସଭାପତି ପୂର୍ଣ୍ଣ ଚନ୍ଦ୍ର ସେନ୍, ଭାଗିରଥି ଦଳାଇ, ସନ୍ତୋଷ ପାଢ଼ୀ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ କର୍ମୀ ତାଙ୍କ ବାସଭବନରେ ପହଞ୍ଚି ପରିବାରକୁ ସମବେଦନା ଜଣାଇବା ସହିତ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ଭୁଶୁଡ଼ିବା ଅବସ୍ଥାରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଷଠି ଘର

ସାକ୍ଷୀଗୋପାଳ,୧୯।୬(ସମିସ): ସତ୍ୟବାଦୀ ଯୁଗର ପଞ୍ଚସଖା ହେଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ପଣ୍ଡିତ ଗୋଦାବରୀଶ ମିଶ୍ର। ଏମାନଙ୍କ ମଧ୍ୟରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଷଠି ଘର ବା ଜନ୍ମପୀଠ ହେଉଛି ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଶାସନ। ବର୍ତ୍ତମାନ ଏହି ଷଠି ଘରର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ଘର ଭୁଶୁଡ଼ି ପଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି।

ଓଡ଼ିଆ ଜାତି ଯେତେବେଳେ ନିଜର ସ୍ଥିତିକୁ ନେଇ ସଂଘର୍ଷ କରୁଥିଲା, ସେହି ସମୟରେ ସତ୍ୟବାଦୀରେ ବକୁଳ ବନ ସ୍ଥାପନ କରି ଓଡ଼ିଶାକୁ ନୂଆ ଦିଗ ଦେଖାଇଥିଲେ ପଞ୍ଚସଖା। ଏହି ପଞ୍ଚସଖାମାନଙ୍କ ମଧ୍ୟରୁ ପଣ୍ଡିତ ନୀଳକଣ୍ଠ ଦାସ ଅନ୍ୟତମ। ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଗାଁରେ ୨୫ ଡିସିମିଲ ଜାଗାରେ ରହିଛି ପଣ୍ଡିତ ନୀଳକଣ୍ଠ ଦାସଙ୍କ ନିଜର ଜନ୍ମ ପୀଠ। ୧୫୦ ବର୍ଷର ପୁରୁଣା କାଠ, ଚୂନ, ବାଲି, ଗୁଡ଼ ଓ କେନ୍ଦୁ ଅଠାରେ ନିର୍ମିତ କଡ଼ି, ବରଗାରେ ଦୁଇ ମହଲା ପୁରୁଣା ଛାତ ଘର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ଭୁଶୁଡ଼ିବା ପାଇଁ ଅପେକ୍ଷା କରିଛି। ଜରାଜୀର୍ଣ୍ଣ ଅବସ୍ଥାରେ ଏବେବି ପଡ଼ିରହିଛି ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତି। ଦିନ ଥିଲା ରାଜ୍ୟର କୋଣ ଅନୁକୋଣରୁ ବକୁଳ ବନ ସୌନ୍ଦର୍ଯ୍ୟ ଏବଂ ପଞ୍ଚସଖାଙ୍କ କର୍ମଭୂମି ଥିବା ଏହି ବନ ବିଦ୍ୟାଳୟକୁ ଦେଖିବା ପାଇଁ ଛୁଟି ଆସୁଥିଲେ ସ୍କୁଲ କଲେଜଠାରୁ ଆରମ୍ଭ କରି ଦେଶ ବିଦେଶର ପର୍ଯ୍ୟଟକ। କିନ୍ତୁ ବର୍ତ୍ତମାନର ଅବସ୍ଥା ଦେଖିଲେ ସତେ ଯେପରି ମୁରବୀଶୂନ୍ୟ ହୋଇଯାଇଛି ଏହି ମଣିଷ ତିଆରି କାରଖାନା। ବନ



ବିଦ୍ୟାଳୟର ପ୍ରଥମ ପ୍ରଧାନଶିକ୍ଷକ ଥିଲେ ପଣ୍ଡିତ ନୀଳକଣ୍ଠ ଦାସ। ବକୁଳ ବନର ରକ୍ଷଣାବେକ୍ଷଣ ଅଭାବରୁ ବଣ ଜଙ୍ଗଲ ପାଲଟିଯିବା ସହିତ ଗୁମୁରି ଗୁମୁରି କାନ୍ଦୁଛି ବକୁଳ ବନ। ୧୯୦୯ରେ ନିଜ ଭାଷା ଓ ଜାତିର ଉନ୍ନତି କଥା ଭାବି ଏକାଠି ହୋଇଥିଲେ ପଞ୍ଚସଖା। ଓଡ଼ିଆ ଅସ୍ମିତାର ପ୍ରାଣ କେନ୍ଦ୍ର ପାଲଟିଥିଲା ବକୁଳବନ ବନ ବିଦ୍ୟାଳୟ। ଇଂରେଜ ଶାସନ ସମୟରେ ଏହି ବନ ବିଦ୍ୟାଳୟରେ ଗୁରୁକୁଳ ଶିକ୍ଷାଦାନ ଗଢ଼ି ଉଠିଥିଲା। ଏହି ପଞ୍ଚସଖା ବକୁଳ ଗଛ ମୂଳରେ ରାଷ୍ଟ୍ରବାଦ ଶିକ୍ଷା ଏବଂ ଓଡ଼ିଆ ଭାଷାର ବିକାଶ ଅସ୍ମିତାର ପରିଚୟର ଶିକ୍ଷା ଦେଉଥିଲେ ଏହି ପବିତ୍ର ମାଟିରେ। ଏବେ କିନ୍ତୁ ସେହି ସ୍ଥାନ ଭୂତକୋଠି ହୋଇ ପଡ଼ି ରହିଛି।

୧୮୮୪ ଅଗଷ୍ଟ ୫ରେ ପଣ୍ଡିତ ନୀଳକଣ୍ଠ ଦାସ କ୍ଷୁଦ୍ର ପଲ୍ଲୀ ଗାଁ ସାକ୍ଷୀଗୋପାଳର ବ୍ରାହ୍ମଣ ଶାସନ ଶ୍ରୀରାମଚନ୍ଦ୍ରପୁରର ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଥିଲେ ଆନନ୍ଦ ଦାସ। ଗ୍ରାମ ବିଦ୍ୟାଳୟରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଲାଭ ପରେ ପୁରୀ ଜିଲ୍ଲା ଓ ପରବର୍ତ୍ତୀ ସମୟରେ କଟକ ରେଭେନ୍ସା କଲେଜିଏଟ୍ ସ୍କୁଲ, କୋଲକାତା ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ପରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ସହିତ ମିଶି ଆରମ୍ଭ କରିଥିଲେ ମଣିଷ ତିଆରି କାରଖାନା ନାମରେ ପରିଚିତ ସତ୍ୟବାଦୀର ବନ ବିଦ୍ୟାଳୟ ଯାହା ବକୁଳବନରେ ସ୍ଥାପନ ହୋଇଥିଲା। ସେ ଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ। ସତ୍ୟବାଦୀର ପ୍ରଥମ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ। ଓଡ଼ିଶା ବିଧାନସଭାର ବାଚସ୍ପତି। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଥିଲେ। ଓଡ଼ିଆ ଭାଷାର ପ୍ରସାର ନିମନ୍ତେ ଏବଂ ଓଡ଼ିଆ ଯୁବକଙ୍କୁ ଶିକ୍ଷିତ କରିବାର ଏକ ପ୍ରକାର ମଙ୍ଗ ଧରିଥିଲେ। କିନ୍ତୁ ଏହି ମହାପୁରୁଷଙ୍କ ଜନ୍ମ ସ୍ଥାନ ଭୁଶୁଡ଼ି ପଡ଼ିବା ଅପେକ୍ଷାରେ ଖୋଲାମେଲାରେ ପଡ଼ିରହିଛି। ବଣ ଜଙ୍ଗଲରେ ପରିଣତ ହୋଇ ସାପ ବେଙ୍ଗଙ୍କ ବାସସ୍ଥଳୀ ପାଲଟିଛି ଏହି ବାସଗୃହ। ଏହି ପୁଣ୍ୟ ପୀଠର ପୁନରୁଦ୍ଧାର ପାଇଁ ସରକାରଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

# ସଞ୍ଜୟ ବର୍ମା କିଏ?

## ୩୯ ଦିନରେ ୨୩୪ଥର କଲ କରିଥିଲା ସୋନମ

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ରାଜା ରଘୁବଂଶୀ ହତ୍ୟା ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି । ମୁଖ୍ୟ ଅଭିଯୁକ୍ତ ତଥା ରାଜାଙ୍କ ପତ୍ନୀ ସୋନମ ରଘୁବଂଶୀ ମାର୍ଚ୍ଚ ୧ରୁ ଏପ୍ରିଲ ୮ ମଧ୍ୟରେ ସଞ୍ଜୟ ବର୍ମା ନାମକ ଜଣେ ବ୍ୟକ୍ତିଙ୍କ ସହିତ





୨୩୪ଥର ଫୋନ୍ କଲ୍ କରି କଥା ହୋଇଛନ୍ତି । ଏହି ସଞ୍ଜୟ ବର୍ମା କିଏ, ସେ ନେଇ ଚର୍ଚ୍ଚା ହେଉଥିବା ବେଳେ ସତ କଥା ପଦାକୁ ଆସିଛି । ସଞ୍ଜୟ ଆଉ କେହି ନୁହନ୍ତି ସେ ହେଉଛନ୍ତି ଅନ୍ୟତମ ଅଭିଯୁକ୍ତ ତଥା ସୋନମଙ୍କ ପ୍ରେମିକ ରାଜ କୁଶୱାହ । ଏ ନେଇ ମେଘାଳୟ ପୁଲିସ୍ ସୂଚନା ଦେଇଛି । ସୋନମ ରାଜର ନମ୍ବରକୁ ସଞ୍ଜୟ ବର୍ମା ନାମରେ ସେଭ କରିଥିଲା । ସନ୍ଦେହକୁ ଏଡାଇବା ପାଇଁ ସୋନମ ଏହି ନାଟକ କରିଥିଲା । ପ୍ରତ୍ୟେକ ଥର ସୋନମ ଓ ରାଜ ଦୁହେଁ ୩୦ରୁ ୬୦ ମିନିଟ୍ କଥା ହୋଇଛନ୍ତି । ଜୁନ୍ ୮ରେ ସଞ୍ଜୟର ହ୍ୱାଟ୍ସଅପ୍ ନଂ ଶେଷଥର ପାଇଁ ଆକ୍ଟିଭ ହୋଇଥିଲା । ଏହି ଦିନ ସବୁ ଅଭିଯୁକ୍ତ ଗିରଫ୍ ହୋଇଥିଲେ ଓ ସୋନମ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିଲା । ପୂର୍ବରୁ ସଞ୍ଜୟ କିଏ ସେ ନେଇ ଆମେ କିଛି ଜାଣିନାହୁଁ ବୋଲି ସୋନମର ଭାଇ ଗୋବିନ୍ଦ କହିଥିଲା । ଇନ୍ଦୋରରେ ରହୁଥିବା ସୋନମ ଓ ରାଜା ମେ ୧୧ରେ ବିବାହ କରିବା ପରେ ହନିମୁନ୍ ପାଇଁ ମେଘାଳୟ ଯାଇଥିଲେ । କିନ୍ତୁ ମେ ୨୩ରେ ରାଜା ନିଖୋଜ ହୋଇଥିଲେ । ଜୁନ୍ ୨ରେ ରାଜାଙ୍କ ମୃତଦେହ ମିଳିଥିଲା । ଜୁନ୍ ୧୧ରେ ରାଜାଙ୍କୁ ମାରିଥିବା କଥା ସୋନମ ପୁଲିସ୍ ଆଗରେ ସ୍ୱିକାର କରିଥିଲା । ସୋନମ ରାଜ ସହ ମିଶି ସ୍ୱାମୀ ରାଜା ରଘୁବଂଶୀଙ୍କୁ ମାରିବା ପାଇଁ ୩ ଜଣ ସୁପାରି କିଲରଙ୍କୁ ନିୟୋଜିତ କରିଥିଲା ।


# କମଲ ହାସନଙ୍କୁ ଆଶ୍ୱସ୍ତି



ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ବର୍ଷିଆନ ତାମିଲ ଅଭିନେତା କମଲ ହାସନଙ୍କ ସିନେମା 'ଠଗ୍ ଅଫ୍ ଲାଇଫ' କର୍ଣ୍ଣାଟକ୍‌ରେ ମୁକ୍ତିଲାଭ କରିବା ନେଇ ପଥ ପରିଷ୍କାର ହୋଇଛି । ଏ ନେଇ ଦାଏର କରାଯାଇଥିବା ପିଟିସନକୁ ନେଇ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା । ସିନେମା କିପରି ଭଲରେ ମୁକ୍ତିଲାଭ କରିବ ସେ ନେଇ ବ୍ୟବସ୍ଥା କରିବାକୁ ସୁପ୍ରିମକୋର୍ଟ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ କୌଣସି ବିଭ୍ରାଟ ତଥା ବାଧା ସୃଷ୍ଟି ନ ହେବା ପାଇଁ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥାକୁ କଡ଼ା କରିବାକୁ କର୍ଣ୍ଣାଟକ ସରକାରକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କର୍ଣ୍ଣାଟକ ସରକାର ମଧ୍ୟ ସିନେମାକୁ ମୁକ୍ତିଲାଭ କରିବା ନେଇ କୌଣସି ରୋକ ଲଗାଯାଇ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥାରେ ସିନେମା ରିଲିଜ ହେବ ବୋଲି ସରକାର ସୁପ୍ରିମକୋର୍ଟଙ୍କୁ କଥା ଦେଇଛନ୍ତି । ଏ ନେଇ ଯଦି କୌଣସି ବ୍ୟକ୍ତି କିମ୍ବା ସଂଗଠନ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଭାଷା ମାମଲାରେ ମଧ୍ୟ ସୁପ୍ରିମକୋର୍ଟ କମଲ ହାସନଙ୍କ ସପକ୍ଷରେ ମତ ଦେଇଛନ୍ତି । କନ୍ନଡ ଭାଷା ତାମିଲରୁ ସୃଷ୍ଟି ହୋଇଛି ବୋଲି କହି କମଲ ବିବାଦ ସୃଷ୍ଟି କରିଥିଲେ । ଏଥିପାଇଁ କମଲ କ୍ଷମା ମାଗନ୍ତୁ ବୋଲି ଦାବି ହୋଇଥିଲା । କିନ୍ତୁ ଏଥିପାଇଁ କମଲ କ୍ଷମା ମାଗିବାର ଆବଶ୍ୟକତା ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । କ୍ଷମା ମାଗିବାକୁ କମଲଙ୍କୁ ବାଧ କରାଯାଇପାରିବ ନାହିଁ । ଏହା ତାଙ୍କର ମତ ମାତ୍ର । ଜଣକର ମତ ପାଇଁ ଆମେ କୌଣସି ସିନେମାର ରିଲିଜ୍‌କୁ ରୋକି ପାରିବା ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

# ଆମେରିକା ପଠାଯିବ ଏୟାର ଇଣ୍ଡିଆ ଡ୍ରିମ୍‌ଲାଇନର ବ୍ଲାକ ବକ୍ସ

ଅହମଦାବାଦ୍, ୧୯ ।୬(ଏଜେନ୍ସି): ଜୁନ୍ ୧୨ରେ ଅହମଦାବାଦ୍‌ରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଏୟାର ଇଣ୍ଡିଆ ଡ୍ରିମଲାଇନର ବିମାନର ବ୍ଲାକବକ୍ସକୁ ଆମେରିକା ପଠାଯିବ । ଦୁର୍ଘଟଣାର ଗୋଟିଏ ଦିନ ପରେ ହିଁ ଏହି ବ୍ଲାକ ବକ୍ସ ମିଳିଥିଲା । ବିମାନରେ ନିଆଁ ଲାଗିବା ପରେ ବ୍ଲାକ ବକ୍ସ କ୍ଷତିଗ୍ରସ୍ତ ହୋଇଛି । ଫଳରେ ଏଥିରୁ ଡାଟା ତଥା ତଥ୍ୟ ମିଳିବା କଷ୍ଟକର ହୋଇଛି । ତେଣୁ ଯାଞ୍ଚ୍ ପାଇଁ ବ୍ଲାକ ବକ୍ସକୁ ଏବେ ଆମେରିକା



ପଠାଯିବ ବୋଲି କୁହାଯାଇଛି । ଭାରତରେ ଥିବା କୌଣସି ଲାବରୁ ବ୍ଲାକ ବକ୍ସର ଡାଟା ମିଳିବ ନାହିଁ । ଏବେ ଏହାକୁ ଆମେରିକାର ନ୍ୟାସନାଲ ଟ୍ରାନ୍ସପୋର୍ଟ ସେଫ୍‌ଟି ଲାବ (ଏନ୍‌ଟିଏସ୍‌ବି)କୁ ପଠାଯିବ । ସୁରକ୍ଷା ଓ ଗୋପନୀୟତା ବଜାୟ ରଖିବା ପାଇଁ ଏହା ସହିତ ସରକାରୀ ଅଧିକାରୀ ମଧ୍ୟ ଆମେରିକା ଗସ୍ତ କରିବେ । ଏହି ବିମାନ ଦୁର୍ଘଟଣାରେ ୨୭୦ ଜଣ ଲୋକ ମୃତ୍ୟୁ ବରଣ କରିଥିଲେ । ଏଆଇ-୨୭୧ ବିମାନ ଟେକ୍‌ଅଫ୍ କରିବା ମାତ୍ର କେତେ ସେକେଣ୍ଡ ମଧ୍ୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ।

# ଯୁଦ୍ଧରୁ ଆମେରିକା ଦୂରେଇ ରହୁ: ରୁଷ

## ଇରାନ ଉପରେ ଆମେରିକା ଆକ୍ରମଣ କଲେ ସ୍ଥିତି ଅସମ୍ଭାଳ ହୋଇପଡ଼ିବ

ତେହରାନ/ତେଲ ଆଭିଭ, ୧୯।୬ (ଏଜେନ୍ସି): ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଏଥିରେ ସାମରିକ ହସ୍ତକ୍ଷେପ ନକରିବା ଲାଗି ଆମେରିକାକୁ ଚେତାବନୀ ଦେଇଛି ରୁଷିଆ । ଏହି ଯୁଦ୍ଧ ଧ୍ୱଂସ ଆଡ଼କୁ ମୁହାଁଉଥିବାରୁ ଇସ୍ରାଏଲ ପ୍ରଥମେ ଆକ୍ରମଣ ବନ୍ଦ କରୁ ବୋଲି ରୁଷିଆ କହିଛି । ଗତ ସାତ ଦିନ ଧରି ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଚାଲିଛି ଏବଂ ଏଥିରେ ଆମେରିକା ସାମିଲ ହୋଇପାରେ ବୋଲି ସଙ୍କେତ ମିଳିବା ପରେ ରୁଷିଆ ପ୍ରଥମ ଥର ଲାଗି ମୁହଁ ଖୋଲିଛି । ରୁଷ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି ଯେ ବର୍ତ୍ତମାନ ପରିସ୍ଥିତିରେ ସାମରିକ ହସ୍ତକ୍ଷେପ ନକରିବା ଲାଗି ଆମେ ଆମେରିକାକୁ ସତର୍କ କରାଇ ଦେଉଛୁ । ଏହା ଏକ ବିପଜ୍ଜନକ ପଦକ୍ଷେପ ହେବ ଏବଂ ଏହାର ପରିଣାମ ଭୟଙ୍କର ହୋଇପାରେ ।



ଏହାପୂର୍ବରୁ ରୁଷ ଉପବୈଦେଶିକ ମନ୍ତ୍ରୀ ସାର୍ଗେଇ ରିୟାବକୋଭ ମଧ୍ୟ ସମାନ ଧରଣର ଚିନ୍ତା ପ୍ରକଟ କରି କହିଥିଲେ ଯେ ଯୁଦ୍ଧରେ ଇସ୍ରାଏଲକୁ ଆମେରିକା ସାମରିକ ସହାୟତା ଦେବା ବନ୍ଦ କରୁ । ଯୁଦ୍ଧରେ ଆମେରିକା ସାମିଲ ହେଲେ ସଂପୃକ୍ତ ଅଞ୍ଚଳରେ ଅସ୍ଥିରତା ସୃଷ୍ଟି ହେବା ସହିତ ପରିସ୍ଥିତିକୁ ସମ୍ଭାଳିବା ଅସମ୍ଭବ ହୋଇପଡ଼ିବ । ତେଣୁ ଆକ୍ରମଣ ସଂପର୍କରେ ଆମେରିକା ଚିନ୍ତା କରିବା ମଧ୍ୟ ଉଚିତ ନୁହେଁ ।

ଇରାନର ପରମାଣୁ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନ ଉପରେ ଇସ୍ରାଏଲ ଯେପରି ଆଖିବୁଜା ଆକ୍ରମଣ ଚଳାଇଛି ସେଥିରେ ଉଦବେଗ ପ୍ରକାଶ କରି ବୈଦେଶିକ ବିଭାଗ ମୁଖପାତ୍ର ମାରିଆ କହିଲେ ଯେ ଏଭଳି ଆକ୍ରମଣ ଜାରି ରହିଲେ ବିଶ୍ୱକୁ ଧ୍ୱଂସ ହେବାକୁ ବେଶି ସମୟ ଲାଗିବ ନାହିଁ । ଏହାକୁ ନେଇ ଜାତିସଂଘ ପରମାଣୁ ନିରାପତ୍ତା ସଂସ୍ଥା ମଧ୍ୟ ଉଦବେଗ ପ୍ରକାଶ କରିସାରିଛି । ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଯୋଗୁଁ ସଂପୃକ୍ତ ଅଞ୍ଚଳରେ ବିକରଣ ବିପଦ ବଢୁଛି । ଏହାକୁ ରୋକିବା ଲାଗି ବିଶ୍ୱ ସମୁଦାୟ ସ୍ୱର ଉତ୍ତୋଳନ କରୁନାହିଁ କାହିଁକି? ପରିବେଶବିତମାନେ କୁଆଡ଼େ ଗଲେ ବୋଲି ସେ ପ୍ରଶ୍ନ କରିଛନ୍ତି । ଇରାନର ବୁଶେହର ପରମାଣୁ କେନ୍ଦ୍ର ଉପରେ ଇସ୍ରାଏଲ ଆକ୍ରମଣ ବନ୍ଦ କରୁ ବୋଲି ସେ ପରାମର୍ଶ ଦେଇ କହିଛନ୍ତି ଯେ ସେଠାରେ ରୁଷ ପରମାଣୁ ବିଶେଷଜ୍ଞ କାର୍ଯ୍ୟରତ ଅଛନ୍ତି । ଏହା ହେଉଛି ଇରାନର ଏକମାତ୍ର ପରମାଣୁ ଶକ୍ତି କେନ୍ଦ୍ର ଯେଉଁଠାରେ କି ରୁଷ ଇନ୍ଧନ ବ୍ୟବହୃତ ହେଉଛି ।

ସୂଚନାଯୋଗ୍ୟ ଯେ ଗତକାଲି ରୁଷିଆ ଏବଂ ୟୁଏଇ ଇରାନ-ଇସ୍ରାଏଲ ଯୁଦ୍ଧକୁ ତୁରନ୍ତ ବନ୍ଦ କରିବା ଲାଗି ଆହ୍ୱାନ ଦେବା ସହିତ କହିଥିଲେ ଯେ ଏହାର ରାଜନୈତିକ ଓ କୂଟନୈତିକ ସାମଧାନ ରାସ୍ତା ବାହାର କରାଯାଉ ।

ଯୁଦ୍ଧରେ ସାମିଲ ନହେବା ଲାଗି ଚୀନ ମଧ୍ୟ ଆମେରିକାକୁ ସତର୍କ କରାଇ ଦେଇଛି । ପ୍ରଥମ ଥର ଲାଗି ତାଙ୍କ ପ୍ରତିକ୍ରିୟାରେ ଚୀନ ରାଷ୍ଟ୍ରପତି ଜିନ୍‌ପିଙ୍ଗ କହିଛନ୍ତି ଯେ ଅନ୍ୟ ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରାଯିବା ଠିକ୍ ନୁହେଁ । ଏହା ମଧ୍ୟପ୍ରାଚ୍ୟରେ ବିପଜ୍ଜନକ ସ୍ଥିତି ସୃଷ୍ଟିବ । ଏଥିରୁ ବିରତ ରହିବା ଲାଗି ସେ ଆମେରିକାକୁ ପରାମର୍ଶ ଦେଇଛନ୍ତି । ମାମଲାର ଆପୋଷ ସମାଧାନରେ ଚୀନ ଗଠନମୂଳକ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି ।

### ଖାମନେଇଙ୍କୁ ହତ୍ୟା ଧମକ ଦେଲା ଇସ୍ରାଏଲ

ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମନେଇଙ୍କୁ ହତ୍ୟା କରିବାକୁ ପଡ଼ିବ । ତାଙ୍କୁ ବଞ୍ଚିବାକୁ ଦିଆଯିବା ଉଚିତ ନୁହେଁ । ଏଭଳି ଧମକ ଦେଇଛନ୍ତି ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ କାଟ୍‌ଜ । ଇସ୍ରାଏଲ ଉପରେ ଇରାନର ଭୀଷଣ କ୍ଷେପଣାସ୍ତ୍ର ଆକ୍ରମଣ ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ ଇସ୍ରାଏଲକୁ ଧ୍ୱଂସ କରିବା ହେଉଛି ଖାମନେଇଙ୍କ ମୂଳ ଲକ୍ଷ୍ୟ । ତାଙ୍କ ନିର୍ଦ୍ଦେଶରେ ଇସ୍ରାଏଲର ମେଡିକାଲ ଉପରେ ଇରାନୀ ସେନା କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି । ଏଥିରେ କ୍ଷତି ହୋଇଥିବା ସ୍ୱୀକାର କରି ସେ କହିଛନ୍ତି ଯେ ଖାମନେଇ ଯେଉଁଠି ଲୁଚିଥିଲେ ମଧ୍ୟ ତାଙ୍କୁ ଠାବ କରି ଇସ୍ରାଏଲୀ ସେନା ହତ୍ୟା କରିପାରିବେ । ଯୁଦ୍ଧ ଆରମ୍ଭରୁ ଇସ୍ରାଏଲର ଏଭଳି ଯୋଜନା ଥିଲେ ମଧ୍ୟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରଣ କରିବାରୁ ଇସ୍ରାଏଲ ତାର ଏହି ଯୋଜନାରେ ଆଗେଇ ପାରିନାହିଁ ।

# ୯ ଟି ଦେଶ ପାଖରେ ୯ ୯୦୦ ପରମାଣୁ ଅସ୍ତ୍ର, ରୁଷିଆରେ ସର୍ବାଧିକ

ଷ୍ଟକହାମ୍, ୧୯ ।୬(ଏଜେନ୍ସି): ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଚାଲିଥିବା ଭୟାଭୟ ଯୁଦ୍ଧର ମୂଳ କାରଣ ହେଉଛି ପରମାଣୁ ଅସ୍ତ୍ର । ଇରାନ ପରମାଣୁ ଅସ୍ତ୍ର ତିଆରୀ କରୁଛି ଏବଂ ଏହା ଇସ୍ରାଏଲ ପ୍ରତି ବିପଦ ବୋଲି କହୁଛି ଇସ୍ରାଏଲ । ଏହି କାରଣରୁ ଇରାନର ପରମାଣୁ କେନ୍ଦ୍ର ଧ୍ୱଂସ ପାଇଁ ଲାଗି ପଡ଼ିଛନ୍ତି ଉଭୟ ଇସ୍ରାଏଲ ଏବଂ ଆମେରିକା । ଇରାନ ଏହା ପାଖରେ କୌଣସି ପରମାଣୁ ଅସ୍ତ୍ର ନାହିଁ କି ଏହାର ଏଭଳି କୌଣସି ଯୋଜନା ନାହିଁ ବୋଲି କହୁଛି । କିନ୍ତୁ ଆମେରିକା ଓ ଇସ୍ରାଏଲ ଏହା ମାନିବାକୁ ନାରାଜ । ଏଭଳି ସ୍ଥିତିରେ କେଉଁ ଦେଶ ପାଖରେ କେତେ ପରମାଣୁ ଅସ୍ତ୍ର ରହିଛି, ତାହାକୁ ନେଇ ଲୋକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି ହେବା ସ୍ୱାଭାବିକ । ଏପର୍ଯ୍ୟନ୍ତ ନିଜ ପାଖରେ ପରମାଣୁ ଅସ୍ତ୍ରଶସ୍ତ୍ର ରଖିଛନ୍ତି ବୋଲି ୯ଟି ଦେଶ ଦାବି କରିଛନ୍ତି । ଏବେ ୯ଟି ଦେଶ ପାଖରେ ୯ ହଜାର ୯୦୦ରୁ ଅଧିକ ପରମାଣୁ ଅସ୍ତ୍ର ରହିଛି ବୋଲି ଷ୍ଟକହାମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଆକଳନ କରିଛି । ପ୍ରଥମେ ୫ଟି ଦେଶ ଯଥା ଆମେରିକା, ରୁଷିଆ, ଫ୍ରାନ୍ସ, ଚୀନ୍ ଓ ବ୍ରିଟେନ ପାଖରେ ପରମାଣୁ ଅସ୍ତ୍ର ରହିଥିଲା । ଏହି ୫ଟି ଦେଶ ପରମାଣୁ ଅପ୍ରସାର ସନ୍ଧି(ଏନ୍‌ପିଟି)ରେ ସ୍ୱାକ୍ଷର କରିଛନ୍ତି । ଏହା ଅନୁସାରେ ଯେଉଁ ଦେଶଗୁଡିକ ପାଖରେ ପରମାଣୁ ଅସ୍ତ୍ର ନାହିଁ, ସେମାନେ ପରମାଣୁ ଅସ୍ତ୍ର ତିଆରି କରିବେ ନାହିଁ ଓ ଏହାକୁ ହାସଲ କରିବେ ନାହିଁ । ପୁଣି ଯେଉଁ ଦେଶଗୁଡିକ ପାଖରେ ପରମାଣୁ ଅସ୍ତ୍ର ରହିଛି, ସେହି ଦେଶଗୁଡିକ ପରମାଣୁ ନିରସ୍ତ୍ରୀକରଣ ଉଦ୍ଦେଶ୍ୟରେ ସଦ୍‌ଭାବନାପୂର୍ବକ ଆଲୋଚନା ଜାରି ରଖିବେ । ଏହି ୫ଟି ଦେଶକୁ ବାଦ୍ ଦେଲେ ଦକ୍ଷିଣ ଏସିଆର ଦୁଇ ପାରମ୍ପରିକ ପ୍ରତଦ୍ୱନ୍ଦୀ ଭାରତ ଓ ପାକିସ୍ତାନ ସମେତ ଇସ୍ରାଏଲ ଏବଂ ଉତ୍ତରକୋରିଆ ପାଖରେ ମଧ୍ୟ ପରମାଣୁ ଅସ୍ତ୍ର ରହିଛି । ରୁଷିଆ ପାଖରେ ସର୍ବାଧିକ ୪, ୩୦୯ ଏବଂ ଉତ୍ତରକୋରିଆ ପାଖରେ ସର୍ବନିମ୍ନ ୫୦ଟି ପରମାଣୁ ଅସ୍ତ୍ର ରହିଛି । ଭାରତ ଓ ପାକିସ୍ତାନ ପାଖରେ ଯଥାକ୍ରମେ ୧୮୦ ଓ ୧୭୦ଟି ପରମାଣୁ ଅସ୍ତ୍ର ରହିଛି ।

ଭାରତ ପ୍ରଥମଥର ପାଇଁ ୧୯୭୪ରେ ପୋଖରାନ୍‌ରେ ପରମାଣୁ ପରୀକ୍ଷଣ କରିଥିଲା । ଏହାପରେ ଭାରତ ୧୯୯୮ରେ ମଧ୍ୟ ଏହାକୁ ଦୋହରାଇଥିଲା । ଏହାର କିଛି ସପ୍ତାହ ପରେ ପାକିସ୍ତାନ ମଧ୍ୟ ପରମାଣୁ ଅସ୍ତ୍ର ପରୀକ୍ଷଣ କରିଥିଲା । ଭାରତ ଓ ପାକିସ୍ତାନ ପରମାଣୁ ପରୀକ୍ଷଣ କରିଥିଲେ ମଧ୍ୟ ଏନ୍‌ପିଟିରେ ସ୍ୱାକ୍ଷର କରିନାହାନ୍ତି । ଇସ୍ରାଏଲ ନିଜ ପାଖରେ ପରମାଣୁ ଅସ୍ତ୍ର ରଖିଛି ବୋଲି କେବେ ଦାବି କରିନାହିଁ । କିନ୍ତୁ ଇସ୍ରାଏଲ ଏହି ବିଧ୍ୱଂସକାରୀ ଅସ୍ତ୍ର ରଖିଛି ବୋଲି ବିଶ୍ୱାସ କରାଯାଉଛି । ଇସ୍ରାଏଲ ମଧ୍ୟ ଏନ୍‌ପିଟିରେ ସ୍ୱାକ୍ଷର କରିନାହିଁ । ୧୯୮୫ରେ ଉତ୍ତର କୋରିଆ ଏନ୍‌ପିଟିରେ ସ୍ୱାକ୍ଷର କରିଥିଲେ ମଧ୍ୟ ୨୦୦୩ରେ ସେଥିରୁ ଓହରିଯାଇଥିଲା । ଆମେରିକାର ଆକ୍ରମଣାତ୍ମକ ଆଭିମୁଖ୍ୟକୁ ବାହାନା କରି ଉତ୍ତର କୋରିଆ ଏହି ନିଷ୍ପତ୍ତି ନେଇଥିଲା । ଏହାପରେ ୨୦୦୬ଠାରୁ ଉତ୍ତର କୋରିଆ ଏକାଧିକବାର ପରମାଣୁ ପରିକ୍ଷା କରି ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଛି ।

| କାହା ପାଖରେ କେତେ | |
|---|---|
| ରୁଷିଆ | ୪, ୩୦୯ |
| ଆମେରିକା | ୩, ୭୦୦ |
| ଚୀନ୍ | ୬୦୦ |
| ଫ୍ରାନ୍ସ | ୨୯୦ |
| ୟୁକେ | ୨୨୫ |
| ଭାରତ | ୧୮୦ |
| ପାକିସ୍ତାନ | ୧୭୦ |
| ଇସ୍ରାଏଲ | ୯୦ |
| ଉତ୍ତର କୋରିଆ | ୫୦ |

# ଦୁଇଟି ବିମାନର ଜରୁରୀ ଅବତରଣ



ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ଗୁରୁବାର ଦୁଇଟି ବିମାନର ଇମର୍ଜେନ୍ସି ଲ୍ୟାଣ୍ଡିଂ ହୋଇଛି । ଦିଲ୍ଲୀରୁ ଲେହ ଯାଉଥିବା ଇଣ୍ଡିଗୋ ବିମାନ ୬ଇ୨୦୦୬ ବୈଷୟିକ ତ୍ରୁଟି କାରଣରୁ ଗୁରୁବାର ସକାଳେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଥିଲା । ଏଥିରେ କ୍ରୁ ମେମ୍ବରଙ୍କ ସମେତ ୧୮୦ ଜଣ ଲୋକ ରହିଥିଲେ । ଏହାକୁ ବାଦ୍ ଦେଲେ ସ୍ପାଇସ୍ ଜେଟ୍ ବିମାନ ଏସ୍‌ଜି ୨୬୯୬ ଉଡାଣ ଆରମ୍ଭ କରିବାର ୧୦ ମିନିଟ୍ ପରେ ପ୍ରତ୍ୟାବର୍ତ୍ତନ କରିଥିଲା । ଏହି ବିମାନ ହାଇଦରାବାଦ୍‌ରୁ ତିରୁପତି ଯାଉଥିଲା ଓ ଏଥିରେ ୮୦ ଯାତ୍ରୀ ଥିଲେ । ଟେକ୍‌ଅଫ୍ ପରେ ବିମାନର ପଛ ଗେଟ୍‌ରେ କିଛି ସମସ୍ୟା ଥିଲା ବୋଲି ପାଇଲଟ୍ ସଙ୍କେତ ଦେଇଥିଲେ । ଫଳରେ ବିମାନକୁ ଏୟାରପୋର୍ଟକୁ ଫେରାଇ ଅଣାଯାଇଥିଲା । ଏହାପୂର୍ବରୁ ବୁଧବାର ଏୟାର ଇଣ୍ଡିଆର ୩ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଥିଲା । ଏଗୁଡିକ ହେଲ ଦିଲ୍ଲୀ-ବାଲି, ଟରଣ୍ଟୋ- ଦିଲ୍ଲୀ ଓ ଦୁବାଇ- ଦିଲ୍ଲୀକୁ ଯାଉଥିବା ବିମାନ । ପୂର୍ବରୁ ୧୭ ତାରିଖ ଅର୍ଥାତ୍ ମଙ୍ଗଳବାର ଏୟାର ଇଣ୍ଡିଆର ୭ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଥିଲା । ସେହିପରି ଗତ ୧୨ରୁ ୧୭ତ ତାରିଖ ମଧ୍ୟରେ ଏୟାର ଇଣ୍ଡିଆର ମୋଟ୍ ୬୬ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଥିଲା । ଗତ ୧୨ ତାରିଖରେ ଅହମଦାବାଦ୍ ବିମାନ ଦୁର୍ଘଟଣା ପରେ ବିଭିନ୍ନ କାରଣରୁ ଏହି ସବୁ ଫ୍ଲାଇଟ୍‌କୁ ବାତିଲ କରାଯାଇଛି ।

## ୨୧୧ ମୃତକଙ୍କ ଡିଏନ୍‌ଏ ମ୍ୟାଚ୍; ୧୮୯ ମୃତଦେହ ହସ୍ତାନ୍ତର

ଅହମଦାବାଦ୍, ୧୯ ।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୨୧୧ ଜଣ ମୃତକଙ୍କ ଡିଏନ୍‌ଏ ଟେଷ୍ଟ ଦ୍ୱାରା ପରିଚୟ ମିଳିସାରିଛି । ସେହିପରି ୧୮୯ଟି ମୃତଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି । ଏ ନେଇ ଗୁଜରାଟ ସ୍ୱାସ୍ଥ୍ୟ ମନ୍ତ୍ରୀ ଋଷିକେଶ ପଟେଲ ସୂଚନା ଦେଇଛନ୍ତି । ହସ୍ତାନ୍ତର ହୋଇଥିବ ମୃତଦେହଗୁଡିକ ମଧ୍ୟରୁ ୧୩୧ ଜଣ ଭାରତୀୟ, ୪ ଜଣ ପର୍ତ୍ତୁଗାଲ, ୩୦ ଜଣ ବ୍ରିଟିଶ ଓ ଜଣେ କାନାଡା ନାଗରିକ ସାମିଲ ରହିଛନ୍ତି । ଏଗୁଡିକ ମଧ୍ୟରୁ ୬ଜଣ ଅଣଯାତ୍ରୀ ଥିଲେ । ଦୁର୍ଘଟଣା ପରେ ୭୧ ଜଣଙ୍କୁ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏମାନଙ୍କ ମଧ୍ୟରୁ ୭ ଜଣଙ୍କର ଚିକିତ୍ସା ଏବେ ଚାଲୁଛି ଓ ବାକି ସବୁ ଘରକୁ ଫେରିସାରିଛନ୍ତି । ଉଲ୍ଲେଖଥାଉ କି, ଜୁନ୍ ୧୨ ତାରିଖରେ ବିମାନ ଦୁର୍ଘଟଣା ଘଟିଥିଲା ଓ ଏଥିରେ ୨୪୧ଜଣ ମୃତ୍ୟୁବରଣ କରିଥିଲେ । ଏମାନଙ୍କ ମଧ୍ୟ ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ ମଧ୍ୟ ସାମିଲ ଥିଲେ । ସମ୍ପୂର୍ଣ୍ଣ ରାଜକୀୟ ସମ୍ମାନ ସହ ତାଙ୍କୁ ଅନ୍ତେଷ୍ଟି କ୍ରିୟା ସମାପନ ହୋଇଛି ।



# ଇରାନରୁ ଫେରିଲେ ୧୧୦ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଆହୁରି ଭୟଙ୍କର ରୂପ ଧାରଣ କରିଛି । ଇରାନରେ ଅଧ୍ୟୟନରତ ୧୧୦ ଛାତ୍ରଛାତ୍ରୀ ସୁରକ୍ଷିତ ଭାବେ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏମାନେ ଇରାନର ଉର୍ମିଆ ମେଡିକାଲ ୟୁନିଭର୍ସିଟିରେ ପଢୁଛନ୍ତି । ଏମାନଙ୍କ ମଧ୍ୟରୁ ୯୦ ଜଣ ଛାତ୍ର କେବଳ କଶ୍ମୀରର । ଯୁଦ୍ଧ କାରଣରୁ ଇରାନରେ ଫସି ରହିଥିବା ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣିବାକୁ ଭାରତ ସରକାର 'ଅପରେସନ ସିନ୍ଧୁ' ଆରମ୍ଭ କରିଛନ୍ତି । ଯୁଦ୍ଧ ପାଇଁ ଇରାନ ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି । ଖାସ୍ କରି ରାଜଧାନୀ ତେହରାନରେ ସ୍ଥିତି ସବୁଠାରୁ ଖରାପ୍ ହୋଇଛି ବୋଲି ଦିଲ୍ଲୀରେ ପହଞ୍ଚିବା ପରେ ଜଣେ ଛାତ୍ର କହିଛନ୍ତି । ମଙ୍ଗଳବାର ଏହି ଛାତ୍ରଛାତ୍ରୀମାନଙ୍କୁ ଆର୍ମେନିଆ ଆଣାଯାଇଥିଲା । ଏମାନଙ୍କୁ ରାଜଧାନୀ ୟେରେଭେନ୍‌ର ଏକ ହୋଟେଲରେ ରହିବାର ବ୍ୟବସ୍ଥା କରାଯାଇଥିଲା । ଏହାପରେ ଏମାନଙ୍କୁ କତାର ରାଜଧାନୀ ଦୋହା ଦେଇ ଭାରତ ଅଣାଯାଇଥିଲା । ଇଣ୍ଡିଗୋର ଏକ ବିମାନ ୟେରେଭେନ ବିମାନ ବନ୍ଦରରୁ ଛାତ୍ରଙ୍କୁ ନେଇ ଦୋହା ଯାଇଥିଲା । ଦୋହାରୁ ଏହି ଫ୍ଲାଇଟ୍ ଦିଲ୍ଲୀ ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରକୁ ଅଣାଯାଇଥିଲା । ଏବେ ମଧ୍ୟ ଇରାନ୍‌ରେ ୧,୫୦୦ ଛାତ୍ରଛାତ୍ରୀଙ୍କ ସମେତ ୧୦ ହଜାର ଭାରତୀୟ ଫସି ରହିଛନ୍ତି । ବିମାନ ବନ୍ଦର ବନ୍ଦ ରହିଥିଲେ ମଧ୍ୟ ଦେଶର ସୀମା ଖୋଲା ରହିଛି ବୋଲି ଇରାନ ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି । ତେଣୁ ଫସି ରହିଥିବା ବିଦେଶୀ ନାଗରିକ ସେମାନଙ୍କୁ ଦେଶକୁ ଫେରିବାର କୌଣସି ଅସୁବିଧା ନାହିଁ ବୋଲି ସରକାରଙ୍କ ତରଫରୁ କୁହାଯାଇଛି ।

# ଏଲନ୍ ମସ୍କଙ୍କ ରକେଟ ପରୀକ୍ଷା ବେଳେ ବିସ୍ଫୋରଣ



ଟେକ୍ସାସ, ୧୯ ।୬(ଏଜେନ୍ସି): ବିଶ୍ୱର ସବୁଠାରୁ ବିତ୍ତଶାଳୀ ବ୍ୟବସାୟୀ ଏଲନ ମସ୍କଙ୍କ ସ୍ପେଶ୍ ଏକ୍ସ ଷ୍ଟାରସିପ୍-୩୬ ରକେଟ୍ ଟେଷ୍ଟ ଅବସରରେ ହଠାତ ବିସ୍ଫୋରଣ ଶିକାର ହେବା ସହ ଜଳିଯାଇଛି । ବୁଧବାର ଆମେରିକାର ଟେକ୍ସାସ୍‌ର ଷ୍ଟାରବେସ୍ ଟେଷ୍ଟିଂ ସାଇଟ୍‌ରେ ଘଟିଥିବା ଏହି ଘଟଣା ମଙ୍ଗଳ ଗ୍ରହ ଅଭିଯାନକୁ ଶକ୍ତ ଝଟ୍‌କା ଦେଇଛି । ବିସ୍ଫୋରଣ ପରେ ବହୁ ଦୂରକୁ ନିଆଁ ଓ ଧୂଆଁ ଦେଖିବାକୁ ମିଳିଥିଲା । ଭାରତୀୟ ସମୟ ଅନୁସାରେ ଗୁରୁବାର ସକାଳ ୯.୩୦ରେ ଏହି ବିସ୍ଫୋରଣ ହୋଇଥିଲା । ଟେଷ୍ଟ ଆରମ୍ଭ ହେବାର ଠିକ୍ ପୂର୍ବରୁ ଯେଉଁଠାରେ ଇନ୍ଧନ ନିଆଯାଇଥାଏ ଅର୍ଥାତ ରକେଟ୍ ଉପରେ ଭାଗରେ ହିଁ ଅଚାନକ ବିସ୍ଫୋରଣ ହୋଇଥିଲା । ଦେଖୁ ଦେଖୁ ସମ୍ପୂର୍ଣ୍ଣ ରକେଟ୍ ନିଆଁ ପିଣ୍ଡୁଳାରେ ପରିଣତ ହୋଇଥିଲା । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଆଖପାଖରେ ଥିବା ଘରଗୁଡିକର କବାଟ ଓ ଝରକା ମଧ୍ୟ ହଲି ଯାଇଥିଲା । ଟେଷ୍ଟିଂ ପୂର୍ବରୁ ସୁରକ୍ଷାର ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଥିଲା । ଫଳରେ କୌଣସି ଲୋକ ମୃତାହତ ହୋଇ ନାହାନ୍ତି । କିନ୍ତୁ ଏହି ଘଟଣାରେ ପ୍ରଭୁତ ଆର୍ଥିକ କ୍ଷତି ଘଟିଛି । ରକେଟରେ ଇନ୍ଧନ ଭରିବାର ପ୍ରକ୍ରିୟା ଆରମ୍ଭ ହେବା ପରେ ହିଁ ବିସ୍ଫୋରଣ ଘଟିଥିଲା । ଏଥିସହ ଚଳିତବର୍ଷ ଷ୍ଟାରଶିପ୍‌ର କ୍ରମାଗତ ୩ଟି ପରୀକ୍ଷଣ ବିଫଳ ହୋଇଛି । ଏହି ଷ୍ଟାରଶିପ୍ ଜରିଆରେ ମଣିଷ ଦିନେ ମଙ୍ଗଳଗ୍ରହ ଯାତ୍ରା କରି ସେଠାରେ ବସତି ସ୍ଥାପନ କରିବ ବୋଲି ଏଲନ ମସ୍କଙ୍କ ଏକ ବଡ଼ ମହତ୍ତ୍ୱାକାଂକ୍ଷୀ ସ୍ୱପ୍ନ ରହିଛି । କିନ୍ତୁ ନିକଟରେ ମସ୍କଙ୍କ ଏହି ସ୍ୱପ୍ନ ସାକାର ହେବା ଭଳି ମନେ ହେଉନାହିଁ ।

# ପାକିସ୍ତାନ-ଲାଡେନ ଇତିହାସକୁ ଭୁଲିଯାଉଛି ଆମେରିକା

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପାକିସ୍ତାନ ସେନାଧକ୍ଷ ଅସିମ ମୁନିରଙ୍କ ସାକ୍ଷାତ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଯେଉଁ ଦେଶ ଆତଙ୍କବାଦୀଙ୍କୁ ସମର୍ଥନ କରୁଛି, ତାକୁ ସମର୍ଥନ କରି ଟ୍ରମ୍ପ ଭୁଲ କରୁଛନ୍ତି । ଭୟଙ୍କର ଧାର୍ମିକ ଓ ଆତଙ୍କବାଦ ଚିନ୍ତାଧାରା ରଖିଥିବା ଜେନେରାଲ ମୁନିରଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ଡାକି ଟ୍ରମ୍ପ ଦୋମୁହାଁ ନୀତି ଧରିଛନ୍ତି । ଆମେରିକା ଦୁର୍ଦ୍ଧାନ୍ତ ଆତଙ୍କବାଦୀ ଲାଡେନ ଏବଂ ତାକୁ ପ୍ରଶ୍ରୟ ଦେଇଥିବା ପାକିସ୍ତାନର ଇତିହାସକୁ ଭୁଲିଯିବା ଉଚିତ ନୁ ।ହେଁ । ନ୍ୟୁୟର୍କ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଲାଡେନ ପାକିସ୍ତାନର ଆବୋଟ୍ଟାବାଦରେ ହିଁ ରହିଥିଲା ଓ ଆମେରିକା ତାକୁ ୨୦୧୧ରେ ହତ୍ୟା କରି ଏହାର ପ୍ରତିଶୋଧ ନେଇଥିଲା । ଏଭଳି ଦେଶକୁ ଟ୍ରମ୍ପ କିପରି ପ୍ରୋତ୍ସାହିତ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ସଂସଦ ଶଶୀ ଥରୁର । ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇ ବିଦେଶରୁ ଫେରିଥିବା ଥରୁର କହିଛନ୍ତି ଯେ ପାକିସ୍ତାନ ଆତଙ୍କବାଦକୁ ସମର୍ଥନ ନ କରିବାକୁ ଏବଂ ଆତଙ୍କବାଦୀଙ୍କୁ ତାଲିମ ନଦେବାକୁ ଆମେରିକା ଚେତାବନୀ ଦେବ ବୋଲି ଆମେ ଆଶା କରୁଛୁ । ପାକିସ୍ତାନ ଆତଙ୍କବାଦକୁ ଖୋଲାଖୋଲି ପ୍ରୋତ୍ସାହିତ କରୁଥିବା ବେଳେ ଟ୍ରମ୍ପଙ୍କ ଏଭଳି ଆଚରଣ ଆମକୁ ବିଚଳିତ କରୁଛି ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସରେ ଗତକାଲି ପାକିସ୍ତାନ ସେନାଧକ୍ଷ ଜେନେରାଲ ଅସିମ ମୁନିରଙ୍କ ସହ ଆଲୋଚନା କରିଥିଲେ । ହ୍ୱାଇଟ୍ ହାଉସ୍‌ର କ୍ୟାବିନେଟ୍ ରୁମ୍‌ରେ ଦୁହେଁ ମଧ୍ୟାହ୍ନ ଭୋଜନ କରିଥିଲେ । ପ୍ରଥମଥର ପାଇଁ ଆମେରିକାର କୌଣସି ରାଷ୍ଟ୍ରପତି ପାକିସ୍ତାନ ସେନାଧକ୍ଷଙ୍କ ସହ ଆଲୋଚାନ କରିଛନ୍ତି । ଟ୍ରମ୍ପଙ୍କୁ ଶାନ୍ତି ପାଇଁ ନୋବେଲ ପୁରସ୍କାର ମିଳିବା ଉଚିତ ବୋଲି ମୁନିର ମନ୍ତବ୍ୟ ଦେବା ପରେ ଏଥିରେ ଖୁସି ହୋଇ ଟ୍ରମ୍ପ ତାଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ହ୍ୱାଇଟ୍ ହାଉସ୍ ଡାକିଥିଲେ । ଗତ ମେ ମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ରୋକିବା ନେଇ ହୋଇଥିବା ଅସ୍ତ୍ରବିରତିର ଶ୍ରେୟ ଟ୍ରମ୍ପଙ୍କୁ ଦେଇଥିଲେ ମୁନିର । ଟ୍ରମ୍ପ କହିଛନ୍ତି ଯେ ଅସ୍ତ୍ରବିରତି ପାଇଁ ତାଙ୍କ ପରାମର୍ଶକୁ ମୁନିର ଗ୍ରହଣ କରିଥିଲେ । ନହେଲେ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ହୋଇଯାଇଥାଆନ୍ତା ।

## ପ୍ରଥମଥର ନେତୃତ୍ୱ ନେବେ ଗିଲ୍

# ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍ ଆଜିଠାରୁ

ଲିଡ୍ସ,୧୯।୬ (ଏଜେନ୍ସି):

ନୂଆ ଟିମ୍, ନୂଆ ଅଧିନାୟକ, ନୂଆ ଖେଳାଳିଙ୍କୁ ନେଇ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକ ନୂଆ ଟ୍ରଫି (ତେନ୍ଦୁଲକର-ଆଣ୍ଡରସନ) ଲାଗି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ସିରିଜ୍ ଉଭୟ ଘରୋଇ ଇଂଲଣ୍ଡ ଓ ଭ୍ରମଣକାରୀ ଭାରତୀୟ ଦଳ ଲାଗି ବେଶ ଗୁରୁତ୍ୱପୂର୍ଣ୍ଣ। ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଲାଗି ଏହି ସିରିଜ୍ ସଫଳତାର ଖୋରାକ ଯୋଗାଇବ। ଭାରତୀୟ ଦଳର ନେତୃତ୍ୱରେ ନେବେ ଜଣେ ନୂଆ ଖେଳାଳି ଶୁବମନ ଗିଲ୍। ଇଂଲଣ୍ଡରେ ତାଙ୍କର ମାତ୍ର ୩ଟି ଟେଷ୍ଟ ଖେଳିବାର ଅଭିଜ୍ଞତା ରହିଛି। ତାଙ୍କୁ ପରାମର୍ଶ ଦେବାକୁ ମଧ୍ୟ ଦଳରେ ଅଭିଜ୍ଞ ଖେଳାଳି ନାହାନ୍ତି। ୭ ବର୍ଷ ପରେ ଟେଷ୍ଟ ଦଳକୁ ଫେରିଥିବା କରୁନ ନାୟାର ଇଂଲଣ୍ଡ ଲାୟନ୍ସର ଦୁର୍ବଳ ବୋଲିଂ ବିପକ୍ଷରେ ଶତକୀୟ ପାଳି ଖେଳିଛନ୍ତି। ଏହା ତାଙ୍କୁ ଇଂଲଣ୍ଡ ପରିବେଶ ଓ ଟପ୍ କ୍ଲାସ୍ ବୋଲିଂ ବିପକ୍ଷରେ କେତେ ସହାୟତା କରିବ ତାହା ଖେଳ ଆରମ୍ଭ ପରେ ଜଣାପଡ଼ିବ। ଏଭଳି ସମୟରେ ନୂଆ ଖେଳାଳିମାନେ ଆଗକୁ ଆସିବେ। ଇଂଲଣ୍ଡର ପିଚ୍ ଓ ପରିବେଶରେ ଖାପ୍ ଖୁଆଇବା ଭାରତୀୟଙ୍କ ଲାଗି କଷ୍ଟକର ହେବ। ଦଳ ମଧ୍ୟ ଏହି ପରିବେଶ ସମ୍ପର୍କରେ ବିଶେଷ ଅବଗତ ନୁହେଁ। କିଏ ଫର୍ମରେ ଅଛି ବା ନାହିଁ ତାହା ବଡ଼ କଥା ନୁହେଁ, ଏଭଳି ପରିବେଶରେ କିଏ ଖାପ୍ ଖୁଆଇ ଖେଳିବ ତାହା ଉପରେ ସବୁକିଛି ନିର୍ଭର କରେ। ଇଂଲଣ୍ଡରେ ଗିଲ୍ ମାତ୍ର ୩ଟି ଟେଷ୍ଟ ଖେଳି ୮୮ ରନ୍ କରିଛନ୍ତି। ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ଋଷଭ ପନ୍ତ୍ ଓ ରବୀନ୍ଦ୍ର ଜାଡେଜାଙ୍କ ଉପରେ ବ୍ୟାଟିଂ ନିର୍ଭର କରିବ। ଏମାନେ କିଛି ନ କିଛି ଟେଷ୍ଟରେ ପ୍ରଦର୍ଶନ କରିଛନ୍ତି।

ବୋଲିଂରେ ଭାରତର ପେସ୍ ବାହିନୀ ପ୍ରତିପକ୍ଷ ଇଂଲଣ୍ଡକୁ ଟକ୍କର ଦେବା ସ୍ଥିତିରେ ରହିଛି। ଇଂଲିଶ ବୋଲରଙ୍କ ଅପେକ୍ଷା ଯଶପ୍ରୀତ୍ ବୁମ୍‌ରାଙ୍କ ନେତୃତ୍ୱରେ ଗଠିତ ଭାରତୀୟ ପେସ୍ ବାହିନୀ ନିକଟରେ ଦକ୍ଷତା ରହିଛି। କିନ୍ତୁ ଇଂଲଣ୍ଡ ବ୍ୟାଟରଙ୍କ ତୁଳନାରେ ଭାରତୀୟ ବ୍ୟାଟରଙ୍କ ଅଭିଜ୍ଞତାର ଅଭାବ ରହିଛି। ଇଂଲଣ୍ଡ ପରିବେଶ କିପରି ଭାରତକୁ ସୁହାଇବ ତାହା ଉପରେ କେବଳ ଏହି ମ୍ୟାଚ୍ ନୁହେଁ ବରଂ ସିରିଜ୍ ନିର୍ଭର କରିବ।

ଅନ୍ୟ ପକ୍ଷରେ ଇଂଲଣ୍ଡ ଦଳରେ ରହିଛନ୍ତି ଅଭିଜ୍ଞ ବ୍ୟାଟର ଜୋ ରୁଟ୍ ଓ ବେନ୍ ଷ୍ଟୋକ୍ସ। ଏମାନେ ଏକା ଏକା ଟେଷ୍ଟର ମୋଡ ବଦଳାଇପାରିବାର ଦକ୍ଷତା ରଖିଛନ୍ତି। ଓପନର ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ ଓ ହ୍ୟାରୀ ବ୍ରୁକ୍ ମଧ୍ୟ ବେଶ ଦକ୍ଷ। ଏମାନେ ଭାରତୀୟ ବୋଲରଙ୍କ ଲାଗି ସମସ୍ୟା ସୃଷ୍ଟି କରିବେ। ସେ ଯାହା ହେଉ ଅଭିଜ୍ଞତା ଓ ପରିବେଶରେ ଇଂଲଣ୍ଡ ଭ୍ରମଣକାରୀ ଭାରତଠାରୁ ସାମାନ୍ୟ ଆଗୁଆ ରହିଛି।

ଦୁଇ ଦେଶ ମଧ୍ୟରେ ଟେଷ୍ଟ ରେକର୍ଡ ଯାହା ହେଉନା କାହିଁକି ଗତଥର ଏଠାରେ ଆୟୋଜିତ ଟେଷ୍ଟ ସିରିଜ୍ ବେଶ ରୋମାଞ୍ଚକ ମୁକାବିଲା ହୋଇଥିଲା। ଏହି ସିରିଜ୍ ଖେଳିଥିବା ରାହୁଲ, ବୁମ୍‌ରା ଓ ଜାଡେଜା ଦଳକୁ ଫାଇଦାରେ ରଖିବେ ବୋଲି ଆଶା କରାଯାଉଛି।



### ଖେଳାଳି ତାଲିକା

**ଭାରତର ସମ୍ଭାବ୍ୟ ଏକାଦଶ:** ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, କରୁନ ନାୟାର, ଶୁବମନ ଗିଲ୍ (ଅଧିନାୟକ), ସାଇ ସୁଦର୍ଶନ, ଋଷଭ ପନ୍ତ୍ (ୱିକେଟ ରକ୍ଷକ/ ଉପଅଧିନାୟକ), ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା।

**ଇଂଲଣ୍ଡ ଏକାଦଶ:** ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟ ରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ସୋଏବ ବଶିର।

### ଖେଳ ସମୟ

**ପ୍ରଥମ ସେସନ:** ଅପରାହ୍ଣ ୩ଟା ୩୦ରୁ ୫ଟା ୩୦
**ଦ୍ୱିତୀୟ ସେସନ:** ସନ୍ଧ୍ୟା ୫ଟା ୩୦ରୁ ରାତି ୭ଟା ୩୦
**ତୃତୀୟ ସେସନ:** ରାତି ୮ଟା ୧୦ରୁ ଖେଳ ଶେଷ ପର୍ଯ୍ୟନ୍ତ

**ପ୍ରସାରଣ:** ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହଟ୍‌ଷ୍ଟାର, ଡିଡି ସ୍ପୋର୍ଟ୍ସ

### ପିଚ୍ ଓ ରେକର୍ଡ

ଏଠାରେ ପିଚ୍ ସାଧାରଣତଃ ଫାଷ୍ଟ ବୋଲରଙ୍କୁ ସୁହାଇଥାଏ। ଏଠାରେ ଯେଉଁ ଦଳ ଟସ୍ ଜିତିବ ସେହି ଦଳ ପ୍ରଥମେ ବ୍ୟାଟିଂ କରିବାକୁ ପସନ୍ଦ କରିବ। ପିଚ୍‌ରେ ଘାସ ରହିଛି ଓ ଏହା ବୋଲରଙ୍କୁ ସୁହାଇବ। କିନ୍ତୁ ଏଠାରେ ପାଗ ଭଲ ରହିଛି। ଖେଳ ଆରମ୍ଭ ହେବା ପରେ ପିଚ୍ ନିଶ୍ଚିତଭାବେ ବ୍ୟାଟରଙ୍କୁ ସୁହାଇବ ବୋଲି ଆଶା କରାଯାଉଛି। ଏଠାରେ ଭାରତ ୭୮ ରନ୍‌ରେ ଆଉଟ ହୋଇଥିଲା। ଏଠାରେ ମଧ୍ୟ ଦଳ ୬୨୮ ରନ୍‌ର ଦ୍ୱିତୀୟ ସର୍ବାଧିକ ସ୍କୋର ସଂଗ୍ରହ କରିଛି। ଏଣୁ ଦଳ ପ୍ରଥମେ ବ୍ୟାଟିଂକୁ ଏଡାଇଗଲେ, ଫାଇଦାରେ ରହିବ। ଇଂଲଣ୍ଡରେ ଦୁଇଦଳ ଏଯାଏ ୬୭ଟି ଟେଷ୍ଟ ଖେଳିଛି। ଏହା ମଧ୍ୟରୁ ଭାରତ କେବଳ ୯ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଗତ ସିରିଜ୍‌ରେ ଭାରତ ୨ଟି ଟେଷ୍ଟ ଜିତିଥିଲା। ଏଥର ସବୁ ନୂଆରେ ଖେଳୁଥିବା ଭାରତ କିଭଳି ଖେଳିବ ତାହା ପିଚ୍ ଓ ପରିବେଶ ଉପରେ ନିର୍ଭର କରୁଛି।



## ଉନ୍ମୋଚିତ ହେଲା ଆଣ୍ଡରସନ-ତେନ୍ଦୁଲକର ଟ୍ରଫି

ଲଣ୍ଡନ, ୧୯।୬ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଶୁକ୍ରବାରଠାରୁ ପ୍ରତୀକ୍ଷିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବାକୁଯାଉଛି। ଏହାର ଦିନକ ପୂର୍ବରୁ ଗୁରୁବାର ସିରିଜର ଟ୍ରଫି ଉନ୍ମୋଚିତ ହୋଇଛି। ଦୁଇ କିମ୍ବଦନ୍ତୀ କ୍ରିକେଟର୍ ଇଂଲଣ୍ଡର ଜେମ୍ସ ଆଣ୍ଡରସନ ଓ ଭାରତର ସଚିନ ତେନ୍ଦୁଲକରଙ୍କ ସମ୍ମାନାର୍ଥେ ଏଥର ଏହି ସିରିଜକୁ 'ଆଣ୍ଡରସନ-ତେନ୍ଦୁଲକର ଟ୍ରଫି' ନାମରେ ନାମିତ କରାଯାଇଛି। ଏହି ଦୁଇ ମହାନ କ୍ରିକେଟର୍ ଉପସ୍ଥିତ ରହି ନିଜ ନାମରେ ନାମିତ ହୋଇଥିବା ଟ୍ରଫିକୁ ଉନ୍ମୋଚିତ କରିଥିଲେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଇଂଲଣ୍ଡ ମାଟିରେ ଭାରତ ଖେଳୁଥିବା ଟେଷ୍ଟ ସିରିଜର ନାମ ପୂର୍ବତନ କ୍ରିକେଟର୍ ଏମ୍ଏକେ ପଟୌଦୀଙ୍କ ନାମରେ 'ପଟୌଦୀ ଟ୍ରଫି' ପ୍ରଦାନ କରାଯାଉଥିଲା। କିନ୍ତୁ ଆୟୋଜକ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଏଥର ସିରିଜର ନାମକୁ ପରିବର୍ତ୍ତନ କରି ଆଣ୍ଡରସନ ଓ ତେନ୍ଦୁଲକରଙ୍କ ନାମରେ ନାମିତ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ସଚିନଙ୍କ ଅନୁରୋଧକ୍ରମେ 'ପଟୌଦୀ'ଙ୍କ ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ଏହି ଟେଷ୍ଟ ସିରିଜର ବିଜୟୀ ଅଧିନାୟକଙ୍କୁ 'ପଟୌଦୀ ପଦକ' ପ୍ରଦାନ କରିବା ନେଇ ନିଷ୍ପତ୍ତି ହୋଇଥିଲା। ସଚିନ ଓ ଆଣ୍ଡରସନ ଟେଷ୍ଟ କ୍ରିକେଟ୍‌ରେ ନିଜ ନିଜ ଦେଶ ପାଇଁ ଅତୁଳନୀୟ ଅବଦାନ ପ୍ରଦାନ କରି ଅବସର ନେଇଛନ୍ତି। ସଚିନ ୨୦୦ ଟେଷ୍ଟ ଖେଳି ୧୫,୯୨୧ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୫୧ ଶତକ ଓ ୬୮ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ସେହିଭଳି ଆଣ୍ଡରସନ ୧୮୮ ଟେଷ୍ଟ ଖେଳି ୭୦୪ ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି।

## ମୁଁ ମହିଳା କ୍ରିକେଟ୍ ଖେଳିବାକୁ ଯୋଗ୍ୟ: ଅନନ୍ୟା ବାଙ୍ଗର୍

ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ସଞ୍ଜୟ ବାଙ୍ଗରଙ୍କ ସନ୍ତାନ ଅନନ୍ୟା ବାଙ୍ଗର ଟ୍ରାନ୍ସଜେଣ୍ଡର କ୍ରିକେଟ୍ ଖେଳାଳିଙ୍କୁ ସମର୍ଥନ କରିବା ଲାଗି ପ୍ରୟାସ ଆରମ୍ଭ କରିଛନ୍ତି।



ଏଥିଲାଗି ଅନନ୍ୟା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଓ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଚିଠି ଲେଖି ଟ୍ରାନ୍ସଜେଣ୍ଡର କ୍ରିକେଟର୍‌ଙ୍କୁ ସମର୍ଥନ ଜଣାଇବା ଲାଗି ଅପିଲ୍ ମଧ୍ୟ କରିଛନ୍ତି। ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ୮ ପୃଷ୍ଠା ସମ୍ବଳିତ ଏକ ସାଇଣ୍ଟିଫିକ୍ ରିପୋର୍ଟ ଶେୟାର କରି ଅନନ୍ୟା କହିଛନ୍ତି, 'ବୈଜ୍ଞାନିକ ଭାବେ ସେ ମହିଳା କ୍ରିକେଟ୍ ଖେଳିବାକୁ ବର୍ତ୍ତମାନ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏବେ ପ୍ରଶ୍ନ ଉଠୁଛି ଦୁନିଆ ଏହି ସତକୁ ସ୍ୱୀକାର କରିବା ଲାଗି ପ୍ରସ୍ତୁତ ଅଛି ତ।' ତାଙ୍କର ଏହି ପୋଷ୍ଟ ଖୁବ୍ ଭାଇରାଲ ହେବାରେ ଲାଗିଛି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିର ନିୟମ ଅନୁଯାୟୀ, ବର୍ତ୍ତମାନ ଟ୍ରାନ୍ସଜେଣ୍ଡର କ୍ରିକେଟର୍‌ଙ୍କୁ ମହିଳା କ୍ରିକେଟ୍‌ରେ ଖେଳିବାକୁ ଅନୁମତି ପ୍ରଦାନ କରାଯାଉନାହିଁ। ୨୦୨୩ ବିଶ୍ୱକପ୍ ସମୟରେ ବସିଥିବା ଆଇସିସି ବୋର୍ଡ ବୈଠକରେ ଏନେଇ ନିଷ୍ପତ୍ତି ହୋଇଥିଲା। ଉଲ୍ଲେଖଯୋଗ୍ୟ, ୨୩ ବର୍ଷୀୟ ଅନନ୍ୟା, ୧ ବର୍ଷ ଧରି ହର୍‌ମୋର୍ନ ରିପ୍ଲେସମେଣ୍ଟ ଥେରାପି ଜରିଆରେ ପୁରୁଷରୁ ମହିଳା ବନିଛନ୍ତି। ଏଥିଲାଗି ମାଞ୍ଚେଷ୍ଟର ମେଟ୍ରୋପଲିଟାନ୍ ବିଶ୍ୱବିଦ୍ୟାଳୟ ତାଙ୍କୁ ସମସ୍ତ ସହାୟତା ପ୍ରଦାନ କରିଥିଲା। ପୂର୍ବରୁ ସେ ପୁରୁଷ କ୍ରିକେଟ୍‌ରେ ବିଭିନ୍ନ ବୟସବର୍ଗରେ ପ୍ରତିନିଧିତ୍ୱ କରିସାରିଛନ୍ତି। ମହିଳା ବନିବା ପରେ ସେ କ୍ରିକେଟ୍ ଟ୍ରେନିଂ ଜାରି ରଖିଛନ୍ତି।

### ■ ଆଜି ପ୍ୟାରିସ ଡାଏମଣ୍ଡ ଲିଗ୍

## ୮ ବର୍ଷ ପରେ ଭାଗନେବେ ନୀରଜ

ପ୍ୟାରିସ, ୧୯।୬ (ଏଜେନ୍ସି): ଭାରତୀୟ ତାରକା ଆଥ୍‌ଲେଟ୍ ନୀରଜ ଚୋପ୍ରା ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ପ୍ୟାରିସ ଡାଏମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିବେ। ଏଥିସହ ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ନୀରଜ ଏହି ସମ୍ମାନଜନକ ଇଭେଣ୍ଟରେ ଭାଗନେବେ। ୨୭ ବର୍ଷୀୟ ନୀରଜ ଶେଷଥର ଲାଗି ୨୦୧୭ ପ୍ୟାରିସ ଡାଏମଣ୍ଡ ଲିଗ୍‌ରେ ଜାଭେଲିନ୍ ଫିଙ୍ଗିଥିଲେ। ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ ନୀରଜ ଶୁକ୍ରବାର ଶ୍ରେଷ୍ଠ ପ୍ରଦର୍ଶନ କରି ସିଜନର ପ୍ରଥମ ମେଜର ଟାଇଟଲ୍ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି।



ଏଥିପୂର୍ବରୁ ବର୍ଷ ଆରମ୍ଭରେ ସେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଆମନ୍ତ୍ରଣୀୟ ମିଟ୍‌ରେ ୮୪.୫୨ ମିଟର ଜାଭେଲିନ ଫିଙ୍ଗି ସ୍ୱର୍ଣ୍ଣପଦକ ଜିତିଥିଲେ। କିନ୍ତୁ ଏହି ପ୍ରତିଯୋଗିତା ଏକ ମେଜର ଇଭେଣ୍ଟ ନ ଥିଲା। ତେବେ ଦୋହା ଡାଏମଣ୍ଡ ଲିଗ୍‌ରେ ନୀରଜ କ୍ୟାରିୟର ଶ୍ରେଷ୍ଠ ୯୦.୨୩ ମିଟର ଫିଙ୍ଗିଥିଲେ। ସେ ତାଙ୍କ କ୍ୟାରିୟରରେ ପ୍ରଥମଥର ୯୦ ମିଟର ମାର୍କ ଅତିକ୍ରମ କରିଥିଲେ ମଧ୍ୟ ଦୋହାରେ ଦ୍ୱିତୀୟ ସ୍ଥାନରେ ରହି ରନର୍ସଅପ୍ ହୋଇଥିଲେ। ଜର୍ମାନୀର ଜୁଲିଏନ୍ ୱେବର ଏହି ଇଭେଣ୍ଟରେ ୯୧.୦୬ ମିଟର ଫିଙ୍ଗି ପ୍ରଥମ ସ୍ଥାନ ହାସଲ କରିନେଇଥିଲେ। ତେଣୁ ନୀରଜ ପ୍ୟାରିସ ଡାଏମଣ୍ଡ ଲିଗ୍ ଉପରେ ନଜର ପକାଇଛନ୍ତି। ତେବେ ଦୁଇଥରର ବିଶ୍ୱ ଚାମ୍ପିଅନ ଗ୍ରେନେଡାର ଆଣ୍ଡରସନ ପିଟର୍ସ, ଜର୍ମାନୀ ୱେବର୍‌ଙ୍କ ଭଳି ବିଶ୍ୱର ଶ୍ରେଷ୍ଠ-୬ଜଣ ଜାଭେଲିନ୍ ଫିଙ୍ଗାଳୀ ଏଥିରେ ଅଂଶଗ୍ରହଣ କରୁଥିବାରୁ ନୀରଜଙ୍କ ପାଇଁ ଏଠାରେ ବିଜୟୀ ହେବା କଷ୍ଟସାଧ ହେବ।

### ହକି ମାଷ୍ଟର୍ସ କପ୍

## ଓଡ଼ିଶା ପୁରୁଷ ଜିତିଲେ; ନିରାଶ କଲେ ମହିଳା

ଭୁବନେଶ୍ୱର, ୧୯।୬ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଚାଲିଥିବା ହକି ମାଷ୍ଟର୍ସ କପ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶାକୁ ମିଶ୍ରିତ ଫଳାଫଳ ମିଳିଛି। ଗୁରୁବାର ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ଖେଳାଯାଇଥିବା ପୁରୁଷ ବିଭାଗ ମ୍ୟାଚରେ ଓଡ଼ିଶା ୬-୩ ଗୋଲ୍‌ରେ ପୁଡୁଚେରୀକୁ ପରାସ୍ତ କରିଛି। ତେବେ ଓଡ଼ିଶା ମହିଳା ଦଳ ୧-୩ ଗୋଲ୍‌ରେ ପଞ୍ଜାବ ନିକଟରୁ ହାରିଯାଇଛି।

ହକି ମାଷ୍ଟର୍ସ କପ୍ ପୁରୁଷ ବିଭାଗରେ ପୁଲ୍-ବି'ରେ ସ୍ଥାନ ପାଇଥିବା ଓଡ଼ିଶା ୬-୩ ଗୋଲ୍‌ରେ ଏକପାଖିଆ ଭାବେ ପୁଡୁଚେରୀକୁ ପରାସ୍ତ କରିଥିଲା। ଓଡ଼ିଶା ପାଇଁ ସାଣ୍ଟିଏଲ୍ ମୁଣ୍ଡୁ ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଲାଜରୁସ ବାର୍ଲା, ବେନାର୍ଡ ଲାକ୍ରା ଓ ଲଧୁ ଏକ୍କାଙ୍କ ଷ୍ଟିକ୍‌ରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ବିଜୟ ସହ ୩ ପଏଣ୍ଟ ପାଇଛି ଓଡ଼ିଶା। ଶୁକ୍ରବାର ପଞ୍ଜାବ ବିପକ୍ଷରେ ଓଡ଼ିଶା ଶେଷ ପୁଲ୍ ମ୍ୟାଚ୍ ଖେଳିବ। ଅପରପକ୍ଷରେ ମହିଳା ବିଭାଗରେ ଓଡ଼ିଶା କିନ୍ତୁ ୧-୩ ଗୋଲ୍‌ରେ ପରାଜୟର ସାମ୍ନା କରିଛି। ଓଡ଼ିଶା ପାଇଁ ରଞ୍ଜିତା ବେକ୍ ଏକମାତ୍ର ଗୋଲ୍‌ଟି ଦେଇଥିଲେ। ଅବସରପ୍ରାପ୍ତ ୪୦ ବର୍ଷରୁ ଊର୍ଦ୍ଧ୍ୱ ହକି ଖେଳାଳିଙ୍କୁ ନେଇ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ ପୁରୁଷ ବିଭାଗରେ ୧୧ଟି ଓ ମହିଳାରେ ୮ ଦଳ ଅଂଶଗ୍ରହଣ କରିଛନ୍ତି।

## ବନ୍ଦ ହେବ କି ଆଇଏସ୍ଏଲ୍ !

ନୂଆଦିଲ୍ଲୀ,୧୯।୬ (ଏଜେନ୍ସି): ଭାରତର ଫୁଟବଲ ଖେଳର ପରିଚାଳନା କରୁଥିବା ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ୍) ପକ୍ଷରୁ ୨୦୨୫-୨୬ କ୍ୟାଲେଣ୍ଡରରେ ଦେଶର ସର୍ବବୃହତ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)କୁ ସ୍ଥାନିତ କରାଯାଇ ନାହିଁ। ଏହା ଫଳରେ ଆଇଏସ୍ଏଲ୍‌ର ସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି। ଏହି ଟୁର୍ଣ୍ଣାମେଣ୍ଟରେ ଦର୍ଶକ ସଂଖ୍ୟା କମିବା, ଆଶା ଅନୁଯାୟୀ ଆର୍ଥିକ ଲାଭ ନ ମିଳିବା ଫଳରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ୨୦୧୪ରେ ଆରମ୍ଭ ହୋଇଥିବା ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଟୁର୍ଣ୍ଣାମେଣ୍ଟକୁ ଫୁଟବଲ ସ୍ପୋର୍ଟ୍ସ ଡେଭଲେପମେଣ୍ଟ ଲିମିଟେଡ୍ (ଏଫ୍ଏସ୍‌ଡିଏଲ୍) ଆରମ୍ଭ କରିଥିଲା। ୨୦୧୯ ବେଳକୁ ଏହା ଭାରତର ଶ୍ରେଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପରିଣତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ଲାଗି ହୋଇଥିବା ମାଷ୍ଟର ରାଇଟସ ଏଗ୍ରିମେଣ୍ଟ (ଏମ୍ଆର୍ଏ) ଗତ ଡିସେମ୍ବରରେ ଶେଷ ହୋଇଥିଲା। ଏହା ଏଯାଏ ପୁନଃପଞ୍ଜିକରଣ ହୋଇ ନାହିଁ। ଏଥିଲାଗି ଗତ ଏପ୍ରିଲରେ ଏଆଇଏଫ୍ଏଫ୍ କାର୍ଯ୍ୟନିର୍ବାହୀ କମିଟି ଏହାର ସମାଧାନ ଲାଗି ଏକ ୮ ଜଣିଆ ଟାସ୍କ ଫୋର୍ସ କମିଟି ଗଠନ କରିଥିଲା। କିନ୍ତୁ କମିଟି କୌଣସି ନିଷ୍ପତ୍ତିରେ ପହଞ୍ଚି ନାହିଁ। ଯାହା ଫଳରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଆଇଏଫ୍ଏଫ୍ ଦ୍ୱାରା ଘୋଷିତ କ୍ୟାଲେଣ୍ଡରରେ ଆଇଏସ୍ଏଲକୁ ସ୍ଥାନ ନ ମିଳିବା ଫଳରେ ଏଭଳି ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍।



### ଡବ୍ଲ୍ୟୁବିବିଏଲ୍ ଖେଳାଳି ଡ୍ରାଫ୍ଟ

## ଜେମିମାଙ୍କୁ ବଜାୟ ରଖିଲା ବ୍ରିସ୍‌ବେନ୍

ମେଲ୍‌ବୋର୍ଣ୍ଣ, ୧୯।୬ (ଏଜେନ୍ସି): ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେଉଥିବା ଟି-୨୦ କ୍ରିକେଟ୍ ପ୍ରତିଯୋଗିତା ମହିଳା ବିଗ୍ ବାସ୍ ଲିଗ୍ (ଡବ୍ଲ୍ୟୁବିବିଏଲ୍)ର ୧୧ତମ ସିଜନ ଲାଗି ଖେଳାଳି ଡ୍ରାଫ୍ଟ ପ୍ରକ୍ରିୟା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଖେଳାଳି ଡ୍ରାଫ୍ଟ ଜରିଆରେ ବିଭିନ୍ନ ଫ୍ରାଞ୍ଚାଇଜ ସେମାନଙ୍କ ଦଳ ପ୍ରସ୍ତୁତ କରିଛନ୍ତି। ଡବ୍ଲ୍ୟୁବିବିଏଲ୍-୧୧ ଲାଗି ମୋଟ୍ ୨୩ ଜଣ ବିଦେଶୀ ମହିଳା କ୍ରିକେଟର୍‌ଙ୍କୁ ବିଭିନ୍ନ ଫ୍ରାଞ୍ଚାଇଜ ଦଳରେ ସାମିଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଏକମାତ୍ର ଭାରତୀୟ ଭାବେ ଜେମିମା ରୋଡ୍ରିଗ୍ସେଜ ରହିଛନ୍ତି।



ବ୍ରିସବେନ୍ ହିଟ୍ ଦଳ ଜେମିମାଙ୍କୁ କ୍ରମାଗତ ଦ୍ୱିତୀୟ ସିଜନ ଲାଗି ଦଳରେ ସାମିଲ କରିଛି। ଡ୍ରାଫ୍ଟ ପ୍ରକ୍ରିୟାର ପ୍ରଥମ ରାଉଣ୍ଡରେ ମେଲ୍‌ବୋର୍ଣ୍ଣ ଷ୍ଟାର୍ସ ଜେମିମାଙ୍କୁ ନେଇଥିଲା। କିନ୍ତୁ ବ୍ରିସବେନ୍ ହିଟ୍ 'ରିଟେନସନ କାର୍ଡ' ବ୍ୟବହାର କରି ଜେମିମାଙ୍କୁ ଦଳରେ ରଖିବାରେ ସଫଳ ହୋଇଥିଲା। ଜେମିମା ଗତବର୍ଷ ଡବ୍ଲ୍ୟୁବିବିଏଲ୍‌ରେ ବ୍ରିସବେନ ପାଇଁ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ଥିଲେ। ସେ ୧୩୯ ଷ୍ଟ୍ରାଇକରେଟ୍‌ରେ ୨୬୭ ରନ ସଂଗ୍ରହ କରି ଦଳକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗୁରୁବାର ଡ୍ରାଫ୍ଟ ଜରିଆରେ ବିଭିନ୍ନ ଦଳରେ ସାମିଲ ହୋଇଥିବା ୨୩ଜଣ ବିଦେଶୀ ଖେଳାଳିଙ୍କ ମଧ୍ୟରୁ ଇଂଲଣ୍ଡର ସର୍ବାଧିକ ୧୨ଜଣ, ଦକ୍ଷିଣ ଆଫ୍ରିକାର ୫ଜଣ ଖେଳାଳି ରହିଛନ୍ତି।

### ପାଥୁମ ନିଶାଙ୍କାଙ୍କ ଶତକ

## ଶ୍ରୀଲଙ୍କାର ଦୃଢ଼ ଜବାବ

ଗଲ,୧୯।୬ (ଏଜେନ୍ସି):

ଓପନର ପାଥୁମ ନିଶାଙ୍କାଙ୍କ ଶତକ ଓ ଦ୍ୱିତୀୟ ୱିକେଟ ଯୋଡିରେ ଦିନେଶ ଚାଣ୍ଡିମଲଙ୍କ ସହ ୧୫୭ ରନ୍‌ର ଶତକୀୟ ଭାଗୀଦାରି ବଳରେ ଏଠାରେ ଚାଲିଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଘରୋଇ ଶ୍ରୀଲଙ୍କା ଦୃଢ଼ ଜବାବ ଦେଇଛି। ଏହି ଟେଷ୍ଟର ପ୍ରଥମ ପାଳିରେ ନାଜମୋଲ ହୋସେନ ସାଣ୍ଟୋଙ୍କ ୧୪୮ ଓ ମୁସ୍‌ଫିକର ରହିମଙ୍କ ୧୬୩ ରନ୍ ବଳରେ ବାଂଲାଦେଶ ୪୯୫ ରନ୍ କରିଥିଲା। ଜବାବରେ ପାଥୁମ ନିଶାଙ୍କାଙ୍କ ୧୮୭ ରନ୍‌ର ମାଷ୍ଟର ଶତକ ବଳରେ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ପ୍ରଥମ ଇନିଂସରେ ୪ୱିକେଟ ହରାଇ ୩୬୮ ରନ୍ ସଂଗ୍ରହ କରିଛି। ଏହି ସମୟରେ କାମିନ୍ଦୁ ମେଣ୍ଡିସ୍ ୩୭ ଓ ଧନଞ୍ଜୟ ଡି ସିଲ୍‌ଭା ୧୭ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ଲାହିରୁ ଉଦାରା ୨୯, ଦିନେଶ ଚାଣ୍ଡିମାଲ ୫୪ ଏବଂ କ୍ୟାରିୟର ଶେଷ ଟେଷ୍ଟ ଖେଳୁଥିବା ଆଞ୍ଜେଲୋ ମାଥ୍ୟୁସ ୩୯ ରନ୍ କରିଥିଲେ। ବାଂଲାଦେଶ ପକ୍ଷରୁ ହାସନ ମାମୁଦ୍, ତାଇଜୁଲ ଇସ୍‌ଲାମ, ନଇମ ହସନ ଓ ମୋମିନୁଲ ହକ୍ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ବାଂଲାଦେଶ ୯ ୱିକେଟରେ ୪୮୪ ରନ୍‌ରୁ ଖେଳ ଆରମ୍ଭ କରି ଆଉ ୧୧ ରନ୍ ଯୋଗ କରିବା ପରେ ୪୯୫ ରନ୍‌ରେ ଅଲଆଉଟ ହୋଇଥିଲା। ଶ୍ରୀଲଙ୍କା ପକ୍ଷରୁ ଅସିଥା ଫର୍ଣ୍ଣାଣ୍ଡୋ ସର୍ବାଧିକ ୪ଟି, ମିଲନ ପ୍ରିୟନାଥ ଓ ଥାରିନ୍ଦୁ ରତନାୟକେ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।



### ■ ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର୍

## ଆକ୍ରମଙ୍କୁ ହରାଇଲେ ସିଂଘାଲ

ଭୁବନେଶ୍ୱର,୧୯।୬ (ସମିସ): ଆଜିଠାରୁ ଆରମ୍ଭ ହୋଇଛି ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର ଟୁର୍ଣ୍ଣାମେଣ୍ଟ। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ରାଜ୍ୟ କନିଷ୍ଠ ଚାମ୍ପିଅନ ବିଶେଷ ସିଂଘାଲ ୩-୧ରେ ବରିଷ୍ଠ ଖେଳାଳି ଆକ୍ରମ ଖାନ୍‌ଙ୍କୁ ହରାଇ ପ୍ରଥମ ଦିନରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ସେହିପରି ଜ୍ଞାନ ଦାସ ମଧ୍ୟ ସୁନ୍ଦର ଖେଳ ପ୍ରଦର୍ଶନ କରି ଡବଲ ବିଜୟ ହାସଲ କରିଛନ୍ତି। ପ୍ରଥମ ମୁକାବିଲାରେ ସେ ୩-୦ରେ ଆରୋନ ଆନିୟାନଙ୍କୁ ଓ ଦ୍ୱିତୀୟ ମୁକାବିଲାରେ ଅବିନାଶ ମହାପାତ୍ରଙ୍କୁ ମଧ୍ୟ ୩-୦ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗା ମହାନ୍ତିଙ୍କୁ ଉଦ୍‌ଭାସ ମହାପାତ୍ର, ଜଗଦୀଶ ମହାନ୍ତିଙ୍କଚ କୁନାଲ ଅଗରୱାଲ, ଡକ୍ଟର ଅତନୁ ନାୟକଙ୍କୁ ନିଶି ଦାସ, ଅଶିତ୍ ଚୌଧୁରୀଙ୍କୁ ସତ୍ୟଦୀପ ଦାସ, ଚିରଞ୍ଜୀବ ସିଂହଙ୍କୁ ନିଶାନ୍ତ ବିଶ୍ୱାଳ, ଅମିୟ ରଞ୍ଜନ ନାୟକଙ୍କୁ ଶାରଦା ବେହେରା ଓ ମିଶାଲ ସ୍ୱାଇଁଙ୍କୁ ସିଦ୍ଧାର୍ଥ ସେନ୍ ପରାସ୍ତ କରି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି।



ଏହି ଟୁର୍ଣ୍ଣାମେଣ୍ଟ ବିଲିଆର୍ଡ୍ସ ଓ ସ୍ନୁକର ସଂଘ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ସ୍ଥାନୀୟ ସାଲିଆସାହିସ୍ଥିତ ଭିଣ୍ଟେଜ କ୍ଲବ୍ ପରିସରରେ ଆଜିଠାରୁ ଆରମ୍ଭ ହୋଇ ୨୨ ତାରିଖଯାଏ ଚାଲିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS